

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୨ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 12 September 2024

Vol.No. 35 ■ No.245 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବୁଡ଼ିଗଲେ ଦୁଇ ବନ୍ଧୁ: ଜଣେ ମୃତ,ଜଣେ ନିଖୋଜ

ଯାଜପୁର, ୧୧/୯ (ନି.ପ୍ର): ନଦୀରେ ଗାଧୋଉଥିବା ବେଳେ ବୁଡ଼ି ଗଲେ ଦୁଇ ସାଙ୍ଗ । ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି । ଘଟଣାଟି ଘଟିଛି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ନିକଟ ନାନପୁରରେ । ମୃତକଙ୍କ ନାଁ ଅଭିଜିତ ପାତ୍ର (୨୪) । ତାଙ୍କ ଘର ଭୁବନେଶ୍ୱରରେ । ନିଖୋଜ ଯୁବକଙ୍କ ନାଁ ଜ୍ୟୋତିରଞ୍ଜନ ପାଢ଼ୀ (୨୨) । ତାଙ୍କ ଘର ପଟ୍ଟାମୁଣ୍ଡାଇରେ । ଜ୍ୟୋତିରଞ୍ଜନ ତାଙ୍କ ସାଙ୍ଗ ଅଭିଜିତଙ୍କୁ ନେଇ ନାନପୁରରେ ଜଣେ ବନ୍ଧୁ ଘରକୁ ଆସିଥିଲେ । ଆଜି ଦୁହେଁ ସେଠାରେ ବିରୁପା ନଦୀରେ ଗାଧୋଉଥିବା ବେଳେ ବୁଡ଼ି ଯାଇଥିଲେ । ଅଭିଜିତଙ୍କୁ ଗ୍ରାମବାସୀ ଉଦ୍ଧାର କରିଥିଲେ । ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । କିନ୍ତୁ ସେମାନେ ଜ୍ୟୋତିରଞ୍ଜନଙ୍କୁ ପାଇନଥିଲେ । ଖବର ପାଇ ଚଣ୍ଡିଖୋଲରୁ ଦମକଳ ବାହିନୀ କର୍ମଚାରୀ ଆସି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ।

# ଆସିଲା ସିଏଜି ରିପୋର୍ଟ: ଫିଟିଲା ଗୁମର

■ ୭୮୨ କୋଟି ନେଇଗଲେ 'କାଳିଆ' ଅଯୋଗ୍ୟ ହିତାଧିକାରୀ

■ ସ୍କଲାରସିପ୍ ଦୁର୍ନୀତି: ମନଇଛା ଲୁଟିଛନ୍ତି ଶିକ୍ଷାନୁଷ୍ଠାନ ଓ ବିଭାଗୀୟ ଅଫିସର



ଭୁବନେଶ୍ୱର, ୧୧/୯ (ନି.ପ୍ର): ବିଧାନସଭାରେ ଉପସ୍ଥାପିତ ହେଲା ସିଏଜି ରିପୋର୍ଟ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ କରିଛନ୍ତି । ପ୍ରାଥମିକ ଭାବେ ମିଳିଥିବା ସିଏଜି ତଥ୍ୟ ଅନୁଯାୟୀ, ପୁରୀର ତତ୍କାଳୀନ ଜିଲ୍ଲାପାଳଙ୍କ ପାଇଁ ୮ କୋଟି ଟଙ୍କା କ୍ଷତି ହୋଇଥିବା ଦର୍ଶାଯାଇଛି ଉଇଏ ରିପୋର୍ଟରେ । ରାଜସ୍ୱ ବିଭାଗ ନୀତି ଅନୁସାରେ ସ୍କୁଲ, କଲେଜ ପାଇଁ ରିହାତି ଦରରେ ଜମି ମନା ଥିବାବେଳେ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ପୁରୀ ଜିଲ୍ଲାପାଳ ୫ ଏକର ଜମି ଲିଜ୍ ଦେଇଥିଲେ । ପୁରୀ ଜିଲ୍ଲାପାଳଙ୍କ ଏହି ଅନିୟମିତ କାର୍ଯ୍ୟ ପାଇଁ ୮.୪୭ କୋଟି ରାଜସ୍ୱ ହାନୀ ଘଟିଥିଲା । ସିଏଜି ରିପୋର୍ଟରେ ଫିଟିଲା ବଡ଼ ଗୁମର । ଅଯୋଗ୍ୟ କାଳିଆ ହିତାଧିକାରୀ ନେଇଗଲେ ୭୮୨ କୋଟି ଟଙ୍କା । କାଳିଆ ନେଇ ସିଏଜି ରିପୋର୍ଟରେ ଆଖି ତରାଟିଲା ଭଳି ତଥ୍ୟ ଆସିଛି । ୨୦୧୯ରୁ ୨୧ ମଧ୍ୟରେ ୬୫.୬୪ ଲକ୍ଷ ହିତାଧିକାରୀଙ୍କୁ କାଳିଆ ଟଙ୍କା ଦେଇଥିଲେ । ୪୧.୬୪ ଲକ୍ଷ ହିତାଧିକାରୀଙ୍କୁ ୩ ଥର, ୮.୦୯ ଲକ୍ଷଙ୍କୁ ୨ ଥର ଟଙ୍କା ମିଳିଛି । ୧୫ ଲକ୍ଷ ୯୧ ହଜାର ହିତାଧିକାରୀଙ୍କୁ କେବଳ ଥରଟିଏ କିସ୍ତି ଟଙ୍କା ମିଳିଛି । ଯୋଜନା କାର୍ଯ୍ୟକାରୀ ବେଳେ ୯.୭୬ ଲକ୍ଷ ଅଯୋଗ୍ୟ ହିତାଧିକାରୀ ମିଳିଥିଲେ । ପରେ ଡାଟାବେସ୍ ବିଶ୍ଳେଷଣ ବେଳେ ଆଉ ୨.୯୬ ଲକ୍ଷ ଅଯୋଗ୍ୟ ମିଳିଥିଲେ । ଏମିତି ମୋଟ ୧୨.୭୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ କିସ୍ତି ପାଇଯାଇଥିଲେ । ଏହି ୧୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ ୭୮୨ କୋଟି ନେଇଯାଇଥିଲେ । ସେମିତି ତାଲିମ ନଦେଇ ୧୪.୦୪ ଭୂମିହୀନ କୃଷି ଶ୍ରମିକଙ୍କୁ ଟଙ୍କା ଦେଇଥିଲେ । ୧୪.୦୪ ଭୂମିହୀନ କୃଷି ଶ୍ରମିକ ୩ଟି କିସ୍ତି ଟଙ୍କା ପାଇଯାଇଥିଲେ । ସେହିପରି ବାଙ୍ଗିରିପୋଷି ତହସିଲଦାରଙ୍କ ପାଇଁ ୧୦ କୋଟିର ରାଜସ୍ୱ ଅନାଦେୟ ରହିଛି । ଲଘୁ ଖଣିଜ ପଦାର୍ଥ ଲିଜ୍ ଧାରୀଙ୍କଠାରୁ ଅଗ୍ରୀମ ରୟାଲିଟି ଆଦାୟ କରିବା କଥା । ବାଙ୍ଗିରିପୋଷି ତହସିଲଦାର କିନ୍ତୁ ୧୦.୩୫ କୋଟି ଆଦାୟ କରିନଥିଲେ ।ତହସିଲଦାରଙ୍କ ପାଇଁ ୧୦ କୋଟି ୩୫ ଲକ୍ଷ ରାଜସ୍ୱ ଆଦାୟ ହୋଇପାରିନଥିବା ଉଇଏ ରିପୋର୍ଟରେ ଦର୍ଶାଯାଇଛି । ଅନ୍ୟପଟେ ଜାଲ୍ ପ୍ରମାଣପତ୍ରରେ କେମିତି ଛାତ୍ର ବୃତ୍ତି ହଡ଼ପ କରାଯାଇଛି ତାହାର ମଧ୍ୟ ଗୁମର ଖୋଲିଛି ସିଏଜି ରିପୋର୍ଟ । ୯୭ ଲକ୍ଷ ଟଙ୍କାର ବୃତ୍ତି ଟଙ୍କା ହଡପ୍ କରାଯାଇଥିବା ଦର୍ଶାଯାଇଛି । ଜାଲ୍ ପ୍ରମାଣପତ୍ରରେ

▶▶ପୃଷ୍ଠା ୭

## ବରଗଡ଼ ଜିଲ୍ଲାପାଳଙ୍କୁ ମିଠା ପ୍ୟାକେଟ୍‌ରେ ଟଙ୍କା ଦେଇ ବନ୍ଧାହେଲେ ସିମେଣ୍ଟ କଂପାନୀ ଅଧିକାରୀ



ବରଗଡ଼ , ୧୧/୯ (ନି.ପ୍ର): ବରଗଡ଼ ଜିଲ୍ଲାପାଳଙ୍କୁ ମିଠା ପ୍ୟାକେଟ୍‌ରେ ଟଙ୍କା ଦେଇ ବନ୍ଧା ହୋଇଛନ୍ତି ଛତିଶଗଡ଼ର ଏକ ସିମେଣ୍ଟ କମ୍ପାନୀର ଚିଫ୍ ମାନୁଫ୍ୟାକ୍ଚରିଂ ଅଫିସର (ସିଏମ୍‌ଓ) ରାମଭବ ଗଟ୍ଟୁ । ସରକାରୀ କର୍ମଚାରୀଙ୍କୁ ପ୍ରରୋଚିତ ଉଦ୍ୟମ ପାଇଁ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ରାମଭବ ଗଟ୍ଟୁ ଆଜି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କୁ ଭେଟିବାକୁ ଆସିଥିଲେ । ସେହି ସମୟରେ ସେ ଜିଲ୍ଲାପାଳଙ୍କୁ ଏକ ଫୁଲତୋଡ଼ା ସହିତ ଏକ ମିଠା ପ୍ୟାକେଟ୍ ଜିଲ୍ଲାପାଳଙ୍କୁ ଦେଇଥିଲେ । ମିଠା ପ୍ୟାକେଟ୍‌କୁ ଦେଖି ଜିଲ୍ଲାପାଳଙ୍କର ସନ୍ଦେହ ହୋଇଥିଲା । ମିଠା ପ୍ୟାକେଟ ଖୋଲିବାକୁ ଜିଲ୍ଲାପାଳ ତାଙ୍କ ପିଅନଙ୍କୁ କହିଥିଲେ । ମିଠା ପ୍ୟାକେଟ୍ ଭିତରେ ୪ଟି ୫୦୦ ଟଙ୍କିଆ ନୋଟ୍ ବଣ୍ଡଲ ଥିଲା । ତେଣୁ ରାମଭବ ଗଟ୍ଟୁଙ୍କୁ ଅଟକ ରଖି ଜିଲ୍ଲାପାଳ ଭିଜିଲାନ୍ସକୁ ଖବର ଦେଇଥିଲା । ଭିଜିଲାନ୍ସ ଟିମ୍ ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚି ମିଠା ପ୍ୟାକେଟ୍‌ଟିକୁ ଜବତ କରିଥିଲା । ତା' ଭିତରେ ମୋଟ ୨ ଲକ୍ଷ ଟଙ୍କା ଥିଲା ।

# ମଙ୍ଗଳବାର ଓଡ଼ିଶା ଆସିବେ ମୋଦି



ଭୁବନେଶ୍ୱର, ୧୧/୯ (ନି.ପ୍ର): ଆସନ୍ତା ୧୭ ତାରିଖ ଅର୍ଥାତ୍ ମଙ୍ଗଳବାର ଦିନ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଭୁବନେଶ୍ୱରର ଜନତା ମଇଦାନରେ ସେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ । ଏହାସହ ପ୍ରଧାନମନ୍ତ୍ରୀ ଆଉ କିଛି ଜନ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ/ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଗସ୍ତସୂଚୀ ଅନୁଯାୟୀ, ପୂର୍ବାହ୍ନ ୧୧ଟା ୩୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ୧୧ଟା ୪୦ରେ ସେ ବିମାନବନ୍ଦର ଛାଡ଼ିବେ । ୧୧ଟା ୫୫ରେ ଜନତା ମଇଦାନରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ । ଦିନ ୧୨ଟାରୁ ୧ଟା ପର୍ଯ୍ୟନ୍ତ ସେ ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ଏବଂ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ/ଉଦ୍‌ଘାଟନ/ଲୋକାର୍ପଣ କରିବେ । ୧ଟା ୫ ମିନିଟରେ ପ୍ରଧାନମନ୍ତ୍ରୀ ଜନତା ମଇଦାନରୁ ବିମାନବନ୍ଦର ଅଭିମୁଖେ ଯାତ୍ରା କରିବେ । ୧ଟା ୨୫ ମିନିଟରେ ସେ ସେଠାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ ।

## ସାବଧାନ: ଠକୁଛନ୍ତି ସୁନା ଦୋକାନୀ, ୫ ମାସରେ ଧରା ପଡ଼ିଛନ୍ତି ୧୧୬ ଅସାଧୁ ବ୍ୟବସାୟୀ



ଭୁବନେଶ୍ୱର, ୧୧/୯ (ନି.ପ୍ର): ସୁନା କିଣିବା ବେଳେ ହୁସିଆର ! ନହେଲେ ଚୂନ ଲଗାଇଦେବେ ଦୋକାନୀ । ସୁନାର ମାନ, ଓଜନ ଓ ଅନ୍ୟାନ୍ୟ ଅନିୟମିତତା କରି ଠକିବାକୁ ଅନାଇ ବସିଛନ୍ତି ଅନେକ ଅସାଧୁ ବ୍ୟବସାୟୀ । ଗତ ୫ ମାସ ମଧ୍ୟରେ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ୩ ହଜାର ୧୨୫ଟି ରେଡ୍ କରାଯାଇଥିବା ବେଳେ ରୁଜୁ ହୋଇଛି ୧୧୬ଟି ମାମଲା । ଏଥିସହ ଅନିୟମିତତା ବାବଦକୁ ଆଦାୟ ହୋଇଛି ୩ ଲକ୍ଷ ୧୩ ହଜାର ୮୦୦

▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ



ଗଞ୍ଜାମ, ୧୧/୯ (ନି.ପ୍ର): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଆଜି ଭିଜିଲାନ୍ସ ପକ୍ଷରୁ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ (ସିଭିଲ) ପ୍ରସନ୍ନ କୁମାର ସ୍ୱାଇଁଙ୍କ ଘରେ ଚଢ଼ାଉ କରାଯାଇଥିବା ବେଳେ ତାଙ୍କର ୬ଟି ବହୁତଳ କୋଠା ଠାବ କରାଯାଇଛି । ସେଥିରୁ ୨ଟି ୪ ମହଲା ବିଶିଷ୍ଟ ହୋଇଥିବା ବେଳେ ୨ଟି ୩ ମହଲା ଓ ଆଉ ୨ଟି ୨ ମହଲା ବିଶିଷ୍ଟ କୋଠା । ଏହା ବ୍ୟତୀତ ତାଙ୍କର ୫ଟି ବାସୋପଯୋଗୀ ପ୍ଲଟ ଅଛି । ବ୍ରହ୍ମପୁରର ତୁଳସୀ ନଗରରେ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କର ଏକ ୪ ମହଲା କୋଠା ଅଛି । ୯ ହଜାର ବର୍ଗଫୁଟ୍‌ରେ ନିର୍ମିତ ଏହି କୋଠାର ମୂଲ୍ୟ ପ୍ରାୟ ୨ କୋଟି ୪୦ ଲକ୍ଷ ଟଙ୍କା ହେବ । ଭଞ୍ଜନଗରର ବାଗ୍‌ଦେବୀ ରୋଡ୍‌ରେ ତାଙ୍କର ଆଉ ଏକ ୪ ମହଲା କୋଠା ଅଛି । ୬ ହଜାର ବର୍ଗଫୁଟ୍‌ରେ ତିଆରି ହୋଇଛି ଏହି ୪ ମହଲା କୋଠା । ସେହି ବାଗ୍‌ଦେବୀ ରୋଡ୍‌ରେ ଇଞ୍ଜିନିୟର ଶ୍ରୀ ସ୍ୱାଇଁଙ୍କର ଏକ ୩ ମହଲା କୋଠା ମଧ୍ୟ ଅଛି । ୩୦୦୦ ବର୍ଗଫୁଟରେ ତିଆରି ହୋଇଛି ଏହି କୋଠା । ସେହିଭଳି ଭଞ୍ଜନରରେ ତାଙ୍କର ଆଉ ଏକ ତିନି ମହଲା କୋଠା ଅଛି, ଯାହା ୨୫୦୦ ବର୍ଗଫୁଟରେ ନିର୍ମିତ ହୋଇଛି । ଭଞ୍ଜନଗରର ଲୁଡୁଲୁଡିରେ ତାଙ୍କର

▶▶ପୃଷ୍ଠା ୭

# ନିର୍ମାଣ ଶ୍ରମିକଙ୍କ ପାଇଁ ଖୁସି ଖବର: ବଢ଼ିଲା ସହାୟତା ରାଶି



ଭୁବନେଶ୍ୱର, ୧୧/୯ (ନି.ପ୍ର): ନିର୍ମାଣ ଶ୍ରମିକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା । ବଢିଲା ନିର୍ମାଣ ଶ୍ରମିକଙ୍କ ପାଇଁ ସହାୟତା ରାଶି । ଦୁର୍ଘଟଣାରେ ମୃତ୍ୟୁ ହେଲେ ପରିବାର ଲୋକଙ୍କୁ ମିଳିବ ୬ ଲକ୍ଷର ସହାୟତା ରାଶି । ସେହିପରି ସ୍ୱାଭାବିକ ମୃତ୍ୟୁ ହେଲେ ୩ ଲକ୍ଷର ସହାୟତା ରାଶି ମିଳିବ । ଲୋକସଭା ଭବନରେ ଆୟୋଜିତ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ଏହି ଘୋଷଣା କରିଛନ୍ତି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ପଞ୍ଜିକୃତ ନିର୍ମାଣ ଶ୍ରମିକ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଶ୍ରମ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଓ ମୁଖ୍ୟ ଶାସନ ସଚିବ ଉପସ୍ଥିତ ଥିଲେ । ରାଜ୍ୟରେ ୪୩ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି । ୩ ହଜାର ୬୧୦ କୋଟି ଟଙ୍କାର ସହାୟତା ଦିଆଯାଉଛି । ରାଜ୍ୟରେ ୪୩ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି । ମାସକ ତଳେ ସହାୟତା ରାଶିକୁ ବୃଦ୍ଧି କରାଯାଇଥିଲା । ଶିକ୍ଷାବୃତ୍ତି ସହାୟତା ୨ ହଜାରରୁ ୪ ହଜାର ଟଙ୍କା ଯାଏ ମିଳୁଛି । ଏହାସହ ବିଧବା ସହାୟତା ୫୦ ହଜାର ଓ ପ୍ରସୂତୀକାଳୀନ ସହାୟତା ୧୦ ହଜାର ଟଙ୍କା ଓ ମୃତ୍ୟୁ କାଳୀନ ସହାୟତା ୨ ରୁ ୪ ଲକ୍ଷ ଟଙ୍କାପର୍ଯ୍ୟନ୍ତ ପ୍ରଦାନ କରାଯାଉଛି ।

# ଜେଲରୁ ବାହାରିଲେ ସାଂସଦ ଇଞ୍ଜିନିୟର ରଶିଦ

ନୂଆଦିଲ୍ଲୀ, ୧୧/୯ : ତିହାର ଜେଲରୁ ମୁକୁଳିଛନ୍ତ ବାରମୁଲ୍ଲାର ସାଂସଦ ଶେଖ ଅବଦୁଲ ରଶିଦ ଓରଫ ଇଞ୍ଜିନିୟର ରଶଦି । ଟେରର ଫଣ୍ଡିଂ କେସ୍‌ରେ ଗିରଫ ହୋଇ ଜେଲରେ ଥିବା ଇଞ୍ଜିନିୟର ରଶିଦଙ୍କୁ ଅକ୍ଟୋବର ୨ ଯାଏ ଦିଲ୍ଲୀ ହାଇକୋର୍ଟ ଜାମିନ ଦେଇଥିଲେ । ଉକ୍ତ ଜାମିନ ପରେ ଆଜି ସେ ତିହାର ଜେଲରୁ ମୁକୁଳୁଛନ୍ତି । ଜେଲରେ ରହି ଲୋକସଭା ନିର୍ବାଚନ ଲଢ଼ିବା ସହ ବାରମୁଲ୍ଲାରେ ଇଞ୍ଜିନିୟର ରଶିଦ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ । ଆଜି ସେ ଜେଲରୁ ମୁକୁଳିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି ।

▶▶ପୃଷ୍ଠା ୭

## ବରଗଡରେ ସପ୍ତାହେ ମଧ୍ୟେର ୩ ସ୍କ୍ରବ ଟାଇଫସ ଆକ୍ରାନ୍ତଙ୍କ ମୃତ୍ୟୁ

ବରଗଡ଼, ୧୧/୯ (ନି.ପ୍ର): ବରଗଡ଼ରେ ସ୍କ୍ରବ ଟାଇଫସ ଆତଙ୍କ । ସପ୍ତାହେ ମଧ୍ୟରେ ଏଠାରେ ୩ ଜଣ ସ୍କ୍ରବ ଟାଇଫସ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଏହି ୩ ମୃତକ ବରଗଡ଼ର ଏକ ଘେରାଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଉକ୍ତ ଘେରାଇ ହସ୍ପିଟାଲେର ଆଉ ୪ ଜଣ ସ୍କ୍ରବ ଟାଇଫସ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ସୂଚନା ମିଳିଛି । ସ୍କ୍ରବ ଟାଇଫସେର ଆକ୍ରାନ୍ତ ହୋଇ ଗତ ସୋମବାର ପ୍ରାଣ ହରାଇଥିଲେ ଅମ୍ଭାଭୋନା ବ୍ଲକ ବୁଙ୍ଗା ପାଲି ଗାଁର ଚାଷୀ ସେରାଜ ପ୍ରଧାନ (୪୨) । ସେହିପରି ମଙ୍ଗଳବାର (ଗତକାଲି) ପଦ୍ମପୁରର ୭୦ ବର୍ଷୀୟା ସଖୀ ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ବେଳ ଆଜି ପଦ୍ମପୁରର ଶିଖା ରଣା(୧୬)ଙ୍କ ମୃତ୍ୟୁ ହୋଇଛି । ସ୍କ୍ରବ ଟାଇଫସେର ୩ ଜଣଙ୍କ ମୃତ୍ୟୁ କଥା ସତ ବୋଲି ସ୍ପଷ୍ଟ କରିଛନ୍ତି ବରଗଡ଼ ସିଡିଏମ୍‌ଓ ନିରୁପମା ଷଡ଼ଙ୍ଗୀ । ସେ କହିଛନ୍ତି ଯେ ଏ ନେଇ ତଦନ୍ତ କରାଯାଇଥିଲା । ଘେରାଇ ଡାକ୍ତରଖାନାରେ ସ୍କ୍ରବ ଟାଇଫସେର ଆକ୍ରାନ୍ତ ୩ ଜଣଙ୍କ ମୃତ୍ୟୁ କଥା ସତ ।

# ଆୟୁଷ୍ମାନ ଭାରତକୁ ନେଇ ବଡ଼ ଘୋଷଣା କଲେ କେନ୍ଦ୍ର ସରକାର



ନୂଆଦିଲ୍ଲୀ, ୧୧/୯ : ସ୍ୱାସ୍ଥ୍ୟ ବୀମା ଯୋଜନା ଆୟୁଷ୍ମାନ ଭାରତକୁ ନେଇ ଆଜି ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର ସରକାର । ଏଣିକି ଆୟୁଷ୍ମାନ ଭାରତ ଯୋଜନାରେ ଯୋଡ଼ି ହେବେ ନୂଆ ହିତାଧିକାରୀ । ଏବେ ୭୦ ବର୍ଷ ବୟସ୍କ ସବୁ ଲୋକ ଆୟୁଷ୍ମାନ ଭାରତ ଯୋଜନାରେ ମାଗଣା ଚିକିତ୍ସା ସେବାର ସୁବିଧା ପାଇବେ । ସେମାନଙ୍କ ଆର୍ଥିକ ସ୍ଥିତି ଯାହା ହେଉ ନା କାହିଁକି, ସେମାନେ ଆୟୁଷ୍ମାନ ଭାରତର ଫାଇଦା ହାସଲ କରିପାରିବେ । ଏନେଇ ଆଜି କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଆଜି

▶▶ପୃଷ୍ଠା ୭

# 'ଶିଖ' ବୟାନ ପାଇଁ ରାହୁଲ ଗାନ୍ଧିଙ୍କ ଘର ଆଗରେ ବିକ୍ଷୋଭ



ନୂଆଦିଲ୍ଲୀ, ୧୧/୯ : ବିଜେପି ସମର୍ଥିତ ଗୋଟିଏ ଶିଖ ସଂଗଠନ ଆଜି ଦିଲ୍ଲୀ ସ୍ଥିତ କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ଘର ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଭାରତରେ ରହୁଥିବା ଶିଖମାନଙ୍କ ଅବସ୍ଥା ସମ୍ପର୍କରେ ଆମେରିକାରେ ରାହୁଲ ଦେଇଥିବା ବୟାନକୁ ବିରୋଧ କରି ଉକ୍ତ ସଂଗଠନର ସଦସ୍ୟମାନେ ନାରାବାଜୀ କରିଛନ୍ତି । ବିକ୍ଷୋଭକାରୀମାନେ ଜନପଥରେ ଥିବା ବ୍ୟାରିକେଡ ଭାଙ୍ଗି ରାହୁଲଙ୍କ ବାସଭବନ ଆଡ଼କୁ ଯିବାକୁ ଚାହୁଁଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା । ଏହାକୁ ନେଇ ପୁଲିସ୍ ସହ ସେମାନଙ୍କର ବେଶ ଧସ୍ତାଧସ୍ତି ହୋଇଛି । ଭାରତରେ ଧାର୍ମିକ ସ୍ୱାଧୀନତା ସମ୍ପର୍କରେ ରାହୁଲ ଗାନ୍ଧି ଆମେରିକାରେ ମତ ରଖିଥିଲେ । ସେ କହିଥିଲେ ଯେ ଭାରତରେ ଶିଖମାନେ ପଗଡ଼ି ପିନ୍ଧି ପାରିବେ କି ନାହିଁ କିମ୍ବା କଡ଼ା ପିନ୍ଧି ପାରିବେ କି ନାହିଁ, ତା'କୁ ନେଇ ଲଢ଼େଇ ଚାଲିଛି । ଜଣେ ଶିଖ ହିସାବରେ ଗୁରୁଦ୍ୱାରା ଯାଇ ପାରିବେ କି ନାହିଁ, ବର୍ତ୍ତମାନ ସେହି ଲଢ଼େଇ ଚାଲିଛି । ଏହି ଲଢ଼େଇ କେବଳ ଶିଖମାନଙ୍କ ପାଇଁ ନୁହେଁ, ସବୁ ଧର୍ମାବଲମ୍ବୀଙ୍କ କ୍ଷେତ୍ରରେ ଘଟୁଛି ବୋଲି ରାହୁଲ ମତ ରଖିଥିଲେ ।

▶▶ପୃଷ୍ଠା ୭

# ମାଲକାନଗିରି ଜିଲ୍ଲା ଲଗାଣ ବର୍ଷା ସ୍ଥିତି ନେଇ ସମୀକ୍ଷା, ବିଜୁଳି ସଂଯୋଗୀକରଣ ଓ ପାନୀୟ ଜଳ ଯୋଗାଣକୁ ପ୍ରାଥମିକତା ଦେଲେ ରାଜ୍ୟ ପ୍ରତିନିଧି ଦଳ

ମାଲକାନଗିରି, ୧୦/୯ (ନି.ପ୍ର): ଲଗାଣ ବର୍ଷା। ନେଇ ରାଜ୍ୟ ସରକାରଙ୍କ ଏକ ପ୍ରତିନିଧି ଦଳ ମାଲକାନଗିରି ଗସ୍ତ କରିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ପ୍ରମୁଖ ଶାସନ ସଚିବ, ବିଷ୍ଣୁପଦ ସେଠୀ, ଅଗ୍ନିଶମ ବିଭାଗ ଡିଜି, ଡ଼ଃ ସୁଧାଂଶୁ ଷଡ଼ଙ୍ଗୀ ଓ ଦକ୍ଷିଣାଂଚଳ ପୋଲିସ ଡିଆଇଜି, ଚରଣ ସିଂ ମୀନା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ପରିସ୍ଥିତି ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲାପାଳ , ଆଶିଷ ଈଶ୍ୱର ପାଟିଲ ଓ ଆରକ୍ଷୀ ଅଧିକ୍ଷକ, ନୀତେଶ ୱାଧୱାନୀ ଲଗାଣ ବର୍ଷାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି ସଂପର୍କରେ ପ୍ରତିନିଧି ଦଳଙ୍କୁ ଅବଗତ କରାଇଥିଲେ।ପ୍ରାଥମିକତା ଭିତ୍ତିରେ ବିଜୁଳି ସଂଯୋଗିକରଣ, ପାନୀୟ ଜଳ ଯୋଗାଣ ଓ ପ୍ରାଣୀ ସମ୍ପଦଙ୍କ ନିମନ୍ତେ ପଦକ୍ଷେପ ନେବା ପାଇଁ ଶ୍ରୀ ସେଠୀ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତଙ୍କୁ ଅନୁକମ୍ପା ମୂଳକ ସହାୟତା ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ସେହିପରି ଜିଲ୍ଲାରେ ସଂପୂର୍ଣ୍ଣ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଓଡ୍ରା' ଦଳ ସେବା ପ୍ରଦାନ କରିବେ ବୋଲି ଅଗ୍ନିଶମ ଡିଜି ସୂଚନା ଦେଇଛନ୍ତି। ଏହି ସମ୍ବେଦନଶୀଳ ସ୍ଥିତି ନେଇ ରାଜ୍ୟ ସରକାର ଅନବରତ ଦୃଷ୍ଟି ରଖିଛନ୍ତି ବୋଲି ଡ଼ଃ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ନିଷ୍ଠାପର ଭାବେ ସେବା ପ୍ରଦାନ କରିଥିବା ଅଗ୍ନିଶମ କର୍ମଚାରୀଙ୍କୁ ରାଜ୍ୟ ସ୍ତରରେ ପୁରସ୍କୃତ କରାଯିବ ବୋଲି ମ୍ଭ ସେ ସୂଚନା ଦେଇଛନ୍ତି। ଏହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଅଧିକ ଆବଶ୍ୟକୀୟ ମାନବ ସମ୍ବଳ ଓ ଯନ୍ତ୍ରପାତି ଯୋଗାଇ ଦିଆଯିବ। ସୂଚନା ଥାଉ କି ୪୪୩ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ୍ ଯୋଗାଇ ଦିଆଯାଇଛି। ସେହିପରି ୫୪ ଜଣ ଗର୍ଭବତୀ ମାଆ ମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବାହିନୀ ଦ୍ୱାରା ୨୭ ଜଣଙ୍କୁ ଉଦ୍ଧାର ସହିତ ୧୭୫ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲାରେ ୬ ଟି ଓଡରା' ଦଳକୁ ମୁତୟନ କରାଯାଇଛି। ସେହିପରି ୫ଟି ଅଗ୍ନିଶମ ଦଳ ଉଦ୍ଧାର କାର୍ଯ୍ୟରେ ନ୍ୟସ୍ତ ଥିବା ବେଳେ ୩ ଟି ଦଳ ରାସ୍ତା ସଫେଇ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏହି ସମ୍ବେଦନଶୀଳ ପରିସ୍ଥିତିରେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଓ ମୁକାବିଲା ନିମନ୍ତେ ରାଜ୍ୟ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାର ଜନସାଧାରଣଙ୍କ ସହଯୋଗ ନିମନ୍ତେ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମ୍ଭରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ନରେଶ ଚନ୍ଦ୍ର ଶବର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ତପନ ନାରାୟଣ ରଥ ଉପସ୍ଥିତ ଥିଲେ।

# ଭିଏସଏସ ଇଣ୍ଡୋର ବ୍ୟାଡ଼ମିଂଟନ ହଲ ସମସ୍ୟା ଓ ଟେବୁଲ ଟେନିସ କୋର୍ଟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର

ସମ୍ବଲପୁର, ୧୧/୦୯ (ନି.ପ୍ର): ଦୀର୍ଘ ବର୍ଷ ଧରି ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ବ୍ୟାଡ଼ମୀଣ୍ଟନ ହଲର ସମସ୍ୟା ବଢ଼ି ଚାଲିଛି ହେଲେ କୌଣସି ସମାଧାନ ବ୍ୟବସ୍ଥା ହେଉନାହିଁ କ୍ଷ ଆଗରୁ ଯାହା କିଛି ସ୍ଥାନୀୟ ସ୍ତରରେ କାର୍ଯ୍ୟ ହେଉଥିଲା ହେଲେ ଗତ ବିଜେଡି ସରକାର ଦ୍ୱାରା 'ପେ ଏଣ୍ଡ ପ୍ଲେ' ଏପ ବ୍ୟବସ୍ଥା ପ୍ରଚଳନ ହେଲା ପରେ ସାରା ଓଡିଶା ରେ ସରକାରୀ ସ୍ତରରେ ପରିଚାଳିତ କ୍ରୀଡା ରେ ସବଡ଼ିଭିଜନ ଅଂଚଳର ୩ଶହ ଟଙ୍କା, ଜିଲ୍ଲା ମୁଖ୍ୟାଳୟ ରେ ୫ଶହ ଟଙ୍କା ଓ ମହାନଗର ଅଂଚଳରେ ୮ଶହ ଟଙ୍କା ଅଗ୍ରିମ ଭାବରେ ଖେଳାଳିଙ୍କ ଠାରୁ ଅନଲାଇନ ମାଧମ ରେ ରାଜ୍ୟ ଟ୍ରେଜେରି ରେ ଜମା ହେଉଛି କ୍ଷ ଏହି ପ୍ରସଙ୍ଗରେ ସମ୍ବଲପୁର ଆମର ବ୍ୟାଡ଼ମିଂଟନ କ୍ଲବ ପକ୍ଷରୁ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜସ୍ୱ ଓ ବିପର୍ଯକ୍ଷୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ। ବର୍ତମାନ ଖେଳ ପ୍ରତି ଶିଶୁ, ଯୁବକ ଠାରୁ ବୟସ୍କ ଯାଏ ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେଉଥିବା ବେଳେ, ସରକାର ମଧ ଖେଳ ଓ ଖେଳାଳିଙ୍କର ପ୍ରୋତ୍ସାହନ ପ୍ରତି ଅଗ୍ରାଧିକାର ଦେବାକୁ ସଂଯୋଜକ ଶ୍ରୀ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ଏହି ସ୍ମାରକ ପତ୍ରରେ ନିବେଦନ ଜଣାଇଛନ୍ତି। ବ୍ୟାଡ଼ମୀଂଟନ କ୍ଲବ ସଂଯୋଜକ ଶ୍ରୀ ପାଣିଗ୍ରାହୀ ଏହି ଦାବିପତ୍ରରେ ଜଣାଇଛନ୍ତି ଯେ 'ପେ ଏଣ୍ଡ ପ୍ଲେ' ଆପ ରେ ଖେଳାଳି ଙ୍କ ଦ୍ୱାରା ଜମା କରୁଥିବା ଅର୍ଥ ରାଜ୍ୟ ଟ୍ରେଜେରି କୁ ଚାଲିଯିବ ଦ୍ୱାରା ସ୍ଥାନୀୟ ସ୍ତର ରେ କୌଣସି ସମସ୍ୟାର ବି ସମାଧାନ ହୋଇପାରୁନାହିଁ। ଏହି ଇଣ୍ଡୋର ହଲରେ ଥିବା ଜେନେରେଟର ମଧ ମରାମତି ମଧ୍ୟ ହୋଇପାରୁନାହିଁ। ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କର ନେତୃତ୍ୱାଧୀନ କେନ୍ଦ୍ର ସରକାର 'ଖେଲୋ ଇଣ୍ଡିଆ' ମାଧମ ରେ କ୍ରୀଡା ର ବିକାଶ ଓ ପ୍ରୋତ୍ସାହନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ଆମ ରାଜ୍ୟରେ 'ପେ ଏଣ୍ଡ ପ୍ଲେ' ଆପ ମାଧ୍ୟମରେ ଖେଳାଳି ଙ୍କ ଠାରୁ ଏତେ ମାତ୍ରାରେ ଅର୍ଥ ଆଦାୟ କାହିଁକି? ତେଣୁ ଯଥାଶୀଘ୍ର ଏହି 'ପେ ଏଣ୍ଡ ପ୍ଲେ' ଆପ୍‌କୁ ପ୍ରତ୍ୟାହାର କରିବାକୁ ଶ୍ରୀ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି। ଏହି ଦାବିପତ୍ରରେ ଶ୍ରୀ ପାଣିଗ୍ରାହୀ ଖେଳାଳୀଙ୍କ ସୁବିଧା ପାଇଁ ଏହି ଇଣ୍ଡୋର ହଲକୁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରିବା ସହ ଏହି ଇଣ୍ଡୋର ହଲ ପରିସରରେ ଏକ ଟେବୁଲ ଟେନିସ କୋର୍ଟର ବ୍ୟବସ୍ଥା କରିବା ସହ ପୁରୁଷ ଓ ମହିଳାଙ୍କ ସୁବିଧା ପାଇଁ ପୃଥକ ଭାବରେ ଚେଞ୍ଜିଙ୍ଗ ରୁମ ନିର୍ମାଣ କରିବାକୁ ଦାବି ଜଣାଇଛନ୍ତି।

# ୭୧ ଦିନରେ କାଗଜ କଳ ଶ୍ରମିକଙ୍କ ଧାରଣା

ଜୟପୁର, ୧୧/୦୯ (ନି.ପ୍ର): ଜୟପୁର ସେବା କାଗଜ କଳର ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ଦାବି କରି ମୁହଁରେ କଳା ପଟି ବାନ୍ଧି କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ଚାଲିଥିବା ଧାରଣା ୭୧ ଦିନରେ ପହଂଚିଛି। ଏହି ଧାରଣା ଜୁଲାଇ ଏକ ତାରିଖରୁ ଆରମ୍ଭ ହୋଇଛି। ପ୍ରକାଶ ଯୋଗ୍ୟ ଯେ, ୨୦୧୮ ମସିହାରୁ ଅବସରପ୍ରାପ୍ତ ଶ୍ରମିକ ମାନେ ସେମାନଙ୍କ ବକେୟା ପାଉଣା, ଗ୍ରାଚ୍ୟୁଇଟି ପିଏଫ୍ ପେନସନ ଆଦି ପାଇ ନାହାଁନ୍ତି। ମୃତ ଶ୍ରମିକଙ୍କ ପରିବାରର ସଦସ୍ୟଙ୍କୁ ମଧ ପ୍ରାପ୍ୟ ମିଳିନାହିଁ।

୨୦ ତାରିଖରୁ କାରଖାନା ସମ୍ପୂର୍ଣ୍ଣ ବନ୍ଦ ରହିଛି। କାର୍ଯ୍ୟରତ ଶ୍ରମିକ ମାନଙ୍କୁ ପାଂଚ ମାସ ହେଲା ଦରମା ନାହିଁ। ଆଜି ସୁଦ୍ଧା ଦରମା ହାର ଏବଂ ଶ୍ରମିକଙ୍କ ଚାକିରି ସର୍ତ୍ତାବଳୀ ସୁଧାର ପାଇଁ ଶ୍ରମ ବିଭାଗ ଓ ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରି ଚାଲିଛି। ଗ୍ରାଚ୍ୟୁଇଟି କେସର ଅର୍ଡର୍ ହେବା ପରେ ନଦେବାରୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଦାଲତରେ ଓପିଡିଆର୍ କେସ୍ ଗୃହୀତ ହୋଇ କମ୍ପାନୀ ଉପରେ ସାର୍ଟିଫିକେଟ କେସ୍ ଆରମ୍ଭ ହୋଇଛି। ଏ ସମସ୍ତ ବିଷୟ ସମାଧାନ ପାଇଁ ରାଜ୍ୟ ଶିକ୍ଷ ମନ୍ତ୍ରୀଙ୍କୁ ସାକ୍ଷାତ କରି ଶ୍ରମିକ ସଂଘ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି ଯେ ବିଧାନସଭା ଅଧିବେଶନ ପରେ ଉଚ୍ଚ ସ୍ତରୀୟ ବୈଠକ ଡକେଇ ସମସ୍ୟା ସମାଧାନ କରିବା ପାଇଁ। ଏଥିପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ ମଧ କରିଛନ୍ତି। କାରଖାନା ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ସହର ଏବଂ ଜିଲ୍ଲାବ୍ୟାପି ପ୍ରସାର ପାଇଁ ଉଦ୍ୟମ କରାଯାଉଅଛି। ପ୍ରବଳ ବର୍ଷା ସତ୍ତ୍ୱେ ଆନ୍ଦୋଳନ ଜାରି ରହିଛି ଏବଂ ଆନ୍ଦୋଳନକୁ ଶ୍ରୀ ଭି ରବି କୁମାର, ବସନ୍ତ ବେହେରା, ସୁବାଷ ବେହେରା, ଧ୍ରୁବ ବାରିକ, ଧ୍ରୁବ ମଲ୍ଲିକ, ଭାସ୍କର ମିଶ୍ର, ଶ୍ରୀ ବସ୍ତ ଆଇଚ ପ୍ରମୁଖ ନେତୃତ୍ୱ ନେଇ ଜାରି ରଖିଛନ୍ତି।

# ନାଏବ ସରପଂଚ ଓ ୱାର୍ଡ ସଭ୍ୟ ସଂଘ ପକ୍ଷରୁ ଭତ୍ତା ବୃଦ୍ଧି ଦାବି

କନ୍ଧମାଳ , ୧୧/୦୯ (ନି.ପ୍ର): ନାଏବ ସରପଂଚ ଓ ୱାର୍ଡ ସଭ୍ୟ ତୃଣମୂଳ ସ୍ତରରେ ପଂଚାୟତିରାଜ ବ୍ୟବସ୍ଥାର ମେରୁଦଣ୍ଡ ଭାବେ କାମ କରୁଛନ୍ତି। ସରକାର ସରପଂଚଙ୍କ ଭତା ବୃଦ୍ଧି କରିଛନ୍ତି। ତେଣୁ ଏ ଦିଗରେ ଧ୍ୟାନ ଦେଇ ସରକାର ଭତା ବୃଦ୍ଧି କରି ଦାବି ୫ ହଜାର ଟଙ୍କା କରିବାକୁ ଦାବି କରିଛି ନାଏବ ସରପଂଚ ଓ ୱାର୍ଡ ସଭ୍ୟ ମହାସଂଘ। ସେହିଭଳି ସମସ୍ତ ଜନ ପ୍ରତିନିଧିଙ୍କୁ ଦୁର୍ଘଟଣା ଏବଂ କାଳୀନ ସହାୟତା, ପଂଚାୟତ ସମିତି ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବୈଠକକୁ ନାଏବ ସରପଂଚଙ୍କୁ ଡାକିବା, ୱାର୍ଡର ବିଭିନ୍ନ ପ୍ରକଳ୍ପ କାମ୍ ବିଲରେ ୱାର୍ଡ ସଭ୍ୟଙ୍କ – ଦସ୍ତଖତ ଅଧିକାର, ଭିନ୍ନକ୍ଷମ ଓ ଗରିବ ୱାର୍ଡ ସଭ୍ୟଙ୍କୁ ପ୍ରଧାନ ମନ୍ତ୍ରୀ ଯୋଜନାରେ ଘର ଆବାସ ଯୋଗାଇ ଦେବାକୁ ସଙ୍ଘ ସଭାପତି ସଞ୍ଜୀବ କୁମାର ଦିଗାଲ ଓ ସମ୍ପାଦକ ପରମାନନ୍ଦ ନାୟକଙ୍କ ନେତୃତ୍ୱରେ ଅନେକ ସଦସ୍ୟ ମୂଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି।

# ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ ପାଳିତ

ମାଲକାନଗିରି, ୧୧/୦୯ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ସଭାଗୃହରେ ବିଶ୍ୱ ଆତ୍ମହତ୍ୟା ତିରୋଧ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆତ୍ମହତ୍ୟା ଠାରୁ ଦୁରେଇ ରହିବା ।ଇଁ ଉଦବୋଧନ ଦେଇଥିଲେ ଏବଂ ନିଶା ଠାରୁ ନିବୃତ୍ତ ରହିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦାନ କରି ଆତ୍ମହତ୍ୟା ପ୍ରତିରୋଧ ଦିବସର ଗୁରୁତ୍ୱ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ମାଲକାନଗିରି ମୁଖ୍ୟ ଚିକିତ୍ସାଳୟର ମନୋବୈଜ୍ଞାନିକ ଡ଼ଃ. ଜ୍ଞାନରଞ୍ଜନ ମହାପାତ୍ର ଏହି ସଭାର ମୁଖ୍ୟ ବିଷୟବସ୍ତୁ "ଆତ୍ମହତ୍ୟା ବିଷୟରେ ଗଳ୍ପକୁ ପରିବର୍ତ୍ତନ କରିବା" ବିଷୟରେ ସନ୍ଦର୍ଭ ଉପସ୍ଥାନା କରିଥିଲେ। ମୁଖ୍ୟବକ୍ତା ବାଣିଜ୍ୟ ବିଭାଗ ମୁଖ୍ୟ ତଥା ଯୁବ ରେଡ଼କ୍ରସ ସଂଯୋଜକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଜିଲ୍ଲାରେ ଆତ୍ମହତ୍ୟା ବୃଦ୍ଧି ।ଇଁ ଉଦବେଗ ପ୍ରକାଶ କରିବା ସହିତ ଅହଂକାର ଆତ୍ମହତ୍ୟା ମୁଖ୍ୟ କାରଣ ବୋଲି ଦର୍ଶାଇଥିଲେ। ଅନ୍ୟତମ ମୁଖ୍ୟ ଅତିଥି ଡ଼ଃ. ସୁବ୍ରତ କୁମାର ଜେନା "ପ୍ରତିରୋଧ ଉପଚାର ଠାରୁ ଭଲ" ବିଷୟରେ ଉଦବୋଧନ ଦେଇଥିଲେ। ସଭା ଆରମ୍ଭରେ ଅତିଥିମାନେ ଶ୍ରୀ ବିବେକାନନ୍ଦଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଅଧିକାରୀ ଗୌତମ ନାୟକ ମଂଚ ପରିଚାଳନା କରିଥିଲେ। ଶେଷରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଲେଫ୍ଟନାଂଟ ସୁଶାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆତ୍ମହତ୍ୟା ନକରିବା ପାଇଁ ଶଥ ପାଠ କରିଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୧୧/୦୯ (ନି.ପ୍ର): ମାନବ ସମାଜର କଲ୍ୟାଣ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଷୟ ଭିତ୍ତିକ ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଜିଲ୍ଲା ବିଜ୍ଞାନ କେନ୍ଦ୍ର, ଜୟପୁର ଠାରେ ଆୟୋଜିତ ହୋଇଯାଇଛି। ଏହାର ପ୍ରଯୋଜକ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଓ ଆୟୋଜକ ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟ, ମଣ୍ଡଳ ଶିକ୍ଷା ଅଧିକାରୀ ଜୟପୁର,ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର। ଉଦ୍ଘାଟନରେ ମୂଖ୍ୟ ଅତିଥି ଓଡ଼ିଶାର ସୁନାମ ଧନ୍ୟ କଳାକାର ଶ୍ରୀ ଧିରେନ୍ ମୋହନ ପଟ୍ଟନାୟକ, ଜୟପୁର ବ୍ଲକ ଶିକ୍ଷାଧିକାରୀ ଚନ୍ଦନ ନାୟକ,, ସବିତା କୁମାରୀ ପଟ୍ଟନାୟକ, ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ଅନନ୍ତ ଦଳପତି। ଏହି କାର୍ଯ୍ୟକ୍ରମରେ ସୁନାମ ଧନ୍ୟ କଳାକାର ଶ୍ରୀ ମହମ୍ମଦ ସରିବ,ଓ ସୁନାମଧନ୍ୟା କଳାକାର ତଥା ପାଞ୍ଜୀଆଗୁଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତି ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ବିଚାରକ ମଣ୍ଡଳି ଭାବେ ଦାୟିତ୍ୱ ତୁଲାଇଥିଲେ।ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଥା ଶ୍ରୀ ଓମ୍ ପ୍ରକାଶ ମିଶ୍ର, ଶ୍ରୀ ଆଶିଷ ମହାନ୍ତି, ଶ୍ରୀ ଶିବରାମ ପାଣିଗ୍ରାହୀ, ଶ୍ରୀ ଦିଲିପ କୁମାର ପଣ୍ଡା, ଶ୍ରୀ ସୁନିଲ କୁମାର ପାଢ଼ୀ, ଶ୍ରୀ ଗୋରାଚାନ୍ଦ ତ୍ରିପାଠୀ, ଓ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ କୋରାପୁଟ ଜିଲ୍ଲା ର ୧୮ଟି ବିଭିନ୍ନ ବିଦ୍ୟାଳୟ ର ନାଟକ ଦଳ ସହ ସହାୟକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଉଦ୍‌ଯାପନ ଉତ୍ସବରେ ସଭାପତି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପ୍ରମୋଦ କୁମାର ମହାନ୍ତି , ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ଚନ୍ଦନ ନାୟକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ଅନନ୍ତ ଦଳପତି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁରର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସବିତା କୁମାରୀ ପଟ୍ଟନାୟକଙ୍କ ଦ୍ୱାରା ସମ୍ପନ୍ନ କରିଥିଲେ। ଆଜିର ପ୍ରତିଯୋଗିତା ରେ ଶ୍ରୀମତୀ ସ୍ୱର୍ଣ୍ଣଲତା ମିଶ୍ର ଓ ଶ୍ରୀ ସୁଶାନ୍ତ କୁମାର ମହାପାତ୍ର ମଂଚ ପରିଚାଳନା କରିଥିଲେ। ଆଜିର ବିଜ୍ଞାନ ନାଟକ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ, ଦ୍ୱିତୀୟ ସ୍ଥାନ ,ତୃତୀୟ ସ୍ଥାନ ଅଧିକାର କରିଥିଲେ, ଉତ୍କୃଷ୍ଟ ନିର୍ଦ୍ଦେଶନା ପାଇଁ,ଉତ୍କୃଷ୍ଟ କାହାଣୀ ପାଇଁ, ସର୍ବୋତ୍ତମ କଳାକାର ଭାବରେ ପୁରସ୍କୃତ ହୋଇଛନ୍ତି ଓ ସଭାପତି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପ୍ରମୋଦ କୁମାର ମହାନ୍ତିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ପ୍ରତିଯୋଗୀ, ସମସ୍ତ ନିମନ୍ତ୍ରିତ ଅତିଥି, ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଓ କୋରାପୁଟ ଜିଲ୍ଲା ବିଜ୍ଞାନ କେନ୍ଦ୍ରର ଜୟପୁରର ସମସ୍ତ କର୍ମଚାରୀଙ୍କୁ ଶ୍ରୀମତୀ ସ୍ୱର୍ଣ୍ଣଲତା ମିଶ୍ରଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ, ଆଜିର ବିଜ୍ଞାନ ପ୍ରତିଯୋଗିତା ସମାରୋହ ସମ୍ପନ୍ନ ହୋଇଥିଲା।

# ସମ୍ବଲପୁର ରେଳ ଷ୍ଟେସନରେ ପ୍ରମୁଖ ୟାର୍ଡ଼ ପ୍ରାଙ୍ଗଣ ପୁନଃନିର୍ମାଣ

ସମ୍ବଲପୁର, ୧୧/୦୯ (ନି.ପ୍ର): ନିର୍ମାଣ ହେବାକୁ ଥିବା ନୂତନ ପ୍ଲାଟଫର୍ମ। ଟ୍ରେନ୍ ଗୁଡ଼ିକୁ ସୁଗମ କରିବା ଏବଂ ନିୟନ୍ତ୍ରଣ କରିବା ପାଇଁ ଅତିରିକ୍ତ ରେଳ ଧାରଣା ଯୋଗ କରାଯିବ। ଟ୍ରେନ୍ ଗୁଡିକ ବର୍ତମାନ ସମ୍ବଲପୁରକୁ ସହଜରେ ଆସିପାରିବ ଏବଂ ନିକଟସ୍ଥ ଷ୍ଟେସନରେ ଅଟକ ରହିବ ନାହିଁ। ସାଢେ ଚାରିମାସ (୧୩୯ ଦିନ) ପାଇଁ ସମ୍ବଲପୁର ଷ୍ଟେସନ ନଯାଇ ନିକଟସ୍ଥ ସମ୍ବଲପୁର ସିଟି-ସରଲା ଷ୍ଟେସନ ମାର୍ଗ ଦେଇ ୫ ଯୋଡ଼ା ଟ୍ରେନର ଅସ୍ଥାୟୀ ମାର୍ଗ ପରିବର୍ତନ। ଦେଶର ପ୍ରମୁଖ ଷ୍ଟେସନଗୁଡିକର ନବୀକରଣ ଏବଂ ଆଧୁନିକୀକରଣ ପାଇଁ ଭାରତୀୟ ରେଳବାଇର ବୃହତ ଯୋଜନାର ଏକ ଅଂଶ ଭାବରେ ସମ୍ବଲପୁର ରେଳ ଷ୍ଟେସନରେ ଗୁରୁତ୍ୱପୂର୍ଣ୍ଣ ୟାର୍ଡ଼ ପୁନଃନିର୍ମାଣ କାର୍ଯ୍ୟ ବର୍ତମାନ ଚାଲୁରହିଛି। ପୂର୍ବତଟ ରେଳପଥ ରେଳ ନେଟୱର୍କର ଏକ ପ୍ରମୁଖ ହବ୍ ଏହି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଟ୍ରେନ୍ ପରିଚାଳନାରେ ଉନ୍ନତି ଆଣିବାକୁ ଏହି ପ୍ରକଳ୍ପ ଲକ୍ଷ୍ୟ ରଖିଛି। ପୂର୍ବତଟ ରେଳପଥର ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମଧ୍ୟରୁ ଆଞ୍ଚଳିକ ଲଜିଷ୍ଟିକ୍ ଏବଂ ଯାତ୍ରୀ ପରିବହନରେ ସମ୍ବଲପୁର ରେଳ ଷ୍ଟେସନ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ଆଧୁନିକୀକରଣ ପ୍ରକଳ୍ପ କେବଳ ଷ୍ଟେସନର ପରିଚାଳନା କ୍ଷମତା ବୃଦ୍ଧି କରିବ ନାହିଁ ବରଂ ଯାତ୍ରୀ ଏବଂ ପଣ୍ୟ ଯାତାୟାତ ପାଇଁ ଅଧିକ ଶୃଙ୍ଖଳିତ, ଦକ୍ଷ ରେଳ ସେବା ସୁନିଶ୍ଚିତ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ସମାପ୍ତ ହେବା ପରେ ଯାତ୍ରୀମାନେ ସହଜ ଟ୍ରେନ୍ ଚଳାଚଳ, ଅପେକ୍ଷା ସମୟ ହ୍ରାସ ଏବଂ ସାମଗ୍ରିକ ସେବା ଗୁଣବତା ବୃଦ୍ଧି ଆଶା କରିପାରନ୍ତି। ଏହି ବିସ୍ତୃତ ୟାର୍ଡ ରିମଡେଲିଙ୍ଗ କାର୍ଯ୍ୟରେ ବେ-ଲାଇନ୍, ଲୋକୋ ରିଭର୍ସାଲ୍ ଲାଇନ୍ ଏବଂ ଇନ୍ସପେକ୍ସନ କ୍ୟାରେଜ ସାଇଡିଂ ସ୍ଥାନାନ୍ତରିତ ହେବ। ଏହି ଆଧୁନିକୀକରଣ କାର୍ଯ୍ୟର ଏକ ଅଂଶ ଭାବରେ ବେ-ଲାଇନ୍କୁ ଏକ ପୂର୍ଣ୍ଣ ଦୈର୍ଘ୍ୟ ବିଶିଷ୍ଟ ପ୍ଲାଟଫର୍ମ ଭାବରେ ସମ୍ପ୍ରସାରଣ କରାଯିବ। ଏହି ପ୍ରକଳ୍ପକୁ ୪.୫ ମାସ (୧୩୯ ଦିନ) ସମୟ ଲାଗିବ ବୋଲି ଆଶା କରାଯାଉଛି। ଯାତ୍ରୀଙ୍କ ଚାହିଦା, ଆଂଚଳିକ ବିକାଶ ଏବଂ ଜାତୀୟ ଲଜିଷ୍ଟିକ୍ ଆବଶ୍ୟକତା ଅନୁଯାୟୀ ଭିତିଭୂମି ନବୀକରଣ ପାଇଁ ଭାରତୀୟ ରେଳ ପ୍ରତିବଦ୍ଧ ରହିଛି। ପୁନଃନିର୍ମାଣ କାର୍ଯ୍ୟର ମୁଖ୍ୟ ବୈଶିଷ୍ଟ୍ୟ : ନୂତନ ପ୍ଲାଟଫର୍ମର ଯୋଗ: ଅଧିକ ଟ୍ରେନ୍ ଏବଂ ଯାତ୍ରୀଙ୍କୁ ପରିଚାଳନା କରିବା ପାଇଁ ଷ୍ଟେସନର କ୍ଷମତାକୁ ବୃଦ୍ଧି କରାଯାଇ ଦୁଇଟି ନୂତନ ପ୍ଲାଟଫର୍ମ ନିର୍ମାଣ କରାଯିବ। ସହଜ ଟ୍ରେନ ପରିଚାଳନା ପାଇଁ ଅତିରିକ୍ତ ଲାଇନ୍: ଟ୍ରେନର ସହଜ ଚଳାଚଳ ଏବଂ ନିୟନ୍ତ୍ରଣକୁ ସୁଗମ କରିବା, ବିଳମ୍ବକୁ ହ୍ରାସ କରିବା ଏବଂ ସମୟାନୁବର୍ତିତାକୁ ବୃଦ୍ଧି କରାଇବା ପାଇଁ ଅତିରିକ୍ତ ଲାଇନଗୁଡ଼ିକ ଯୋଡାଯାଉଛି। ଉନ୍ନତ ଟ୍ରେନ୍ ଚଳାଚଳ: ଏହି କାର୍ଯ୍ୟ ସମାପ୍ତ ହେବା ପରେ ଟ୍ରେନ୍ ଗୁଡିକ ନିକଟସ୍ଥ ଷ୍ଟେସନଗୁଡିକରେ ଅଟକି ନରହି ସମ୍ବଲପୁର ଷ୍ଟେସନରେ ସୁଗମ ଭାବରେ ପ୍ରବେଶ କରିପାରିବେ। ଅସ୍ଥାୟୀ ମାର୍ଗ ପରିବର୍ତନ: ୟାର୍ଡ଼ର ପୁନଃନିର୍ମାଣ କାର୍ଯ୍ୟ ପାଇଁ କିଛି ଟ୍ରେନ୍ ସେବା ସାମୟିକ ଭାବରେ ପ୍ରଭାବିତ ହେବ। ସମ୍ବଲପୁର ଷ୍ଟେସନକୁ ନଆସି ପାଞ୍ଚ ଯୋଡା ଟ୍ରେନ୍ ସମ୍ବଲପୁର ସିଟି ଷ୍ଟେସନ-ସରଲା ଷ୍ଟେସନ ମାର୍ଗ ଦେଇ ମାର୍ଗ ପରିବର୍ତନ କରି ସାମୟିକ ଭାବେ ଚଳାଚଳ କରିବ। ନିର୍ମାଣ ଅବଧି ମଧ୍ୟରେ ସୁଗମ କାର୍ଯ୍ୟକୁ ସୁନିଶ୍ଚିତ କରିବା ପାଇଁ ଏହି ମାର୍ଗ ପରିବର୍ତନ କାର୍ଯ୍ୟ ଅତ୍ୟନ୍ତ ଜରୁରୀ ଅଟେ। ପ୍ରଭାବିତ ଟ୍ରେନ୍ ଗୁଡିକ ନିମ୍ନଲିଖିତ ଅଟେ: ୧. ୧୮୧୨୬/୧୮୧୨୫ ପୁରୀ-ରାଉରକେଲା-ପୁରୀ ଏକ୍ସପ୍ରେସ: ଉଭୟ ପାର୍ଶ୍ୱରୁ ୨୦ ସେପ୍ଟେମ୍ବର ୨୦୨୪ ରୁ ୫ ଫେବୃଆରୀ ୨୦୨୫ ମଧ୍ୟରେ ମାର୍ଗ ପରିବର୍ତନ କରି ଚଳାଚଳ କରିବ। ୨. ୧୨୮୭୯/୧୨୮୮୦ ଏଲଟିଟି-ଭୁବନେଶ୍ୱର-ଏଲଟିଟି ଏକ୍ସପ୍ରେସ: ଏଲଟିଟି ରୁ ୨୧ ସେପ୍ଟେମ୍ବର ୨୦୨୪ ରୁ ୧ ଫେବୃଆରୀ ୨୦୨୫ ଏବଂ ଭୁବନେଶ୍ୱରରୁ ୨୩ ସେପ୍ଟେମ୍ବର ୨୦୨୪ ରୁ ୩ ଫେବୃଆରୀ ୨୦୨୫ ମଧ୍ୟରେ ମାର୍ଗ ପରିବର୍ତନ କରି ଚଳାଚଳ କରିବ। ୩. ୨୨୮୬୫/୨୨୮୬୬ ଏଲଟିଟି-ପୁରୀ-ଏଲଟିଟି ଏକ୍ସପ୍ରେସ: ଏଲଟିଟିରୁ ୧୯ ସେପ୍ଟେମ୍ବର ୨୦୨୪ ରୁ ୩୦ ଜାନୁଆରୀ ୨୦୨୫ ମଧ୍ୟରେ ଏବଂ ପୁରୀରୁ ୨୪ ସେପ୍ଟେମ୍ବର ୨୦୨୪ ରୁ ୪ ଫେବୃଆରୀ ୨୦୨୫ ମଧ୍ୟରେ ମାର୍ଗ ପରିବର୍ତନ କରି ଚଳାଚଳ କରିବ। ୪. ୨୦୪୭୧/୨୦୪୭୨ ଲାଲଗଡ-ପୁରୀ-ଲାଲଗଡ ଏକ୍ସପ୍ରେସ: ଲାଲଗଡରୁ ୨୨ ସେପ୍ଟେମ୍ବର ୨୦୨୪ ରୁ ୨ ଫେବୃଆରୀ ୨୦୨୫ ମଧ୍ୟରେ ଏବଂ ପୁରୀରୁ ୨୫ ସେପ୍ଟେମ୍ବର ୨୦୨୪ ରୁ ୫ ଫେବୃଆରୀ ୨୦୨୫ ମଧ୍ୟରେ ମାର୍ଗ ପରିବର୍ତନ କରି ଚଳାଚଳ କରିବ। ୫. ୨୦୮୧୩/୨୦୮୧୪ ପୁରୀ-ଯୋଧପୁର-ପୁରୀ ଏକ୍ସପ୍ରେସ: ପୁରୀରୁ ୨୫ ସେପ୍ଟେମ୍ବର ୨୦୨୪ ରୁ ୫ ଫେବୃଆରୀ ୨୦୨୫ ମଧ୍ୟରେ ଏବଂ ଯୋଧପୁରରୁ ୨୧ ସେପ୍ଟେମ୍ବର ୨୦୨୪ ରୁ ୧ ଫେବୃଆରୀ ୨୦୨୫ ମଧ୍ୟରେ ମାର୍ଗ ପରିବର୍ତନ କରି ଚଳାଚଳ କରିବ। ଯାତ୍ରୀଙ୍କ ସୁବିଧା ପାଇଁ ଏହି ମାର୍ଗ ପରିବର୍ତିତ ଟ୍ରେନ୍ ଗୁଡିକ ସମ୍ବଲପୁର ସିଟି ଷ୍ଟେସନରେ ପ୍ରତ୍ୟକ ୫ ମିନିଟର ରହଣି ସମୟ ପ୍ରଦାନ କରିବ। ଗୋଟିଏ ମେମୁ ଟ୍ରେନ୍ ସେବା ବାତିଲ୍: ପୁନଃନିର୍ମାଣ କାର୍ଯ୍ୟର ସମ୍ପାଦନ ପାଇଁ ୦୮୧୬୯/୦୮୧୭୦ ଝାରସୁଗୁଡା-ସମ୍ବଲପୁର-ଝାରସୁଗୁଡା ମେମୁ ଟ୍ରେନ୍ ୨୦ ସେପ୍ଟେମ୍ବର ୨୦୨୪ ରୁ ୫ ଫେବୃଆରୀ ୨୦୨୫ ମଧ୍ୟରେ ଉଭୟ ପାର୍ଶ୍ୱରୁ ବାତିଲ ରହିବ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୧/୦୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ଯୁବରେଡକ୍ରସ୍ ଆନୁକୁଲ୍ୟରେ 'ୱାର୍ଲ୍ଡ ସୁଇସାଇଡ୍ ପ୍ରିଭେନ୍‌ସନ୍' ଶୀର୍ଷକ ଏମ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଆତ୍ମହତ୍ୟା ର ବିଭିନ୍ନ ଦିଗ ବିଷୟରେ ଅଧ୍ୟକ୍ଷ ପ୍ରଫେସର୍ ସାହୁ ଆଲୋକପାତ କରିଥିଲେ। ଆତ୍ମ ସଂଯମତା ଦ୍ୱାରା ନିଜର ଆବେଗକୁ ନିୟନ୍ତ୍ରଣ କରିପାରିଲେ ଆତ୍ମହତ୍ୟାକୁ ପ୍ରତିହତ କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଭବିଷ୍ୟତରେ କିଛି ବିପଦ ପଡିଲେ ନିକଟ ସମ୍ପର୍କୀୟ ବା ସାଙ୍ଗମାନଙ୍କ ସହ ଆଲୋଚନା କରିବାକୁ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ ପ୍ରଫେସର୍ ଜ୍ୟୋତ୍ସ୍ନାମୟୀ ପତି ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଯୁବ ରେଡ୍‌କ୍ରସ୍ ସଂସ୍ଥାର ସଂଯୋଜିକା ଡ଼ ସୁଜାତା ଭଟ୍ଟ ଆତ୍ମହତ୍ୟାର ସମାଧାନର ପନ୍ଥା ନିର୍ଦ୍ଧାରଣ କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସ୍ ସଂସ୍ଥାର କାର୍ଯ୍ୟକ୍ରମ ସହାୟକ ଶ୍ରୀ ବଳରାମ ବାରିକ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ବହୁ ସଂଖ୍ୟକ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଯୋଗ ଦେଇଥିଲେ। ଯୁବ ରେଡ୍‌କ୍ରସ୍ ସଂସ୍ଥାର ସହ ସଂଯୋଜକ ଅଧ୍ୟାପକ ରଞ୍ଜିତ୍ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଜୟପୁର , ୧୦/୯ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବଡଜିଉନା ଠାରେ ପଂଚାୟତ ସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ,ଜିପିଓ ଭାଗିରଥି ନାୟକ, ସରପଂଚ ସହ ଅନ୍ୟ ଲାଇନର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ। ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ। କେନାଲ ରାସ୍ତା ମରମତି, କଲର୍ଭଟ ନିର୍ମାଣ,ନୂତନ ରାସ୍ତା, ରାସ୍ତା ମରାମତି,ଷ୍ଟ୍ରିଟ ଲାଇଟ, ଡ୍ରେନ ପାନିୟ ଜଳ ଆଦି ଉପରେ ଅଭିଯୋଗ କରାଯାଇଥିଲା। ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା। ଏହା ସହ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରି ମାନେ ସଚେତନ କରିଥିଲେ।

# କନ୍ଧମାଳ ସାଂସଦଙ୍କ ମହାମହିମ ରାଷ୍ଟ୍ରପତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା

କନ୍ଧମାଳ, ୧୦/୯ (ନି.ପ୍ର): କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଆଜି ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଜୀଙ୍କ ସହ ରାଷ୍ଟ୍ରପତି ଭବନ, ଦିଲ୍ଲୀରେ ଦେଖା ହୋଇ ଓଡ଼ିଶା ଏବଂ ଭାରତର ପ୍ରମୁଖ ବିଷୟରେ ଆଲୋଚନା କରିବାର ସୁଯୋଗ ପାଇଛନ୍ତି। ଓଡିଶାର ମାଟିରୁ ଜନ୍ମଗ୍ରହଣ କରି ଦେଶର ସର୍ବୋଚ୍ଚ ପଦବୀରେ ବସିବା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଏକାକୀ ଅସାଧାରଣ ବୋଲି ସାଂସଦ ଅନୁଭବ କରିଥିଲେ। ସେ ବ୍ୟକ୍ତିଗତ ଭାବେ ତାଙ୍କ ଠାରୁ ବହୁତ କିଛି ଶିଖିଛି, ଏବଂ ସେ ସାଂସଦ ପାଇଁ ଏବଂ ସମଗ୍ର ଦେଶର ଯୁବ ସମାଜ ପାଇଁ ଏକ ପ୍ରେରଣାର ଉତ୍ସ ଅଟନ୍ତି ବୋଲି ତାଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ଜିଲ୍ଲା ସରକାରୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ

କେନ୍ଦ୍ରାପଡ଼ା, ୧୧/୦୯ (ନି.ପ୍ର): ଗୋପ ରାମମନ୍ଦିର ପରିସରରେ ସଂଗଠନର ସଭାପତି ଡକ୍ଟର ଉପେନ୍ଦ୍ର ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ କରୁଣାକର ଦାସ ପୂର୍ବ ଅଧିବେସନର ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଅଧ୍ୟାପକ ଅଜୟ ସାମଲ ଚଳିତ ବର୍ଷ ବର୍ଷାଋତୁରେ ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାନଙ୍କରେ ସଂଗଠନ ତରଫରୁ କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ନୂତନଭାବେ ଲିଳା ଦୁଲାରୀ ପ୍ରଧାନ ଏବଂ କେଦାର କୁମାର ସ୍ୱାଇଁ ଯୋଗଦେଇଥିବାରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରକୃତିମିତ୍ର ଡଃ. ଦିଲ୍ଲୀପ କୁମାର ମିଶ୍ର ଏବଂ ନୃସିଂହ କୁମାର ତ୍ରିପାଠୀ ସାମ୍ପ୍ରତିକ ପରିସ୍ଥିତିରେ ପ୍ରକୃତିର ସୁରକ୍ଷା ପାଇଁ ବୃକ୍ଷରୋପଣର ଉପଯୋଗୀତା ଏବଂ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ସମାଜକୁ ଦିଗଦର୍ଶନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବା ଉପରେ ମତାମତ ରଖିଥିଲେ। ସଂଗଠନ ସଂପାଦକ ବୈଷ୍ଣବ ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ପଟ୍ଟନାୟକ, ଶ୍ରୀକାନ୍ତ ସାହୁ, ଅଜିତ ରାଉତ, ନେତ୍ରାନନ୍ଦ କର, ମଧୁସୁଦନ ବାରିକ, ପ୍ରସନ୍ନ କୁମାର ସାହାଣୀ, ଗୌରାଙ୍ଗ ଚରଣ ସାହୁ, ଅମୀୟ ନାୟକ, ଅକ୍ଷୟ କୁମାର ନାୟକ, ରବିନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରାପଡା କୃଷି ଭିତିକ ଜିଲ୍ଲା ହୋଇଥିବାରୁ ଆଗାମୀ ଦିନରେ ଜଳସେଚନ, ଶୀତଳ ଭଣ୍ଡାର ପ୍ରତିଷ୍ଠା ଏବଂ ରବି ଋତୁରେ କିଭଳି ଭାବରେ ଚାଷ କାର୍ଯ୍ୟ ସଠିକ୍ ଭାବରେ ହୋଇପାରିବ ସେଥିପାଇଁ ଜିଲ୍ଲା କୃଷି ଅଧିକାରୀଙ୍କ ସହିତ ସଂଗଠନ ତରଫରୁ ଆଲୋଚନା କରିବା ପାଇଁ ସ୍ଥିର ହୋଇଥିଲା। ଶେଷରେ ସଂଗଠନ ତରଫରୁ ସଂଗଠନ ସଂପାଦକ ବୈଷ୍ଣବ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଦିବାହାଲରେ ନୂଆଁଖାଇ ଭେଟଘାଟ

ବଲାଙ୍ଗୀର, ୧୧/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବାଦୀବାହାଲରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି. ନେତାଜୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ମେଘୁ ନାଗ ପୌରହିତ୍ୟ କରିଥିବାବେଳେ ଅବସରପ୍ରାପ୍ତ ପ୍ରତିରକ୍ଷା ବିଭାଗ ଅଧିକାରୀ କଷ୍ଟ ତନ୍ତୀ ମୁଖ୍ୟ ଅତିଥି, ଶିକ୍ଷାବିତ ନେପାଳ ବାଗ, ସୁସଂଗଠକ ନୀଳକଣ୍ଠ ସୁନା, ବିଶିଷ୍ଟ ସମାଜସେବୀ ତ୍ରିଲୋଚନ ବାଗ, ନାଟ୍ୟ କଳାକାର ଗାନ୍ଧୀ ନାଗ ଓ ଲିଙ୍ଗ ନାଗ ପ୍ରମୁଖ ମଂଚାସୀନ ଥିଲେ.ଉକ୍ତ କାର୍ଯ୍ୟକ୍ରମରେ ଗାଁର କୁନି କୁନି କଳାକାରମାନେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରି ନୃତ୍ୟ ଗୀତ ପରିବେଷଣ କରିଥିଲେ। ବର୍ଷା ହେଉଥିବା ସତ୍ତ୍ୱେ ଗାଁର ବହୁ ଲୋକ ଏହାକୁ ଉପଭୋଗ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମଟିକୁ ଅଗସ୍ତି ନାଗ, ଅମନ ବାରିକ ସଂଯୋଜନା କରିଥିଲେ। କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ପରେ କ୍ଲବର ନୂତନ କର୍ମକର୍ତା ଚୟନକରାଗଲା। ଏଥିରେ ଭାଗ୍ୟବାନ ତାଣ୍ଡି ସଭାପତି, ଶେଷଦେବ ନାଗ ଉପସଭାପତି, ନିତ୍ୟାନନ୍ଦ ସୁନା ସମ୍ପାଦକ, ଆଲୋକ ନାଗ ସହସମ୍ପାଦକ, ଅରମାନ ନାଗ କୋଷାଧ୍ୟକ୍ଷ, ସନ୍ତୋଷ ନାଗ ଲାଇବ୍ରେରୀଏନ, ସତ୍ୟବାନ ତାଣ୍ଡି ପ୍ରୋଜେକ୍ଟର, ରାଧାକାନ୍ତ ବାଦୀ ସହପ୍ରୋଜେକ୍ଟର ଓ ଅଗସ୍ତି ନାଗ ଗଣମାଧ୍ୟମ ପ୍ରତିନିଧି ଭାବରେ ମନୋନୀତ ହେଲେ। କଣ୍ଠଶିଳ୍ପୀ ରାକେଶ ନାଗ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବାବେଳେ ଶିକ୍ଷକ ହରିହର ବାଗ ଧନ୍ୟବାଦ ଦେଇଥିଲେ।

# ଧାରାବାହିକ:

ଭାଗ-୨୦

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

୨୧/୨୨ଶ ଅଧ୍ୟାୟ

।। ମହାରାଜ ପୃଥୁଙ୍କର ପ୍ରଜାଙ୍କ ପ୍ରତି ଉପଦେଶ ଏବଂ ପୃଥୁଙ୍କୁ ସନକାଦି ଋଷିଙ୍କ ଉପଦେଶ ।।

ପୃଥୁ ଯେତେବେଳେ ନିଜ ନଗରୀକୁ ପ୍ରବେଶ କଲେ ସେତେବେଳେ ବନ୍ଦୀଗଣ ସ୍ତୁତି କରିବା ସହ ପୁରନରଗଣ ତାଙ୍କୁ ଅଭିବାଦନ ଜଣାଇଲେ ବି ପୃଥୁଙ୍କ ମନରେ ତାହାର କିଛି ପ୍ରଭାବ ପଡିନଥିଲା । ସେ ଅତ୍ୟନ୍ତ ଶାନ୍ତ ଓ ସୌମ୍ୟଚିତ୍ତରେ ରାଜାଗଣଙ୍କୁ କହିଲେ, ତୁମ୍ଭେମାନେ ବେଦପ୍ରଦର୍ଶିତ ମାର୍ଗରେ ବର୍ଣ୍ଣାଶ୍ରମ ପାଳନ କର । ପ୍ରଜାମାନେ ରାଜାଙ୍କ ପୁତ୍ରଭଳି । ପୁତ୍ରର ପୁଣ୍ୟହେତୁ ପିତା ପରମଗତି ପ୍ରାପ୍ତ ହେବାପରି ତୁମ୍ଭମାନଙ୍କେ ସୁଫଳ ମୋତେ ପ୍ରାପ୍ତ ହେବ । ତୁମ୍ଭେମାନେ ଉତ୍ତମ ରୂପେ ପ୍ରଜାପାଳନ ନକଲେ ତହିଁର ପାପ ମୋତେ ପଡିବ । ସେହି ସମୟରେ ସନକାଦି ଚାରି ବ୍ରହ୍ମାକୁମର ନିଜର ଅଙ୍ଗ ଜ୍ୟୋତିରେ ଚତୁର୍ଦ୍ଦିଗକୁ ଆଲୋକିତ କରି ସେହିଠାରେ ପହଞ୍ଚିଲେ । ପୃଥୁ ସେମାନଙ୍କୁ ଯଥା ସମ୍ମାନ ଜଣାଇ ଦିବ୍ୟ ଆସନରେ ବସାଇ ବିନୟର ସହ କହିଲେ, ହେ ମୁନିଶ୍ୱରବୃନ୍ଦ, ମୋର ପୂର୍ବ ସ୍ୱୀକୃତି ହେତୁ ମୁଁ ଆପଣମାନଙ୍କ ଦୁର୍ଲ୍ଲଭ ଦର୍ଶନ ପାଇଲି । ଆତ୍ମାପୁରୁଷ ସକଳ ଘଟରେ ଥିଲେ ମଧ ତାଙ୍କୁ ଯେପରି କେହି ଦେଖିପାରେ ନାହିଁ ସେହିପରି ଆପଣମାନେ ସର୍ବତ୍ର ଗମନ କରୁଥିଲେ ମଧ ଆପଣଙ୍କୁ କେହି ଦର୍ଶନ କରି ପାରନ୍ତି ନାହିଁ, ମୁଁ ଆପଣମାନଙ୍କୁ ଦର୍ଶନ କରି ପାରିଥିବାରୁ ନିଜକୁ ଧନ୍ୟ ମନେ କରୁଛି ଏବଂ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହିତ ସ୍ୱାଗତ କରୁଛି । ଗୃହସ୍ଥ ଧର୍ମ ଅନୁସାରେ ଗୃହକୁ ଅକସ୍ମାତ ପହଞ୍ଚିଥିବା ଅତିଥିର ଆଦର ସହିତ ସତ୍କାର କରିବା ବିଧି ଫଳରେ ସେ ବହୁ ପୁଣ୍ୟର ଅଧିକାରୀ ହୋଇଥାଏ । ନିର୍ଦ୍ଧନ ହୋଇଥିଲେ ବି ତୃଣାସନ ଦେଇ ଉଦକ ଦ୍ୱାରା ସତ୍କାର କରାଯାଇପାରେ ମାତ୍ର ଯେଉଁ ଘରେ ଅତିଥି ସତ୍କାର ନ ହୁଏ ସେ ଘର ସର୍ପ-ଶଙ୍କୁଳ ବୃକ୍ଷ ସଦୃଶ ହୋଇଥାଏ । ରାଜା କହିଲେ, ହେ ମୁନିବୃନ୍ଦ ଲୌକିକତା ନିମନ୍ତେ ମୁଁ ଆପଣଙ୍କୁ କୁଶଳ ପଚାରୁନାହିଁ କାରଣ ଆପଣମାନେ ସ୍ୱକର୍ମ ବନ୍ଧନର ବହୁ ଉର୍ଦ୍ଧ୍ୱରେ, ଆତ୍ମାରେ ହିଁ ବିଚରଣ କରନ୍ତି । ତେଣୁ କୁଶଳ ଅକୁଶଳ ପ୍ରଶ୍ନ ଆପଣଙ୍କଠାରେ ନିରର୍ଥକ, ମୋର ଏତିକି ମାତ୍ର ପ୍ରାର୍ଥନା, ସଂସାରରେ ମୋହଗ୍ରସ୍ତ ପ୍ରାଣୀର ମୁକ୍ତି ନିମନ୍ତେ କୌଣସି ସୁଗମ ପନ୍ଥାର ସନ୍ଧାନ ଦୟାପୂର୍ବକ ପ୍ରଦାନ କରନ୍ତୁ । ରାଜାଙ୍କର ଆତିଥ୍ୟତାରେ ପ୍ରସନ୍ନ ମୁନିଗଣ କହିଲେ, ହେ ରାଜନ୍, ବିଷୟ ସୁଖ ସମ୍ପର୍କରେ କିଛି ନ ପଚାରି ପ୍ରାଣୀର ଶ୍ରେୟ ନେଇ ତୁମେ ଯେଉଁ ପ୍ରଶ୍ନ ପଚାରିଲ ସେଥିରୁ ତୁମର ସାଧୁତା ଓ ମହନୀୟତା ପ୍ରକାଶିତ ହେଉଛି । ହେ ରାଜନ୍, ପ୍ରାଣୀଙ୍କ ହୃଦୟରୁ ପ୍ରଥମେ ବାସନା ବିନାଶ ହେବା ଆବଶ୍ୟକ, ଭଗବତ ପ୍ରୀତି ଜାତହେଲେ ବାସନା ସ୍ୱତଃ ନଷ୍ଟ ହୋଇଥାଏ । ଶାସ୍ତ୍ର ଓ ଗୁରୁ ବଚନରେ ଅଗାଧ ବିଶ୍ୱାସ, ଭାଗବତ ଧର୍ମ ଆଚରଣ, ସଂଯତ ଗ୍ରାହ୍ୟସ୍ଥ ଧର୍ମ, ପରପୀଡନ ବର୍ଜନ, ପରନିନ୍ଦା, ଅହଂଭାବ ବର୍ଜନାଦି ସହ ଶ୍ରୀହରି ଗୁଣ ଗାନ, କୀର୍ତ୍ତନ ଇତ୍ୟାଦି ଦ୍ୱାରା ସ୍ୱତଃ ଭଗବତ ପ୍ରୀତି ଜାତ ହୁଏ । ମାୟାମୋହ ଗ୍ରସ୍ତ ଇନ୍ଦ୍ରିୟ ଭୋଗ ଲାଳସା ଏତେ ପ୍ରବଳ ତାହା ଜଳାଶୟ ନିକଟସ୍ଥ ତୃଣ ଜଳ ଶୋଷିଲା ପରି ପ୍ରାଣୀର ବୁଦ୍ଧି, ବିବେକ ଓ ବିଚାର ଶକ୍ତିକୁ ଶୋଷଣ କରିନିଏ । ପୁତ୍ର ଧନାଦିରେ ଆସକ୍ତି ହିଁ ମୋକ୍ଷମାର୍ଗର ପ୍ରଧାନ ପ୍ରତିବନ୍ଧକ ଅଟେ । ଏହା ଜୀବର ବୁଦ୍ଧି ନଷ୍ଟ କରିଥାଏ ଫଳରେ କିଛି ପ୍ରାଣୀ କୌଣସି ଏକ ଧର୍ମାନୁଷ୍ଠାନ କରି ଭଗବତ ପ୍ରାପ୍ତି ହୋଇଗଲା ଭ୍ରମରେ ରହି ଯାନ୍ତି, ଏମାନଙ୍କୁ ତାମସ ଭକ୍ତ ବୋଲି କୁହାଯାଏ । ଯେଉଁମାନେ ବ୍ରହ୍ମ ଜ୍ଞାନୀ ସେମାନଙ୍କ ନିକଟରେ ଦେହାଭିମାନ ନଥାଏ । ସେମାନେ ସର୍ବଭୂତରେ ଏକ ଆତ୍ମା ଦର୍ଶନ କରିଥାନ୍ତି । ବାୟୁ ଆକାଶକୁ ସ୍ପର୍ଶ ନ କରିପାରିଲା ଭଳି ସେ ଆତ୍ମାକୁ ସଂସାରର ମାୟା ସ୍ପର୍ଶ କରିପାରେ ନାହିଁ । ବ୍ରହ୍ମ ଜ୍ଞାନୀ ଜୀବନ ଓ ମୃତ୍ୟୁକୁ ସମାନ ଦୃଷ୍ଟିରେ ଦେଖିଥାଏ । ସଂସାର ଜୀବନ କାଳକୁ ସେ କେବଳ ଏକ ଦୀର୍ଘସ୍ୱପ୍ନ ମନେକରେ । ସାଂସାରିକ ସ୍ଥିତି, ଉପାଧି ଆଦି ତା ନିକଟରେ ତୁଚ୍ଛ । ଏହିପରି ଭାବରେ ଭକ୍ତି ଦ୍ୱାରା ହିଁ ମନୁଷ୍ୟ ଜ୍ଞାନ ସ୍ତରକୁ ଆସେ । ଭକ୍ତିମାର୍ଗ ସୁଗମ ହୋଥିବା ବେଳେ ଯୋଗମାର୍ଗ କଠିନ ହୋଇଥାଏ । ଶ୍ରୀ ଗୋବିନ୍ଦଙ୍କ ପଦାରବିନ୍ଦରେ ଭକ୍ତି ହେଉଛି ଭବ-ସିନ୍ଧୁ ପାର ହେବାର ସୁଗମ ଓ ସର୍ବଶ୍ରେଷ୍ଠ ତରଣୀ । ମୁନିଶ୍ରେଷ୍ଠ ସନତକୁମାରଙ୍କଠାରୁ ଆତ୍ମତତ୍ତ୍ୱ ଉପଦେଶ ପାଇ ପୃଥୁ ତାଙ୍କୁ କହିଲେ, ହେ ଭଗବାନ, ପରମ ଦୟାଳୁ ଶ୍ରୀହରିଙ୍କ କୃପାରୁ ଆପଣମାନେ ଏଠାକୁ ଆସି ମୋର ସମସ୍ତ ସଂଶୟ ଦୂରକଲେ । ଆପଣମାନଙ୍କୁ ପ୍ରଦାନ କଲାଭଳି ଦ୍ରବ୍ୟ ମୋ ନିକଟରେ ନାହିଁ କାରଣ ଯାହା ମୋର ସେସବୁ ଆପଣମାନଙ୍କର ପ୍ରସାଦ । ବ୍ରାହ୍ମଣ ନିଜ ବସ୍ତ୍ର ନିଜେ ହିଁ ପରିଧାନ କରିବା ସହ ନିଜ ଅନ୍ନ ହିଁ ଭୋଜନ କରନ୍ତି । ସେମାନଙ୍କର ଅନୁଗ୍ରହରୁ କ୍ଷତ୍ରିୟଙ୍କୁ ଅନ୍ନବସ୍ତ୍ର ପ୍ରାପ୍ତ ହୁଏ । ସୁତରାଂ ଆପଣମାନଙ୍କ ଏହି ଅନୁଗ୍ରହ ରୂପକ ଅମୂଲ୍ୟ ଋଣର ପରିଶୋଧ କରିବା ସମ୍ଭବ ନୁହେଁ । ରାଜାଙ୍କ ନିକଟରୁ ଏପରି ବିନୟ ମଧୁର ବାକ୍ୟ ଶୁଣି ମୁନିମାନେ ତାଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ଅନ୍ତର୍ଦ୍ଧାନ ହୋଇଗଲେ ।

୨୪ଶ ଅଧ୍ୟାୟ

।। ପୃଥୁଙ୍କ ବଂଶ ପରମ୍ପରା ଓ ପ୍ରଚେତାମାନଙ୍କୁ ଭଗବାନ ରୁଦ୍ରଙ୍କ ଉପଦେଶ ।।

ମହାରାଜ ପୃଥୁଙ୍କ ପରେ ତାଙ୍କ ପୁତ୍ର ବିଜିତାଶ୍ୱ ( ଇନ୍ଦ୍ରଙ୍କଠାରୁ ଅନ୍ତର୍ଦ୍ଧାନ ବିଦ୍ୟା ପ୍ରାପ୍ତ ହୋଇଥିବାରୁ ଅନ୍ୟଏକ ନାମ ଅନ୍ତର୍ଦ୍ଧାନ)ଭାତୃବତ୍ସଳ କାରଣରୁ ରାଜା ହେବାମାତ୍ରେ ରାଜ୍ୟକୁ ସେମାନଙ୍କ ମଧରେ ବାଣ୍ଟିଦେଇ ତପଷ୍ଚାରଣ କରି ଦିବ୍ୟଲୋକ ପ୍ରାପ୍ତହେଲେ । ତାଙ୍କ ପୁତ୍ର ହବିର୍ଦ୍ଧାନ ଶାସନପରେ ତଦୀୟ ପୁତ୍ର ପ୍ରାଚୀନ ହବିର୍ଷଦ ରାଜା ହେଲେ । ସେ ସାଗର ତନୟା ଶତଦ୍ରୁତି(ଏଭଳି ସୁନ୍ଦରୀ ଥିଲେ ଯେ ଅଗ୍ନି ପରିକ୍ରମା ସମୟରେ ଅଗ୍ନିଦେବ ମଧ କିଛିକାଳ ସ୍ଥିର ହୋଯାଇଥିଲେ)ଙ୍କୁ ବିବାହ କରିଥିଲେ । ତାଙ୍କର ନୂପୁର ନିକ୍ୱଣରେ ମୁନିଋଷିମାନଙ୍କ ଧ୍ୟାନ ଭଗ୍ନ ହେଉଥିଲା । ଏହି ପରମ ସୁନ୍ଦରୀଙ୍କ ପ୍ରତି ରାଜା ଅତ୍ୟନ୍ତ ଆକୃଷ୍ଟ ଥିଲେ, ସେ ପରମ ଧାର୍ମିକ ଏକ ପ୍ରଚେତା ନାମଧାରୀ ଦଶପୁତ୍ରର ଜନନୀ ହୋଇଥିଲେ । ପିତାଙ୍କ ଆଦେଶରେ ସେମାନେ ତପସ୍ୟା କରିବାକୁ ଯିବା ସମୟରେ ଭଗବାନ ଶଙ୍କର ମାର୍ଗରେ ଦର୍ଶନ ଦେବାରୁ ପୁତ୍ରଗଣ ଯାଥାସମ୍ମାନ ପ୍ରଦର୍ଶନ କଲେ । ଭଗବାନ ଶଙ୍କର ଅତ୍ୟନ୍ତ ପ୍ରୀତ ହୋଇ ସେମାନଙ୍କୁ ଏକ ପରମ ମଙ୍ଗଳମୟ ସ୍ତୋତ୍ର ଶିଖାଇଦେଲେ । ସେଥିରେ ଅବ୍ୟକ୍ତ, ଅନନ୍ତ, ଗର୍ବଗଞ୍ଜନ ପଦ୍ମନାଭ, ସୂକ୍ଷ୍ମସ୍ୱରୂପ ବାସୁଦେବଙ୍କୁ ସ୍ତୁତି କରଯାଇଥିଲା । କର୍ତ୍ତା, କର୍ମ ଓ କାରଣ ସ୍ୱରୂପ ଭଗବାନ ବେଦସ୍ରଷ୍ଟା, ସକଳ କର୍ମର ଆଧାର, ଧର୍ମ ରକ୍ଷକ ଓ ଅଧର୍ମର ବିନାଶକାରୀ । ଭଗବାନଙ୍କ କୋଟି କନ୍ଦର୍ପଜିଣି ଲାବଣ୍ୟ ରୂପକୁ ଧ୍ୟାନ କରିବା ସହ ଭଗବାନଙ୍କ ପଦାରବିନ୍ଦ ଲାଭ କରିଥିବା ଭକ୍ତସଙ୍ଗ କାମନା କରିଛନ୍ତି । ଭଗବାନ ବିଷ୍ଣୁଙ୍କର ସ୍ତୋତ୍ର ଶିଖାଇସାରି ଶଙ୍କର ମହାଦେବ ବୁଝାଇ କହିଲେ, ଭଗବାନଙ୍କ ଆରାଧନା ଖୁବ୍ କଠିନ । ଯେଉଁ ବ୍ୟକ୍ତି ଉଷାକାଳରେ ଶଯ୍ୟାତ୍ୟାଗ କରି ଶ୍ରଦ୍ଧାର ସହିତ ଏହି ସ୍ତୋତ୍ର ପଢିବ, ଶୁଣିବ ବା ଶୁଣାଇବ ସେ ସମସ୍ତ କର୍ମବନ୍ଧନରୁ ମୁକ୍ତ ହେବ ।

୨୫ଶ ଅଧ୍ୟାୟ

।। ପୁରଞ୍ଜନ ଉପାଖ୍ୟାନ ।।

ଭଗବାନ ଶଙ୍କର ବିଷ୍ଣୁ ସ୍ତୋତ୍ର ପ୍ରଚେତାଗଣଙ୍କୁ ପ୍ରଦାନ କରି ଅନ୍ତର୍ଦ୍ଧାନ ହେବାପରେ ସେମାନେ ଦଶସହସ୍ର ବର୍ଷ ତପସ୍ୟା କଲେ । ପିତା ପ୍ରାଚୀନ ବର୍ହିର୍ଷଦ ଅତ୍ୟନ୍ତ କାମୁକ ଓ ଅବିବେକୀ ଥିବାରୁ ଯଜ୍ଞନାମରେ ଗୁଡାଏ ଜୀବ ବଧକରି ପାପଗ୍ରସ୍ତ ହୋଇପଡିଲେ । ପୃଥୁଙ୍କ ବଂଶର ଜଣେ ରାଜାଙ୍କର ଏହି ଅଧୋଗତି ଦୟାଳୁ ଦେବର୍ଷି ତାଙ୍କ ନିକଟରେ ଉପସ୍ଥିତ ହୋଇ ରାଜାଙ୍କ କର୍ମ ମାର୍ଗରେ ଯିବା କଥାକୁ ସ୍ମରଣ କରାଇଲେ ତତ୍ ସହିତ କର୍ମ ମାର୍ଗ ହିଁ ମୋକ୍ଷମାର୍ଗର ବାଧକ କହିଲେ । ଯଜ୍ଞ ନାମରେ କରିଥିବା ଜୀବ ହତ୍ୟାର କାରଣ ସ୍ୱରୂପ ରାଜା ପାପଗ୍ରସ୍ତ ହୋଇ ପୂର୍ବ ସଞ୍ଚିତ ଧର୍ମବଳକୁ ନଷ୍ଟ କରିଦେଇଥିବାରୁ ତୁମ ମୃତ୍ୟୁ ଅନ୍ତେ ସେହି ଜୀବଗଣ ତୁମକୁ ଭୟଙ୍କର ଦଣ୍ଡ ଦେବେ ବୋଲି ସୂଚିତ କଲେ । ଯଦି ଚାହଁ ତାହାଲେ ମୁଁ ସେହି ଭବିଷ୍ୟତ ଘଟଣାକୁ ଦେଖାଇଦେବି କହିବାରୁ ରାଜା ସମ୍ମତ ହେଲେ । ଯୋଗନିଦ୍ରାରେ ରାଜାଙ୍କୁ ଦେବର୍ଷି ଶୁଆଇଦେବାରୁ ରାଜା ସ୍ୱପ୍ନରେ ଦେଖିଲେ ସେ ବଧ କରିଥିବା ପଶୁଗଣ ତାଙ୍କୁ ଶିଙ୍ଘରେ ମାରିବା ସହ ତାଙ୍କ ଦେହରୁ ପୁଳାପୁଳା ମାଂସ ଖାଉଛନ୍ତି । ସେ ଶରୀର କଅଁଳିବା ମାତେ ସେହି କ୍ରୁର ପଶୁଗୁଡାକ ପୁନର୍ବାର ଭକ୍ଷଣ କଲେ । ରାଜା ବାରମ୍ବାର ଅଚେତ ହୋଇପଡୁଥିବା ସହ ମଳମୂତ୍ର ହୋଇଯାଉଥାଏ । ରାଜା ଭୟ ବିହ୍ୱଳିତ ହୋଇ ଚିତ୍କାର କରୁଥାନ୍ତି । ମୁନି ଧ୍ୟାନରେ ଏହି କଥା ଜାଣିପାରିବାରୁ ଭାବିଲେ ରାଜା ହୁଏତ ସ୍ୱପ୍ନରେ ମରୁ ମରୁ ଭୟରେ ବାସ୍ତବରେ ମୃତ୍ୟୁ ପାଇଯିବେ ଏଣୁ ଯୋଗନିଦ୍ରାରୁ ଉଠାଇଦେଲେ । ରାଜା ଉଠିବା ମାତ୍ରେ ଅତ୍ୟନ୍ତ ଭୟଭୀତ ହୋଇ କ୍ରନ୍ଦନ କରିବାକୁ ଲାଗିଲେ ଓ ଏହି ବିପତ୍ତିରୁ ଉଦ୍ଧାର ନିମନ୍ତେ ଦେବର୍ଷିଙ୍କୁ ପ୍ରାର୍ଥନା କଲେ । ଦେବର୍ଷି ତାଙ୍କୁ ପୁତ୍ରକଳତ୍ରାଦି ମାୟାକୁ ବିଚ୍ଛିନ୍ନ କରି ବିଷ୍ଣୁଙ୍କ ଶରଣରେ ଯିବାକୁ କହିବାରୁ ରାଜା କହିଲେ ଆସକ୍ତି ହେତୁ ପୁତ୍ରକଳତ୍ରାଦି ଛାଡିବା କଷ୍ଟକର , ଏଣୁ ଭିନ୍ନ ମାର୍ଗ ନିର୍ଦ୍ଦେଶ କରନ୍ତୁ କହିବାରୁ ନାରଦ ସ୍ମିତ ହସରେ ଗୋଟିଏ ପ୍ରସଙ୍ଗ କହିବା ଆରମ୍ଭ କଲେ, "ପୁରଞ୍ଜନ ନାମରେ ଜଣେ ମହା ତେଜସ୍ୱୀ ଓ ଯଶସ୍ୱୀ ରାଜାଥିଲେ । ସେ ନିଜର ଭୋଗବିଳାସ ନିମିତ୍ତ ଏକ ସୁନ୍ଦର ବାସସ୍ଥାନ ସାରା ପୃଥିବୀରେ ଖୋଜି ପାଇଲେ ନାହିଁ । ହଠାତ୍ ଦିନେ ହିମାଳୟର ପାଦଦେଶରେ ଭ୍ରମଣ କରୁ କରୁ ଏକ ନବଦ୍ୱାରଯୁକ୍ତ ଅତ୍ୟନ୍ତ ରମଣୀୟ ନଗର ଦେଖିଲେ । ସେହି ରତ୍ନ ନିର୍ମିତ ନଗର ସଂଲଗ୍ନ ସୁନ୍ଦର ଉପବନରେ ମୃଗ, ମୟୂରାଦି ପଶୁପକ୍ଷୀ ଓ ଜଳାଶୟରେ ହଂସମାନେ କ୍ରୀଡା କରୁଥିଲେ । ରାଜା ସେହି ଉପବନରେ ବିଚରଣ କରୁଥିବା ସମୟରେ ଜଣେ ଦିବ୍ୟ ସୁନ୍ଦରୀ ଦାସୀମାନଙ୍କ ପରିବେଷ୍ଟନୀରେ ସେଠାରେ ପହଞ୍ଚିଲେ । ରାଜା ତାଙ୍କୁ ଦେଖି କାମାସକ୍ତ ହୋଇପଡିଲେ । ପରେ ପ୍ରକୃତିସ୍ଥ ହୋଇ ପଚାରିଲେ, ହେ ସୁନ୍ଦରୀ, ତୁମେ ଦେବୀ ନା ମାନବୀ ? ତୁମର ରୂପ ଲାବଣ୍ୟର ସମକକ୍ଷ କେହି ନାହାନ୍ତି, ତୁମ ସାଥିରେ ଏମାନେ କିଏ ଓ ତୁମ ସହିତ ଏହି ପଞ୍ଚଫଣା ଯୁକ୍ତ ସର୍ପ କାହିଁକି ଅଛନ୍ତି ? ତୁମର ପାଦ ଭୂମି ସ୍ପର୍ଶ କରୁଥିବାରୁ ତୁମେ ମାନବୀ ଲାଗୁଛ, ମୁଁ ଜଣେ ପରମ ପରାକ୍ରମୀ ରାଜା । ତୁମେ ମୋ ସହିତ ଏହି ସୁନ୍ଦର ପୁରୀରେ ନିର୍ଭୟରେ ବିହାର କର । ରାଜାଙ୍କ ଚାଟୁବାକ୍ୟରେ ଯୁବତୀ ପ୍ରସନ୍ନ ହୋଇ କହିଲେ, ହେ ନରଶ୍ରେଷ୍ଠ, ଆମ୍ଭେମାନେ ନିଜର ଜନ୍ମଦାତା କିମ୍ୱା ଏ ପୁରୀର ନିର୍ମାତା କାହାକୁ ଜାଣିନାହୁଁ । ମୋ ସହଥିବା ଏମାନେ ମୋ ସହଚର ଓ ସହଚରୀ । ମୁଁ ନିଦ୍ରାଗଲେ ଏ ସର୍ପ ପୁର ରକ୍ଷାକରେ । ଏ ପୁରର ନିର୍ମାତାକୁ ନ ଜାଣିଥିଲେ ହେଁ ମୁଁ ଆପଣଙ୍କୁ ସେଥିକୁ ସ୍ୱାଗତ କରୁଛି, ଆପଣଙ୍କୁ ମୁଁ ସମସ୍ତ ସୁଖ ସମ୍ଭୋଗ ପ୍ରଦାନ କରିବି । ରାଜା ସେହି ନାରୀ ସହିତ ସେହି ଦିବ୍ୟପୁରୀରେ ବାସକଲେ । ସେହି ନାରୀ ପ୍ରତି ସେ ଏତେ ଆସକ୍ତ ହୋଇପଡିଲେ ଯେ ସେ ହସିଲେ ରାଜା ହସିଲେ, ସେ କାନ୍ଦିଲେ ରାଜା କାନ୍ଦିଲେ । ରାଜାଙ୍କର ନିଜତ୍ୱ ସମ୍ପୂର୍ଣ୍ଣ ଭାବରେ ଲୋପ ପାଇଗଲା ତା ସହିତ ସେହି ନାରୀର ସନ୍ତୋଷ ବିଧାନ ପାଇଁ ନାନା କୁକର୍ମରେ ମଧ ଲିପ୍ତହେଲେ "।

(କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ମଦ ଛାଡ଼ିଲେ ରୋଗ କମେ



ସିନେମା ହଲ୍‌ଠାରୁ ଆରମ୍ଭ କରି ମଦବୋତଲରେ ମଧ ଆମେ 'ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' ବୋଲି ଏକ ସତର୍କତାମୂଳକ ବାର୍ତ୍ତା ପଢ଼ିଥାଉ । ତଥାପି ମଦ ଅନ୍ୟତମ ସର୍ବାଧିକ ବ୍ୟବହୃତ ପାନୀୟର ମାନ୍ୟତା ବହନ କରୁଛି । ମଦ୍ୟପାନ ଆମ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେବା ସହ ହୃଦ୍‌ଘାତ ଓ କର୍କଟ ପରି ସଂଖ୍ୟାଧିକ ରୋଗର କାରଣ ସାଜିଥାଏ । ତେବେ ଜଣେ ମଦ୍ୟପକୁ ସେଥିରୁ ହଠାତ୍ ବିରତ କରାଇବା ଦ୍ୱାରା ବେଳେବେଳେ ତାକୁ ନିଷ୍କଳ ହେଲା ପରି ଅନୁଭବ ଆଣିବା ସହ ଏପରିକି ମୃତ୍ୟୁମୁଖରେ ମଧ ପକାଇଥାଏ । ତେଣୁ ମଦ୍ୟପାନ ତ୍ୟାଗ କରିବା ସହଜ ନୁହେଁ । ତଥାପି ମଦ ଛାଡୁଥିବା ବ୍ୟକ୍ତି ତାହାର ମାସକ ପରେ ଅନେକ ସ୍ୱାସ୍ଥ୍ୟାନୁକୂଳ ଅବସ୍ଥା ଲାଭ କରିଥାଏ । ତେଣୁ ଆଜି ମଦ୍ୟପାନ ତ୍ୟାଗ କରିବାର କିଛି ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଉପକାର ବାବଦରେ ଜାଣିବା ।

ମଦ୍ୟପାନ ଯକୃତ ରୋଗର ଏକ ମୁଖ୍ୟ କାରଣ । ଏକ ଅନୁଧ୍ୟାନ ଅନୁଯାୟୀ, ଜଣେ ମଦ ଛାଡ଼ିବାର ମାତ୍ର ମାସକ ପରେ ନଷ୍ଟ ହୋଇଥିବା ଯକୃତର ୧୫ରୁ ୨୦ ପ୍ରତିଶତ କ୍ଷତି ଭରଣା ହୋଇଯାଇଥାଏ । ମଦ୍ୟପାନ ଦ୍ୱାରା ନିଦ୍ରାରେ ବିଶୃଙ୍ଖଳା ଦେଖାଦେଇ ନିଦ୍ରାହୀନତା (ଇନ୍‌ସୋମ୍ନିଆ) ପରି ରୋଗର ଶିକାର ହେବାକୁ ପଡ଼ିଥାଏ । ତେଣୁ ମଦ ତ୍ୟାଗ କରିବା ଭଲ ନିଦ ଆସିବାରେ ସାହାଯ୍ୟ କରିଥାଏ, ଯାହା ସମଗ୍ର ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ । ସେହିପରି ମଦରେ ଉଚ୍ଚମାନର କ୍ୟାଲୋରି ରହିଥିବାରୁ ତାହା ଓଜନ ବଢ଼ାଇଥାଏ । ସୁତରାଂ ମଦ୍ୟପାନରୁ ବିରତ ରହିଲେ ଜଣେ ଅନାବଶ୍ୟକ ଓଜନ ହରାଇ ଶାରୀରିକ ସୁସ୍ଥତା ବଜାୟ ରଖିପାରିବ । ମଦ୍ୟପାନ ସହିତ ହୃଦ୍‌ରୋଗ ଓ କର୍କଟ ପରି ରୋଗର ସମ୍ପର୍କ ରହିଛି । ତେଣୁ ମଦ ଛାଡ଼ିଲେ ସେସବୁ ରୋଗ ଆଶଙ୍କା ଉଲ୍ଲେଖନୀୟ ଭାବେ କମିଥାଏ । ସେହିପରି ମଦ୍ୟପାନ ଦ୍ୱାରା ଯକୃତର ଜୀବକୋଷଗୁଡ଼ିକ ପ୍ରଭାବିତ ହୋଇ ଯକୃତ ଜନିତ ରୋଗର କାରଣ ସାଜିଥାଏ । ତେଣୁ ମଦ୍ୟପାନକୁ ଦୂରେଇଦେଲେ ନଷ୍ଟ ହୋଇଯାଇଥିବା ଯକୃତର ମରାମତି ହୋଇପାରିବା ସହ ତାହାର କ୍ରିୟାରେ ମଧ ଉନ୍ନତି ଆସିଥାଏ ।



ଏପରିକି ଏକ ଅନୁଧ୍ୟାନ ଅନୁଯାୟୀ, ଜଣେ ମଦ ଛାଡ଼ିବାର ମାସକ ପରେ ନଷ୍ଟ ହୋଇଥିବା ଯକୃତର ୧୫ରୁ ୨୦ ପ୍ରତିଶତ କ୍ଷତି ଭରଣା ହୋଇଥାଏ ବୋଲି ଜଣାଯାଇଛି । ମଦ ଛାଡ଼ିବା ମସ୍ତିଷ୍କ କ୍ରିୟାକୁ ଉନ୍ନତ କରି ଜଣକର ମନୋଭାବରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ । ମାତ୍ରାଧିକ ମଦ ପିଇବା ଦ୍ୱାରା ଶରୀରର ବିଭିନ୍ନ ତନ୍ତୁ ଗଠନ କରୁଥିବା କୋଲାଜେନ୍ ଓ ଇଲାଷ୍ଟିନ୍ ପରି ପୁଷ୍ଟିସାର ନଷ୍ଟ ହୋଇ ଅକାଳ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ତେଣୁ ସେଥିରୁ ବିରତ ରହିଲେ ବାର୍ଦ୍ଧକ୍ୟ ପ୍ରକ୍ରିୟା ଧିମେଇଯିବା ସହ ଚର୍ମର କୋମଳତା ମଧ ଫେରିଆସିପାରିବ । ମଦକୁ ପରିହାର କରିବା ଦ୍ୱାରା ଶରୀରରେ ଗଚ୍ଛିତ ଅତ୍ୟଧିକ ଚର୍ବି ତରଳିଯାଇ ଫୁଲିଥିବା ଯକୃତ ସଂକୁଚିତ ହୋଇଆସେ ଏବଂ ପାକସ୍ଥଳୀର ହଜମକ୍ରିୟା ମଧ ଉନ୍ନତ ହୋଇଥାଏ । ସର୍ବୋପରି ଏହା ଚର୍ମକୁ ସୁସ୍ଥ ରଖି ଜଣକୁ ଯୁବସୁଲଭ ଓ ସକ୍ରିୟ ରଖିଥାଏ ।

# ଘରେ ବନାନ୍ତୁ ସୁଆଦିଆ 'ମସ୍‌ରୁମ୍ ପରଟା'



ଆବଶ୍ୟକ ସାମଗ୍ରୀ: ଛତୁ, ଅଟା, ମଇଦା, ଲୁଣ, ଜୁଆଣି, ଘିଅ, ଗୋଲମରିଚ ଗୁଣ୍ଡ, କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ୍ ମସଲା, ଆମଚୁର ପାଉଡର, କଟା ଧନିଆ ପତ୍ର, ତେଲ ଓ ସ୍ୱାଦନୁସାରେ ଲୁଣ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣି ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ । ଏହା ପରେ ଅଳ୍ପ ଅଳ୍ପ ପାଣି ଦେଇ ଅଟାକୁ ଚକଟି ଦିଅନ୍ତୁ । ଅଟା ଚକଟି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡ଼ାରେ କିଛି ସମୟ ଏକ ପାତ୍ରରେ ରଖି ଦିଅନ୍ତୁ । ଏହାପରେ ଚୁଲିରେ କଡେଇ ବସାଇ ତେଲ ପକାନ୍ତୁ । ତେଲ ଗରମ ହୋଇଗଲା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଦେଇ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ । ଏହାପରେ ଏଥିରେ କଟା କଞ୍ଚା ଲଙ୍କା, କଟା ପିଆଜ, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ୍ ମସଲା, ଆମଚୁର ପାଉଡର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ । ଏହାପରେ ମିଶ୍ରଣକୁ ଭଲ ଭାବେ ଭାଜନ୍ତୁ । ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢ଼ି ଥଣ୍ଡା କରି ଏକ ପାତ୍ରରେ ରଖନ୍ତୁ । ଏହାପରେ ଆଗରୁ ଚକଟା ହୋଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ । ଏହା ପରେ ସେହି ଗୁଳା ଗୁଡିକୁ ରୁଟି ବା ପରଟା ପରି ବେଲନ୍ତୁ । ଏହାପରେ ଚୁଲିରେ ତାୱା ବସାଇ ପରଟାକୁ ସେକନ୍ତୁ । ପରଟାର ଦୁଇ ପଟ ଭଲ ଭାବେ ସେକି ହୋଇଗଲା ପରେ ତେଲ ପକାଇ ଏପଟ ସେପଟ କରନ୍ତୁ । ପରଟା ଗୁଡିକ ଏକ ପାତ୍ରକୁ କାଢି ଦଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଗରମାଗରମ 'ମସ୍‌ରୁମ୍ ପରଟା' । ଏହି ରେସିପିଟିକୁ ଚଟଣି, ସସ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ । ଏହି ରେସିପିଟିକୁ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।

# କାହିଁକି ରାତିରେ କାନ୍ଦନ୍ତି କୁକୁର ? ବୈଜ୍ଞାନିକଙ୍କ ମତ କ'ଣ ? କ'ଣ ରହିଛି ଅନ୍ଧବିଶ୍ୱାସ ?

ଆପଣମାନେ ସମସ୍ତେ ରାତିରେ କୁକୁର କାନ୍ଦିବା ଓ ଭୁକିବା ଶୁଣିଥିବେ । ହେଲେ ଯା ପଛର ପ୍ରକୃତ କାରଣ କେବେ ଜାଣିବାକୁ ଚେଷ୍ଟା କରିଛନ୍ତି କି ? ଏ ସଂପର୍କରେ ବୈଜ୍ଞାନିକ ଦୃଷ୍ଟିକୋଣ ଓ ଅନ୍ଧବିଶ୍ୱାସ କଣ ରହିଛି ? ମଣିଷ ପରି କୁକୁର ବି ଏକ ସାମାଜିକ ପ୍ରାଣୀ । ସମସ୍ତଙ୍କ ସହ ମିଳିମିଶି ରହିବାକୁ ଭଲ ପାଇଥାଏ । ହେଲେ ସେ ମଣିଷ ପରି କଥା ତ କହିପାରିନଥାଏ । ଏଥିପାଇଁ ବିଭିନ୍ନ ପ୍ରକାର ଶବ୍ଦ କରି ଜଣେ ଆଉ ଜଣକ ସହ ସଂପର୍କ କରିଥାଏ ବା ଯୋଗାଯୋଗ କରିଥାଏ । ରାତିରେ ଗଳିକନ୍ଦିରେ ଯେତେବେଳେ ଗୋଟିଏ କୁକୁର ଭୁକିବା ଆରମ୍ଭ କରେ । ସଙ୍ଗେ ସଙ୍ଗେ କିଛି ସମୟ ମଧରେ ଅନ୍ୟ କୁକୁରମାନେ ତା ପାଖକୁ ପଳାଇ ଆସନ୍ତି । କୁକୁରମାନେ ନିଜର ଜାଗାକୁ ନେଇ ଅଧିକ ସମ୍ବେଦନଶୀଳ ଥାଆନ୍ତି । ଯେମିତିକି କେହି ବାହାର ଲୋକ ପଶିଆସନ୍ତି ତେବେ କୁକୁର ଜୋରରେ ଭୁକିବା ଆରମ୍ଭ କରିଦେଇଥାନ୍ତି ଓ ଆକ୍ରମଣ କରିବାକୁ ମଧ ପଛାଇ ନଥାନ୍ତି । ଅନେକ ସମୟରେ କୁକୁରଙ୍କ କୌଣସି ଶାରିରୀକ ସମସ୍ୟା ପାଇଁ ସେମାନରେ ରାତିରେ ଭୁକିବା ଆରମ୍ଭ କରିଦିଅନ୍ତି । କେବେ କେବେ ବହୁତ ଭୋକ ଓ ଦୁଃଖରେ ମଧ କୁକୁର କାନ୍ଦିବା ଆରମ୍ଭ କରିଦିଅନ୍ତି । ଅନେକ ସମୟରେ ଆପଣଙ୍କ ଘର ଗଳି କନ୍ଦିରେ କୌଣସି ଅଜଣା ବ୍ୟକ୍ତି ଅବା କୁକୁର ଆସିଗଲେ ସତର୍କ ହୋଇଯାଆନ୍ତି ଏମାନେ ।। ଆଉ ବିଭିନ୍ନ ପ୍ରକାର ଶବ୍ଦ କରି ନିଜର ସାଥୀ କୁକୁରଙ୍କୁ ଏ ସଂପର୍କରେ ଆଲର୍ଟ କରିଦିଅନ୍ତି । ଯେମିତି ବାହାର ଲୋକ କୌଣସି ଅସୁବିଧା ସୃଷ୍ଟି ନକରନ୍ତି । କୁକୁରଙ୍କୁ ନିଜ ପରିବେଶରେ ଟିକେ ବି ପରିବର୍ତ୍ତନ ପସନ୍ଦ ହୋଇନଥାଏ । ଯଦି କେବେ କିଛି ପରିବର୍ତ୍ତନ ହୋଇଥାଏ ଏସବୁ ଦେଖି ସେମାନେ କନଫ୍ୟୁଜନ ହୋଇଯାଆନ୍ତି । ଆଉ ଭୁକିବା ଆରମ୍ଭ କରିଦେଇଥାନ୍ତି । କୁହାଯାଏ କୁକୁରଙ୍କର ସିକ୍ସ ସେନ୍ସ କାମ କରିଥାଏ । ଯେଉଁ ଜିନିଷ ମଣିଷକୁ ଦେଖାଯାଏନି ସେ ଜିନିଷ ସେମାନେ ଦେଖିପାରନ୍ତି । ଯେମିତିକି ପ୍ରାକୃତିକ ବିପର୍ଯ୍ୟୟ ଆସିବା ପୂର୍ବରୁ ସେମାନଙ୍କୁ ଆଭାସ ମିଳିଯାଇଥାଏ । ଆଉ ସେମାନେ ଭୁକିବା ଆରମ୍ଭ କରିଦିଅନ୍ତି । ଭିଓ-ଅନେକ ସମୟରେ କୌଣସି ସାଥୀ କୁକୁରର ମୃତ୍ୟୁ ହୋଇଗଲେ ଦୁଃଖରେ ଭାଙ୍ଗିପଡନ୍ତି ଆଉ ସେମାନଙ୍କୁ ମନେ ପକାଇ ଜୋରରେ ବିଭିନ୍ନ ପ୍ରକାରର ଶବ୍ଦ କରିଥାନ୍ତି । ଏସବୁ ତ ଥିଲା କୁକୁର କାନ୍ଦିବା ଓ ଭୁକିବା ପଛର ବୈଜ୍ଞାନିକ କାରଣ । କୁକୁରଙ୍କ ଏପରି ଅଜବ କାର୍ଯ୍ୟକଳାପ ପଛରେ ଅନେକ ଅନ୍ଧବିଶ୍ୱାସ ମଧ ରହିଛି । ଏମିତି ବି କୁହାଯାଏ କି ରାତିରେ କୁକୁର ଆତ୍ମା ଦେଖିଲେ ଭୁକିବା ସହ କାନ୍ଦିବା ଆରମ୍ଭ କରିଦିଅନ୍ତି । ଆଉ କିଏ କିଏ କୁହନ୍ତି କାହାର ମୃତ୍ୟୁ ଖବର ଆଗୁଆ ଜାଣିପାରନ୍ତି ଏମାନେ ଆଉ ସେହି କାରଣରୁ କାନ୍ଦନ୍ତି । ହେଲେ ଏସବୁ କେବଳ ଅନ୍ଧବିଶ୍ୱାସ । ଏସବୁ କଥାର କୌଣସି ସତ୍ୟତା ନାହିଁ । ହେଲେ ଲୋକମାନେ ଏହି ଅନ୍ଧବିଶ୍ୱାସକୁ ମାନି କୁକୁରଙ୍କ ଅନେକ କ୍ଷତି କରିଥାନ୍ତି । କୁକୁରଙ୍କୁ ଘୋଉଡାଇବା ଚକ୍କରରେ ଆଘାତ ପହଞ୍ଚାଇବାକୁ ମଧ ପଛଘୁଞ୍ଚା ଦିଅନ୍ତି ନାହିଁ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪
୧୨ ସେପ୍ଟେମ୍ବର ୨୦୨୪, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ଲାଷ୍ଟିକ୍ କଷଣ...

ପ୍ଲାଷ୍ଟିକ୍‌ର ଉଦ୍‌ଭାବନ, ଉତ୍ପାଦନ ଓ ବ୍ୟବହାର ମଣିଷର ଦୈନନ୍ଦିନ କାର୍ଯ୍ୟ, ବ୍ୟବସାୟ ଆଦିକୁ ସହଜ କରି ଦେଇଥିଲେ ମଧ୍ୟ ଜୀବଜଗତ ପାଇଁ ବିରାଟ ବିପଦ ସୃଷ୍ଟି କରିଛି। ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭେରେଷ୍ଟଠାରୁ ଆରମ୍ଭ କରି ପ୍ରଶାନ୍ତ ମହାସାଗରର ଗଭୀରତମ ମାରିଆନା ଟ୍ରେଞ୍ଚ ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ପ୍ରଦୂଷଣର ପଞ୍ଝା ବିସ୍ତାରିତ। ପ୍ରାକୃତିକ ପ୍ରକ୍ରିୟାରେ ସହଜରେ ନଷ୍ଟ ହେଉ ନ ଥିବାରୁ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟର ଉପଯୁକ୍ତ ପରିଚାଳନା ବ୍ୟବସ୍ଥା ନ ଥିବାରୁ ସେ ସବୁ ନାଳ ନର୍ଦ୍ଦମା, ନଦୀ, କେନାଲ୍, ରାସ୍ତାଘାଟ, ସମୁଦ୍ର ଜଳରାଶିରେ ମିଶି ବାୟୁ, ଜଳ ଓ ମୃତ୍ତିକାକୁ ବିପଜ୍ଜନକ ଭାବେ ବିଷାକ୍ତ କରୁଛି। ନିଜ ସୁବିଧା ପାଇଁ ମଣିଷ ବ୍ୟବହାର କରୁଥିବା ପ୍ଲାଷ୍ଟିକ୍‌ର କଣିକା ବିଭିନ୍ନ ମାଧ୍ୟମ ଦେଇ ପୁଣି ସେହି ମଣିଷ ଶରୀରକୁ ପ୍ରବେଶ କରି ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା, ସ୍ନାୟୁଗତ ବିଭ୍ରାଟ ସୃଷ୍ଟି କରୁଛି। ଏପରିକି ରକ୍ତକୋଷିକାରେ ମଧ୍ୟ ମାଇକ୍ରୋପ୍ଲାଷ୍ଟିକ୍ ଥିବା ଏବେ ଜଣାପଡ଼ିଛି। କ୍ରମବର୍ଦ୍ଧିଷ୍ଣୁ ଏକକ ବ୍ୟବହାରଯୋଗ୍ୟ ବିଭିନ୍ନ ପ୍ଲାଷ୍ଟିକ୍ ଉପକରଣ ଜୀବଜଗତକୁ ବିଲୟ ଆଡ଼କୁ ଟାଣି ନେଉଛି। ଏହାର ନିରାକରଣ ଦିଗରେ ରାଜ୍ୟ ଓ ଜାତୀୟସ୍ତରରେ ଉଦ୍ୟମ ହୋଇଥିଲେ ହେଁ ତାହା ସଫଳ ନ ହେବା ପଛରେ ମୁଖ୍ୟ ଦୁଇ କାରଣ ହେଉଛି ମଣିଷର ମାନସିକତା ଓ ସରକାରୀ ଉଦାସୀନତା। ଗତ ସପ୍ତାହରେ ସ୍ୱନାମଧନ୍ୟ ଓ ଖ୍ୟାତିସମ୍ପନ୍ନ ବିଜ୍ଞାନ ପତ୍ରିକା 'ନେଚର'ରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ବିଶ୍ୱ, ବିଶେଷକରି ଭାରତ ପାଇଁ, ଅଧିକ ଚିନ୍ତାଜନକ। ଏହି ପତ୍ରିକାରେ ପ୍ରକାଶିତ ଏକ ଗବେଷଣାତ୍ମକ ସନ୍ଦର୍ଭର ତଥ୍ୟାନୁଯାୟୀ ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟିରେ ଭାରତର ସ୍ଥାନ ବିଶ୍ୱରେ ପଞ୍ଚମ। ଭାରତରୁ ବାର୍ଷିକ ୯.୩ ନିୟୁତ ଟନ୍ ଓଜନର ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ହେଉଛି। ସେଥିମଧ୍ୟରୁ ୫.୮ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ପୋଡ଼ି ଜନିତ ଧୂଆଁରେ ବାୟୁମଣ୍ଡଳ ପ୍ରଦୂଷିତ ହେଉଥିବା ବେଳେ ୩.୫ ନିୟୁତ ଟନ୍‌ର ମାଇକ୍ରୋପ୍ଲାଷ୍ଟିକ୍(ପ୍ଲାଷ୍ଟିକ୍‌ର କ୍ଷୁଦ୍ରାତିକ୍ଷୁଦ୍ର କଣିକା) ଜଳ, ସ୍ଥଳ ଓ ବାୟୁରେ ମିଶୁଛି। ଏହି ସନ୍ଦର୍ଭରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ବିଶ୍ୱରେ ପ୍ରତିବର୍ଷ ୨୫୧ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ହେଉଛି, ଯେଉଁଥିରୁ ୫୨.୧ ନିୟୁତ ଟନ୍ ସିଧାସଳଖ ପରିବେଶକୁ ଦୂଷିତ କରୁଛି। ଆହୁରି ଉଦ୍‌ବେଗଜନକ ତଥ୍ୟ ହେଉଛି ପରିଚାଳନା ଓ ପୁନଃଚକ୍ରଣ ଆଳରେ ସଂଗ୍ରହ କରାଯାଉଥିବା ବର୍ଜ୍ୟ ପ୍ଲାଷ୍ଟିକ୍‌ର ଏକ ବଡ଼ ଭାଗ ଖାଲ ଖମା ପୋତିବାରେ ବ୍ୟବହାର ହେଉଛି। ପୁନଃଚକ୍ରଣ ପରିମାଣ ଅତି ନଗଣ୍ୟ। ଏବେ ପ୍ଲାଷ୍ଟିକ୍ ପ୍ରଦୂଷଣ ବିଶ୍ୱକୁ ବସ୍ତୁତଃ ଦୁଇ ଭାଗ କରିଦେଇଛି। ଦକ୍ଷିଣ-ବିଶ୍ୱର ୨୦ଟି ବିକାଶଶୀଳ ରାଷ୍ଟ୍ର ବିଶ୍ୱର ପ୍ରାୟ ୬୯% ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି କରୁଛନ୍ତି। ଏହି ରାଷ୍ଟ୍ରଗୁଡ଼ିକ ଦକ୍ଷିଣ ଏସିଆ, ଦକ୍ଷିଣ-ପୂର୍ବଏସିଆ ଓ ସାହାରା-ଆଫ୍ରିକୀୟ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଛନ୍ତି। ଅପରପକ୍ଷରେ ଉତ୍ତର-ବିଶ୍ୱର ପ୍ରତିନିଧିତ୍ୱ କରୁଥିବା ବିକଶିତ ରାଷ୍ଟ୍ରମାନଙ୍କରୁ ସର୍ବାଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ହେଉଥିଲେ ମଧ୍ୟ ଉପଯୁକ୍ତ ପରିଚାଳନା ପୁନଃଚକ୍ରଣ ପଦ୍ଧତିର ସଠିକ୍ କାର୍ଯ୍ୟକାରିତା ଯୋଗୁଁ ସେହି ଦେଶଗୁଡ଼ିକ ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ତାଲିକାରେ ବହୁ ତଳେ ଅଛନ୍ତି। ୨୦୨୨ରେ ଜାତିସଂଘର ପରିବେଶ ଆସେମ୍ବ୍ଲିର ନିଷ୍ପତ୍ତି ଅନୁଯାୟୀ ୨୦୨୪ ଶେଷ ସୁଦ୍ଧା ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ପାଇଁ ଆନ୍ତର୍ଜାତିକ ସ୍ତରରେ ଏକ ବୈଧାନିକ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି। ପରିତାପର ବିଷୟ, ୨୦୨୪ ସମାପ୍ତ ହେବାକୁ ଆଉ ମାତ୍ର ୪ ମାସରୁ କମ୍ ସମୟ ରହିଯାଇଥିବା ବେଳେ ଏ ଦିଗରେ କୌଣସି ତତ୍ପରତା ପ୍ରକାଶ ପାଇଥିବା ଜଣାପଡୁନାହିଁ। ଏଠାରେ ଲକ୍ଷ୍ୟ କରିବାର କଥା ଯେ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଅନେକ ଚର୍ଚ୍ଚା ହେଉଥିଲେ ମଧ୍ୟ ପ୍ଲାଷ୍ଟିକ୍, ବିଶେଷକରି ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଉତ୍ପାଦନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଉପରେ କୌଣସି ବିଚାରବିମର୍ଶ ହେଉନାହିଁ। ଯଦି ଉତ୍ପାଦନ ହୁଅନ୍ତା ନାହିଁ ବର୍ଜ୍ୟ ମଧ୍ୟ ସୃଷ୍ଟି ହୁଅନ୍ତା ନାହିଁ। ପ୍ଲାଷ୍ଟିକ୍ ବିନା ଜୀବନ ଅସମ୍ଭବ ନୁହେଁ। ଗୋଟିଏ ଦେଶର କିମ୍ବା ରାଜ୍ୟର ସରକାର ଚାହିଁଲେ ପ୍ଲାଷ୍ଟିକ୍ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହୋଇପାରନ୍ତା। ପ୍ଲାଷ୍ଟିକ୍ ବର୍ଜ୍ୟ ଓ ପ୍ରଦୂଷଣ ସମ୍ପୂର୍ଣ୍ଣ ରୂପେ ମାନବକୃତ ହୋଇଥିବାରୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହିଁ ଏ ଦିଗରେ ବଡ଼ ପ୍ରତିବନ୍ଧକ କହିଲେ ଅତ୍ୟୁକ୍ତି ହେବ ନାହିଁ। ଭାରତ ଏବଂ ଆମ ରାଜ୍ୟର ଉଦାହରଣ ନିଆଯାଉ। ୨୦୨୧ ଅଗଷ୍ଟରେ କେନ୍ଦ୍ର ସରକାର ପ୍ଲାଷ୍ଟିକ୍ ପରିଚାଳନା ନିୟମ ସଂଶୋଧନ ଆଇନ ପ୍ରଣୟନ କରିଛନ୍ତି। ଏହି ଆଇନ ଅନୁସାରେ ୨୦୨୨ ଜୁଲାଇ ପହିଲାରୁ ୨୦ ପ୍ରକାରର ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ୍ ନିଷିଦ୍ଧ ହୋଇସାରିଛି। ଏହାଛଡ଼ା ସବୁଠୁ ଅଧିକ ବ୍ୟବହୃତ ୧୨୦ ମାଇକ୍ରନରୁ କମ୍ ମୋଟେଇ ବିଶିଷ୍ଟ ପ୍ଲାଷ୍ଟିକ୍ ମୁଣା ଓ କ୍ୟାରିବ୍ୟାଗ୍ ଆଦି ସରକାରୀ କାଗଜକଲମରେ ନିଷିଦ୍ଧ ହୋଇଛି। ସେହିପରି ଓଡ଼ିଶାକୁ ଦୁଇବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ପ୍ଲାଷ୍ଟିକ୍ ବର୍ଜ୍ୟ ପ୍ରଦୂଷଣ ମୁକ୍ତ କରିବାକୁ ୨୦୧୮ ଅକ୍ଟୋବର ୨ ତାରିଖରୁ ଅଭିଯାନ ଆରମ୍ଭ ହୋଇସାରିଛି। କିନ୍ତୁ ଫଳାଫଳ କ'ଣ ତାହା ଆମ ସମସ୍ତଙ୍କ ସାମ୍ନାରେ। ରାସ୍ତା, ଘାଟ, ବଜାର, ମନ୍ଦିର, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ ଓ ସର୍ବସାଧାରଣ ସ୍ଥଳରେ 'ପ୍ଲାଷ୍ଟିକ୍-ରାଜ'ର ପ୍ରଭାବ କମିବା ବଦଳରେ ବଢ଼ିବାରେ ଲାଗିଛି।

# ଆତ୍ମୀୟତା ଥିଲେ ମାନବିକତାର ଜାଗରଣ ହୁଏ



### ପ୍ରଦୋଷ କୁମାର ଦାସ

କବି ଲେଖକ ଭାବରେ ଆପଣଙ୍କର ରଚିତ ବିଭିନ୍ନ ଲେଖାକୁ ମୁଁ ବିଭିନ୍ନ ପତ୍ର ପତ୍ରିକାରୁ ଖୋଜି ପଢିଥାଏ। ସମାଜସେବୀ, ଶିକ୍ଷାବିତ୍ ଭାବେ ଆପଣଙ୍କର ପ୍ରେରଣାଦାୟୀ ଓ ସହୃଦୟତା ଦେଖିଲେ ଆମକୁ ବହୁତ୍ ଖୁସି ଲାଗେ। ଯାହା ହେଉ ଭଗବାନ ଆପଣଙ୍କୁ ବଞ୍ଚାଇଦେଲେ। ଡାକ୍ତରଖାନାରେ ମତେ ପହଞ୍ଚାଇଥିବା ବ୍ୟକ୍ତି ଜଣକ ନିଜର ପରିଚୟ ନଦେଲେବି ସେ ହିଁ ଭଗବାନ ବୋଲି ହୃଦୟରୁ ନିରେବ ପ୍ରଣାମ ଜଣାଉଥିଲି।

ଆତ୍ମୀୟତା ନଥିଲେ ଜୀବନ ନିରର୍ଥକ। ସବୁ କର୍ମରେ ନିଃସ୍ୱାର୍ଥପର ସେବା ମନୋବୃତ୍ତି ହୃଦୟରେ ପବିତ୍ରତାର ଜାଗରଣ ଆଣେ। ଜୀବନରେ କେବେ କେମିତି ଅଘଟଣ ଆସିପାରେ। ହେଲେ ଭଗବାନ ସଠିକ୍ ସମୟରେ କେଉଁ ରୂପରେ ଦେବଦୂତ ଭଳି ଘଟଣା ସ୍ଥଳରେ ଉପନୀତ ହୋଇ ସହଯୋଗ ପ୍ରଦାନ କରିଥାନ୍ତି। ବିପଦ ମଧ୍ୟ ଟଳି ଯାଇଥାଏ।

ସମୟ ପ୍ରାୟ ୪ଟା ହେବ । ଝିପିଝିପି ବର୍ଷା ହେଉଛି। ଘରେ ବସିଥିଲି। ହଠାତ୍ ଇଛା ହେଲା, କିଛି ଗ୍ରାମୀଣ ଅଞ୍ଚଳକୁ ଯାଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ପ୍ରସ୍ତୁତି କାର୍ଯ୍ୟ କରିବି। ଏହି ଅବସରରେ କିଛି ସମସ୍ୟା ଭିତ୍ତିକ ସମ୍ବାଦ ତଥ୍ୟ ସଂଗ୍ରହ କରିବା ସହିତ ଅନ୍ୟାନ୍ୟ କିଛି ସମାଜ ସେବା କରିବାର ମୋହରେ ଘରୁ ମୋର ଚିର ସହଚର ଭଳି ରହିଥିବା ପୁରୁଣା ବାଇକ ଟିଙ୍କୁ ଧରି ଏକଲା ଘରୁ ବାହାରି ପଡିଥିଲି। ମୋର ବାସସ୍ଥାନ ନାଚୁଣୀରୁ ସଲପଡିହ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଉଦ୍ଦେଶ୍ୟ ସାଧନ ପାଇଁ ଆବଶ୍ୟକ କର୍ତ୍ତବ୍ୟ ସମ୍ପାଦନ କରିଥିଲି। ବିଭିନ୍ନ ସ୍ଥାନ ବୁଲାବୁଲି କରି ଶେଷରେ ସେହି ଝିପିଝିପି ବର୍ଷାରେ ଓଦା ସରସର ହୋଇ ଘରକୁ ଫେରିଲା ବେଳକୁ ରାତି ପ୍ରାୟ ୭.୩୦ ପାଖାପାଖି ହେବ। ସଲପଡିହ ରୁ ନାଚୁଣୀ ଫେରୁଥିବାବେଳେ ମଝିରେ ଲୋକିପୁର ଛକ ଅନତି ଦୂର ରାସ୍ତା ଉପରେ ପଲେ ହେବ ଗାଈଗୋରୁ ଶୋଇ ଥିବାରୁ ରାସ୍ତା ଜାତ ଥିଲା। ଏଣୁ ସନ୍ତର୍ପରେ ବାଇକକୁ ଧୀରେ ଧୀରେ ନେଇ ଆଗକୁ ବଢୁଥାଏ। ଠିକ୍ ଏତିକିବେଳେ ସମ୍ମୁଖ ଭାଗରୁ ଏକ ସାଇକେଲ ଆରୋହୀ ଦୃତ ଗତିରେ ମୋ ଆଡ଼କୁ ମାଡ଼ି ଆସି ଦିଗ ଭ୍ରଷ୍ଟ ହୋଇ ରାସ୍ତାରେ ଶୋଇଥିବା ଉକ୍ତ ଗାଇପଲଙ୍କ ଉପରେ ଧକ୍କା ଦେଇଥିଲା। ଫଳରେ ଗାଇପଲ ହୁରୁଡିଯାଇ ଧାଧପଡ କରିବା ସହ ଦୌଡି ଯାଇ ନିକଟରେ ଥିବାରୁ ମୋତେ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ବାଇକ ସହ ମୁଁ ତଳେ ପଡି ଆହତ ହୋଇଥିଲି। ରାତି ଅନ୍ଧାରରେ ନିଶାଗ୍ରସ୍ତ ସାଇକେଲ ଆରୋହୀ ଟି ମତେ ସହଯୋଗର ହାତ ବଢ଼ାଇବା ବଦଳରେ ସ୍ଥାନ ଛାଡି ଉଭାନ ହୋଇଯାଇଥିଲା। ରାସ୍ତା ରେ ମୁଣ୍ଡ ମୋର ପିଚି ହୋଇଯାଇ ଫାଟି ରକ୍ତ ବୋହି ଚାଲିଥିଲା। ଡାହାଣ ପଟ ଭାଗ ଗୋଡ଼ ହାତର କିଛି ଅଂଶ ଖଣ୍ଡିଆ ହୋଇ ରକ୍ତ ମଧ୍ୟ ଝରୁଥିଲା। ମୋ ଆଖିରୁ ଚୁମାଟି ଛିଟିକି ପଡ଼ିଥିବାରୁ ତଥା ଦୁର୍ଘଟଣାର ଛାନିଆରେ ଅସ୍ତବ୍ୟସ୍ତ ହୋଇ ରାତି ଅନ୍ଧାରରେ ମତେ କିଛି ଦେଖା ଯାଉନଥିଲା। ଶୁନଶାନ୍ ରୋଡ଼ ଉପରେ ମୋର ଏଭଳି ପରିସ୍ଥିତିରେ ମୁଣ୍ଡ କାମ କରୁଥାଏ। ସୌଭାଗ୍ୟକୁ କେହି ଜଣେ ବାଇକ୍ ଆରୋହୀ ଘଟଣା ସ୍ଥଳ ଅତିକ୍ରମ କରୁଥିବା ବେଳେ ମତେ ଦେଖି ଅଟକି ଯାଇଥିଲେ। ସେ ମତେ ଚିହ୍ନି ପାରି ଦେବ ଦୂତ ଭଳି ସହଯୋଗର ହାତ ବଢ଼ାଇ ଥିଲେ। ମତେ ତଳୁ ଉଠାଇ ମୋର ଭାଙ୍ଗି ରୁଜି ଯାଇଥିବା ବାଇକ ଟିକୁ ଘରେ ପହଞ୍ଚାଇବା ଓ ମତେ ନାଚୁଣୀ ମେଡିକାଲକୁ ପଠାଇବାର ବନ୍ଦୋବସ୍ତ ମଧ୍ୟ କରିଦେଇଥିଲେ। ଏପରିକି ସେ ମୋର ମେଡ଼ିକାଲ ଖର୍ଚ୍ଚ ଦେବାକୁ ଚାହୁଁଥିଲେ। ହେଲେ ତାଙ୍କୁ ରାଣ ନିୟମ ପକାଇ ଏଥିରୁ ସମ୍ଭ୍ରମତାର ସହ ତାଙ୍କୁ ମୋର କୃତଜ୍ଞତା ଜଣାଇ ଏଥିରୁ ବିରତ କରାଇ ଥିଲି। ଅସହ୍ୟ ଯନ୍ତ୍ରଣା ରେ ମୁଁ ତାଙ୍କ ଠିକଣା ପଚାରିଲି। ମୋ ଠାରୁ ବିଦାୟ ନେଇ ଗଲାବେଳେ ସେ ମତେ କହିଗଲେ, 'ଆପଣ ଆମ ଅଞ୍ଚଳର ଜଣାଶୁଣା ଅମାୟିକ ଲୋକ। ଆପଣ ମତେ ନଜାଣିଲେ ବି ମୁଁ ଆପଣଙ୍କୁ ଭଲଭାବରେ ଜାଣିଛି। ଆପଣ ନିଃସ୍ୱାର୍ଥପର ଭାବେ ଆମ ଅଞ୍ଚଳର ବିଭିନ୍ନ ସ୍କୁଲମାନଙ୍କରେ ଯାଇ ପିଲାଙ୍କୁ ଅବୈତନିକ ପାଠ ପଢାନ୍ତି। ସ୍ୱାଭିମାନୀ ସାମ୍ବାଦିକ ଭାବରେ ଆପଣଙ୍କର ବେଶ ପରିଚିତି ରହିଛି। କବି ଲେଖକ ଭାବରେ ଆପଣଙ୍କର ରଚିତ ବିଭିନ୍ନ ଲେଖାକୁ ମୁଁ ବିଭିନ୍ନ ପତ୍ର ପତ୍ରିକାରୁ ଖୋଜି ପଢିଥାଏ। ସମାଜସେବୀ, ଶିକ୍ଷାବିତ୍ ଭାବେ ଆପଣଙ୍କର ପ୍ରେରଣାଦାୟୀ ଓ ସହୃଦୟତା ଦେଖିଲେ ଆମକୁ ବହୁତ୍ ଖୁସି ଲାଗେ। ଯାହା ହେଉ ଭଗବାନ ଆପଣଙ୍କୁ ବଞ୍ଚାଇଦେଲେ। ଡାକ୍ତରଖାନାରେ ମତେ ପହଞ୍ଚାଇଥିବା ବ୍ୟକ୍ତି ଜଣକ ନିଜର ପରିଚୟ ନଦେଲେବି ସେ ହିଁ ଭଗବାନ ବୋଲି ହୃଦୟରୁ ନିରେବ ପ୍ରଣାମ ଜଣାଉଥିଲି। ଯନ୍ତ୍ରଣା ସିକ୍ତ ଶରୀରକୁ ଖଟରେ ଲୋଟାଇ ଦେଇ ଆଜି ର ଦୁର୍ଘଟଣାରେ ହାତଗୋଡ ଅନ୍ତତଃ ଭାଙ୍ଗି ନଥିବାରୁ ତଥା ଆପଣା ଜୀବନଟି ବଞ୍ଚି ଯାଇଥିବାରୁ ଈଶ୍ୱରଙ୍କୁ ଭକ୍ତି ଭରା କୃତଜ୍ଞତା ଜଣାଉଥିଲି।

ମୋର ଦୁର୍ଘଟଣା ଖବର ସତୀର୍ଥ ସାମ୍ବାଦିକଙ୍କ ମହଲରେ ରଟିଯାଇଥିଲା। ସମସ୍ତଙ୍କ ଆଶ୍ୱାସନା ପାଇଥିଲି। ଭଗବାନଙ୍କ ଆଶୀର୍ବାଦ ତଥା ମୋର ସହୃଦୟୀଙ୍କ ଶ୍ରଦ୍ଧାରୁ ମୁଁ ବର୍ତ୍ତମାନ ଜୀବନ ଓ ସମୟ ସହିତ ରହିପାରିଛି ବୋଲି ଭାବୁଥିଲି। ଯେଉଁ ନିଶାସକ

ମୋ ବ୍ୟକ୍ତିଟି ମୋର ଉକ୍ତ ଦୁର୍ଘଟଣାର କାରଣ ହୋଇ ଘଟଣା ସ୍ଥଳରୁ ଫେରାର ସୋଇଯାଇଥିଲା, ତା ପ୍ରତି ମୋର ନାମ ଅଭିମାନ ଥିଲା, ନା ଅଭିଯୋଗ ମଧ୍ୟ ଥିଲା !

ହ୍ୱାଟସ ଆପରେ ମତେ ବହୁତ କ୍ୱଚିତ୍ ମେସେଜ ଦେଉଥିବା ଜନୈକା ଭାବମୟ ଯୁବ ଛଳଛଳ କବୀ ମହୋଦୟାଙ୍କର ଏକ ମେସେଜ ଆସିଥିଲା। ତାହା ପଢିବାରେ ଆଖିରୁ ମୋର ହଠାତ୍ ତତଲା ଲୁହ ବହି ଗଲା। ମେସେଜରେ ସେ ଲେଖିଥିଲେ, 'ଭାଇ ଆପଣଙ୍କ ଦୁର୍ଘଟଣା ଖବର ଜାଣି ଭାରି କଷ୍ଟ ଲାଗୁଛି। ଏବେ କିପରି ଅଛନ୍ତି ? ଆପଣଙ୍କର ଏହି ନମ୍ବରରେ ୧ ହଜାର ଟଙ୍କା ପଠାଇଛି। ଗୁଣ୍ଡୁଚି ମୂଷାର ସାମାନ୍ୟ ସାହାଯ୍ୟ ଭାବି ଏହାକୁ ଗ୍ରହଣ କରିବେ। କାହାକୁ କହିବେନି। ଭଗବାନଙ୍କୁ ପ୍ରାର୍ଥନା କରୁଛି ଆପଣ ଶୀଘ୍ର ଓ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଆନ୍ତୁ।'

ହୃଦୟ ମୋର ବିଗଳିତ ହୋଇଯାଉଥିଲା। ଯେତେ ଅଭାବ ଅସୁବିଧାରେ ରହିଲେବି ମୁଁ କେବେ ମଧ୍ୟ ଅର୍ଥ ଲାଳସାରେ ନଥାଏ।

ଯିଏ ମତେ ଟଙ୍କା ପଠାଇଥିଲେ, ସେ ନିକଟ ଅତୀତରେ ନିଜର ଏକମାତ୍ର କନ୍ୟାର ବିବାହ କାର୍ଯ୍ୟରେ ବହୁ ଅର୍ଥ ବ୍ୟୟ କରି ଋଣଭାରାକ୍ରାନ୍ତ ରହିଥିବା ଶୁଣିଛି। ଭଦ୍ରାମୀ ଖାତିରରେ ନିରବ ରହି କୃତଜ୍ଞତା ଜଣାଇବାକୁ ଭାରି କଷ୍ଟ ଲାଗୁଛି। ହେଲେ ସୌଜନ୍ୟତା ଦେଖାଇ ପରେ ଉକ୍ତ ଅର୍ଥରାଶିକୁ ଫେରାଇଦେଲେ ହୁଏତ ତାଙ୍କର ମୋ ପ୍ରତି ଏଭଳି ଅନାବିଳ ଆତ୍ମୀୟତାକୁ ମଧ୍ୟ କୁଠାରାଘାତ ହୋଇଯିବ ବୋଲି ଅସ୍ଥିର ଲାଗୁଥିଲା। ଆଖିର ଲୁହ ଅବାରିତ ବୋହି ଚାଲିଥିଲା। କ୍ରମେ ଆଘାତ ଶରୀରର କଷ୍ଟରାଜି ବିସ୍ମରଣ ହୋଇଯାଉଥିଲା। ସମୟର ସହୃଦୟତାର ପଟାନ୍ତର ନାହିଁ। ବୋଉ କଥା ମନେ ପଡୁଥିଲା। ସବୁବେଳେ ସେ କହେ, ସମାଜ ସେବା, ନିଜକୁ ତିଳ ତିଳ ମାରି, ସ୍ୱାର୍ଥ ରହିତ ହୋଇ ସ୍ୱାଭିମାନୀ ହୋଇ କିପରି ବଞ୍ଚିବୁ ! ପୁଣି ସେ କହିଥାଏ, ଭଲ କାମ କରୁଥା, ଭଲ କାମରେ ଭଲ ଫଳ ମିଳେ ବୋଲି ବିଶ୍ୱାସ ରଖି ଈଶ୍ୱରଙ୍କୁ ଭକ୍ତି ରଖିବୁ ବୋଲି ବୁଝାଇଥାଏ।

ଭାବୁଥିଲି, ବାପାବୋଉ, ହିତୈଷୀ ମାନଙ୍କର ଆଶୀର୍ବାଦ ଓ ଶ୍ରଦ୍ଧାରୁ ଅସମୟରେ ସେହି ଆତ୍ମୀୟ ସମ ସାଥୀ ସହଯୋଗୀ ସାକ୍ଷାତ ଦେବଦୂତ ଭଳି ମତେ ଶ୍ରଦ୍ଧା ଦେଇ ସାହା ହେବା ଘଟଣା ନିଶ୍ଚୟ ଭଗବାନଙ୍କ କୃପା ବ୍ୟତୀତ ଆଉ କିଛି ନୁହେଁ। ହେ ଇଶ୍ୱର, ଏଇ ଅଳୀକ ମଣିଷର ମନହୃଦୟରେ ମାନବିକତାର ପରମ ହିତୈଷୀ ଭାବକୁ ଜାଗରଣ କରୁ। ଜ୍ଞାନୀ ମଣିଷଟିଏ ଆନ ମଣିଷ ଓ ଜୀବନ ପାଇଁ ଅନନ୍ୟ ଅନାବିଳ ଶ୍ରଦ୍ଧା ସାହାଚର୍ଯ୍ୟ ପ୍ରଦାନର ଆନ୍ତରିକତାକୁ ତାର କାର୍ଯ୍ୟକାରଣରେ ସଦା ଭରିଦିଅ। ନିଃସ୍ୱାର୍ଥପର ସେବା ମନୋବୃତ୍ତି ରହିଲେ ମଣିଷର ମନହୃଦୟରେ ପବିତ୍ରତା ଭରିଯିବା ଥୟ। ଏଥିରେ ଆତ୍ମୀୟତା ରକ୍ଷା ସବୁ ସୁକର୍ମ ର ସଫଳତାର ମୂଳମନ୍ତ୍ର ଅଟେ।

..., ଖୋର୍ଦ୍ଧା,
ପିନ୍:-୭୫୨୦୩୪
ମୋ:-୬୩୭୦୪୯୫୯୪୪

# ସେବା ମୂର୍ତ୍ତି ସ୍ୱାମୀ ଶିବାନନ୍ଦ

### ହେମନ୍ତ କୁମାର ପରିଡ଼ା

ଛାତ୍ର ଜୀବନରେ ଆମ୍ରୋସିୟା ନାମକ ଏକ ସ୍ୱାସ୍ଥ୍ୟ ପତ୍ରିକା ପ୍ରକାଶ କରି ସେ ବହୁ ପ୍ରସିଦ୍ଧି ପ୍ରାପ୍ତ ହୋଇଥିଲେ। ଡାକ୍ତରୀ ପାଠ ପଢ଼ିଲାବେଳେ ଅନେକ ପ୍ରଫେସରଙ୍କ ଅପେକ୍ଷା ତାଙ୍କର ଜ୍ଞାନ ପରିସୀମା ପ୍ରଖର ଥିଲା ବୋଲି କୁହାଯାଏ। ଜୀବନରେ ଲାଭ କରିଥିବା ସମସ୍ତ ସଫଳତା ଓ ପାର୍ଥିବ ପ୍ରତିଷ୍ଠା ଅଧିକ ଦିନ ତାଙ୍କୁ ଆକୃଷ୍ଟ କରି ରଖିପାରିଲା ନାହିଁ। ଜୀବନର ରହସ୍ୟ ଖୋଜି ଖୋଜି ପରମ ରହସ୍ୟମୟ ପରମାତ୍ମାଙ୍କର ସନ୍ଧାନରେ ଅନ୍ତର୍ମୁଖୀ ହୋଇ ଉଠିଲେ। ମାଳୟ ଛାଡ଼ି ହିମାଳୟ ଚାଲି ଆସିଲେ।

ସାଧୁସନ୍ଥମାନେ ଆମ ସଂସ୍କୃତିର ପ୍ରତ୍ୟକ୍ଷ ପରିଚାୟକ ଓ ମାନବ ଜାତିର ମାର୍ଗ ଦର୍ଶକ। ଜୀବନର ପରିପୂର୍ଣ୍ଣତା ପଥେ ସେମାନଙ୍କ ଆଚରଣ ଓ ଉଚ୍ଚାରଣ ଜନିତ ଆଦର୍ଶବୋଧ ହେଉଛି ସଫଳତାର ଆଧାରଶୀଳା। ଗଙ୍ଗୋତ୍ରୀର ଗଙ୍ଗାଜଳ ଦୀର୍ଘ ପଥ ଅତିକ୍ରମ ପରେ ମଧ୍ୟ ଗଙ୍ଗାସାଗର ଠାରେ ସେହି ଗଙ୍ଗାଜଳ ଭାବେ ଉପଲବ୍ଧ। ସେହିଭଳି ସତ୍ୟଦ୍ରଷ୍ଟା ମୁନିଋଷି ମାନଙ୍କର ଉପଲବ୍ଧ ଜ୍ଞାନ ପରମ୍ପରାକ୍ରମେ ସାଧୁସନ୍ଥ ମାନଙ୍କ ମାଧ୍ୟମରେ ଏବେ ବି ଆମ୍ଭ ମାନଙ୍କୁ ଉପଲବ୍ଧ ସେହିଭଳି ଏ ଯୁଗର ଜଣେ ମହାନ ଅନୁଭବ ସନ୍ଥ ହେଉଛନ୍ତି ଯୁଗ ପୁରୁଷ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ।

ଆଧାତ୍ମ ଆକାଶର ଜଣେ ଉଜ୍ଜ୍ୱଳତମ ନକ୍ଷତ୍ର ହେଉଛନ୍ତି ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ। ଭାରତୀୟ ସଂସ୍କୃତି ଓ ଦର୍ଶନ ମାଧ୍ୟମରେ ଆଧାତ୍ମିକତାର ପ୍ରଚାର ପ୍ରସାର ପାଇଁ ସେ ତନମନ ଢ଼ାଳି ଦେଇଥିଲେ। ସେ ଯୋଗ ଏବଂ ବେଦାନ୍ତ ଦର୍ଶନର ଜଣେ ପ୍ରମୁଖ ପ୍ରବକ୍ତା। ଋଷିକେଶର ଗଙ୍ଗାକୂଳସ୍ଥ ଆନନ୍ଦ କୁଟୀର ତାଙ୍କର ସାଧନ ପୀଠ। ସେହି ସାଧନ ପୀଠ ଛାଡ଼ି ସେ ଅନ୍ୟତ୍ର କୁଆଡ଼େ ଯାଇନଥିଲେ। ହେଲେ ଆପଣା ସତ ସଂକଳ୍ପ, ନିଷ୍ଠାପର ଉଦ୍ୟମ ଓ କଠୋର ତପସ୍ୟା ଦ୍ୱାରା ସେ ବିଶ୍ୱର କୋଣେ କୋଣେ ପହଞ୍ଚି ପାରିଥିଲେ। ଆଧାତ୍ମିକ ସାଧନା, ସେବା ଓ ସତସଙ୍ଗର ତ୍ରିଧାରା ସଙ୍ଗମରେ ସେ ତାଙ୍କ ଜୀବନକୁ ଏକ ତୀର୍ଥକ୍ଷେତ୍ରରେ ପରିଣତ କରିଦେଇଥିଲେ। ବିଶ୍ୱର ସମସ୍ତ ଧର୍ମ ଏବଂ ସକଳ ଧର୍ମ ଶାସ୍ତ୍ରର ଜ୍ଞାନ ସାଗର ମନ୍ଥନ କରି ସେ ଯେଉଁ ଅମୃତ ପ୍ରାପ୍ତି କରିଥିଲେ ତାର ସାରାଂଶକୁ ମାତ୍ର ଛଅ ଗୋଟି ଶବ୍ଦରେ ପ୍ରକାଶ କରିଥିଲେ। ସେଗୁଡ଼ିକ ହେଲା - ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ସାକ୍ଷାତକାର। ଏହି ଅମୃତମୟ ଅନୁଭବକୁ ସେ ଆପଣା ଜୀବନରେ ପ୍ରୟୋଗ କରି ନିଜେ ଅମୃତମୟ ହେବା ସହିତ ସମସ୍ତଙ୍କ ପାଇଁ ଅମୃତମୟ ଦିବ୍ୟଜୀବନର ମାର୍ଗ ପ୍ରଦର୍ଶନ କରିଥିଲେ। ଏହି ସମସ୍ତ ସାଧନାକୁ ଆହୁରି ସଂକ୍ଷିପ୍ତ କରି ସେ ମାତ୍ର ଦୁଇଟି ବାକ୍ୟ ଉପରେ ପ୍ରାଧାନ୍ୟ ଦେଉଥିଲେ। ଭଲ ହୁଅ, ଭଲ କର। ଏହା ହିଁ ସମସ୍ତ ସାଧନା ଓ ସଫଳତାର ମୂଳ ଅଟେ। ମାନବ ନିର୍ମାଣ ଓ ଦିବ୍ୟ ଜୀବନର ପ୍ରତିଷ୍ଠା ପାଇଁ ସେ ୧୯୩୬ ମସିହାରେ ଆରମ୍ଭ କରିଥିଲେ ଦିବ୍ୟ ଜୀବନ ସଂଘ। ଏହା ଏବେ ବିଶ୍ୱବ୍ୟାପୀ ଏକ ବିଶାଳ ଅନୁଷ୍ଠାନ।

ଶିବାନନ୍ଦଙ୍କର ପୂର୍ବାଶ୍ରମ ନାମ ଥିଲା କୁପୁସ୍ୱାମୀ। ପିତା ଶ୍ରୀ ପିଏସ ଭେଙ୍ଗୁ ଆୟାର ଓ ମାତା ଶ୍ରୀମତୀ ପାର୍ବତୀ ଅମ୍ମାଲାଙ୍କର କୋଳ ମଣ୍ଡନ କରି ୧୮୮୭ ମସିହା ସେପ୍ଟେମ୍ବର ୮ ତାରିଖ ଦିନ ଧରା ମଣ୍ଡନ କରିଥିଲେ। ଭାରତର ଅନ୍ୟତମ ପ୍ରଖ୍ୟାତ ସଂସ୍କୃତ ବିଦ୍ୱାନ ଅପେୟା ଦିକ୍ଷିତାରଙ୍କ ବଂଶରେ ତାଙ୍କ ଜନ୍ମ। ଲୋକେ ତାଙ୍କୁ ଶିବଙ୍କ ଅବତାର ବୋଲି ବିଶ୍ୱାସ କରୁଥିଲେ। ପିଲାଟି ଦିନରୁ ଏହି ଦେବ ଶିଶୁ ନିଜର ସ୍ୱତନ୍ତ୍ରତାରେ ସ୍ୱତନ୍ତ୍ର ବୋଧ ହେଉଥିଲେ। ଯେପରି ମେଧାବୀ ସେହିପରି ପ୍ରତିଭାବାନ ଛାତ୍ର ଥିଲେ। ଡାକ୍ତରୀ ବିଦ୍ୟା ପ୍ରତି ତାଙ୍କର ଅହେତୁକ ଆକର୍ଷଣ ଥିଲା। ଛାତ୍ର ଜୀବନରେ ଆମ୍ରୋସିୟା ନାମକ ଏକ ସ୍ୱାସ୍ଥ୍ୟ ପତ୍ରିକା ପ୍ରକାଶ କରି ସେ ବହୁ ପ୍ରସିଦ୍ଧି ପ୍ରାପ୍ତ ହୋଇଥିଲେ। ଡାକ୍ତରୀ ପାଠ ପଢ଼ିଲାବେଳେ ଅନେକ ପ୍ରଫେସରଙ୍କ ଅପେକ୍ଷା ତାଙ୍କର ଜ୍ଞାନ ପରିସୀମା ପ୍ରଖର ଥିଲା ବୋଲି କୁହାଯାଏ। ଜୀବନରେ ଲାଭ କରିଥିବା ସମସ୍ତ ସଫଳତା ଓ ପାର୍ଥିବ ପ୍ରତିଷ୍ଠା ଅଧିକ ଦିନ ତାଙ୍କୁ ଆକୃଷ୍ଟ କରି ରଖିପାରିଲା ନାହିଁ। ଜୀବନର ରହସ୍ୟ ଖୋଜି ଖୋଜି ପରମ ରହସ୍ୟମୟ ପରମାତ୍ମାଙ୍କର ସନ୍ଧାନରେ ଅନ୍ତର୍ମୁଖୀ ହୋଇ ଉଠିଲେ। ମାଳୟ ଛାଡ଼ି ହିମାଳୟ ଚାଲି ଆସିଲେ। ସେହିଠାରେ ପରମହଂସ ବିଶ୍ୱାନନ୍ଦଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ ହୋଇ ୧୯୨୪ ମସିହା ଜୁନ ମାସ ୨୪ ତାରିଖ ଦିନ ସ୍ୱାମୀ ଶିବାନନ୍ଦ ଭାବେ ପରିଚିତ ହେଲେ। ସେ କହୁଥିଲେ ଆତ୍ମ ସାକ୍ଷାତକାର ଜୀବନର ପରମ ଲକ୍ଷ୍ୟ। ସେବା, ପ୍ରେମ, ଦାନ ଓ ଧ୍ୟାନ ଦ୍ୱାରା ଆତ୍ମ ସାକ୍ଷାତକାର ପଥ ସୁଗମ ହୋଇଥାଏ। ସେବା ଓ ଦେବାକୁ ସେ ଜୀବନର ବ୍ରତ ଭାବେ ବାଛି ନେଇଥିଲେ। ଏକଦା ଜଙ୍ଗଲ ମଧ୍ୟରେ ଅବସ୍ଥିତ ଶିବାନନ୍ଦ ଆଶ୍ରମ ସେବା କ୍ଷେତ୍ରରେ ସାରା ବିଶ୍ୱପାଇଁ ପ୍ରେରଣାର ଉତ୍ସ ଥିଲା। ବିଶ୍ୱର ବହୁ ବିଶିଷ୍ଟ ସାଧୁସନ୍ଥ, ମହାନ ଜନନାୟକମାନେ ସେଠାକୁ ଆସିଛନ୍ତି। ଅନେକ ବିଶିଷ୍ଟ ବ୍ୟକ୍ତି ସେହି ମାଟିରୁ ମଣିଷ ହୋଇ ବିଶ୍ୱ ପାଇଁ ଆଲୋକ ବର୍ତ୍ତିକା ହୋଇଛନ୍ତି।

ସ୍ୱାମୀଜୀ ଥିଲେ ମାନବତାର ପ୍ରତୀକ ଜଣେ ମହାନ ମହାତ୍ମା। ଦକ୍ଷିଣ ଭାରତର ଗଙ୍ଗା କୁହାଯାଉଥିବା ତାମ୍ରପର୍ଣ୍ଣୀ ନଦୀ କୂଳରେ ଉଦ୍ଭବ ହୋଇଥିବା ଦିବ୍ୟ ଆଲୋକ ଆପଣା ଦିବ୍ୟ ପ୍ରକାଶ ଓ ପ୍ରଖର ପ୍ରଜ୍ଞାରେ ସାରା ସଂସାରକୁ ପ୍ରକାଶିତ କରିଛି। ଦେବଭୂମି ହିମାଳୟର ପରମ ପାବନୀ ମା ଗଙ୍ଗାକୂଳରେ ୧୯୬୩ ମସିହା ଜୁନ ମାସ ୧୪ ତାରିଖ ଦିନ ସେହି ଦିବ୍ୟ ପ୍ରକାଶର ଇହଲୀଳା ସମାପ୍ତ ହେଲା। ସ୍ୱାମୀ ଶିବାନନ୍ଦଙ୍କୁ ଆଉ ସ୍ୱଶରୀରରେ ଦର୍ଶନ କରି ହେବନାହିଁ। କିନ୍ତୁ ତାଙ୍କ ପବିତ୍ର ପ୍ରକାଶ ଏବେ ବି ସାରା ବିଶ୍ୱକୁ ପ୍ରକାଶ ପ୍ରଦାନ କରୁଛି। ମାର୍ଗ ପ୍ରଦର୍ଶନ କରୁଛି। ଭଲ ହୁଅ-ଭଲ କରର ଆମର ଆହ୍ୱାନ ଏବେ ବି ମାନବ ଜାତିକୁ ପ୍ରବୁଦ୍ଧ କରୁଛି, ପ୍ରେରଣା ଦେଉଛି।

ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ମୋ: ୮୭୬୩୧୦୭୧୨୬




## ତୁମେ ଓ ମୁଁ
### ଅର୍ଜୁନ ମେହେର

କିଏ ଜାଣୁ ନ ଜାଣୁ
ଆମ ଦୁହିଁଙ୍କ କଥା
ମନର ବ୍ୟଥା
ଜାଣିଛୁ କହିଲେ ତୁମେ ଓ ମୁଁ।
କିଏ ପଡ଼ିବ ଅଯଥାରେ
ଆମ ଦୁହିଁଙ୍କ ମଝିରେ
ସମାଧାନର ସୂତ୍ର
ବାହାର କରୁଥିଲା ତୁମେ ଓ ମୁଁ ।
ହେଉଥିଲା କେତେ
ରାଗ ରୁଷା
ମାନ ଅଭିମାନ
ବୁଝାମଣା କରୁଥିଲା ତୁମେ ଓ ମୁଁ।
ଆମ ବିଷୟରେ ଚର୍ଚ୍ଚା
ସହର ସାରା
ଟୁପୁର ଫୁସୁର
ବଦନାମ ହେଉଥିଲା ତୁମେ ଓ ମୁଁ ।
ପ୍ରେମ ଏକ ଉଡ଼ା ପକ୍ଷୀ
ଡେଣା ଝାଡ଼ି ଝାଡ଼ି
ଉଡ଼ିବୁଲୁ ଥିଲା ମନ ଖୋଲି
ଖୋଲା ଆକାଶରେ ତୁମେ ଓ ମୁଁ ।
ସୁନ୍ଦର ଘରଟିଏ ତୋଳିବା
ହେଉ ପଛେ ଝାଟିମାଟିର ତିଆରି
ଦୁଃଖେ ସୁଖେ କାଟିବା ଦିନ
ଦେଖିଥିଲା କେତେ ସ୍ୱପ୍ନ ତୁମେ ଓ ମୁଁ।
ପ୍ରେମର ହେଡ଼ ଟେଲରେ
ହାରି ଜାଇଛି ବାଜି
ଜିତି ଜାଇଛ ତୁମେ
ଆଜି ପୂର୍ବ ଓ ପଶ୍ଚିମ ଦିଗରେ
ତୁମେ ଓ ମୁଁ।
ସତରେ କ'ଣ
ଏମିତି ହେବାର ଥିଲା
ମୁଁ ତ ଥିଲି ସମ୍ପୂର୍ଣ ଅନଭିଜ୍ଞ
ବୋଧେ ଜାଣିଥିବ କି ନା କେଜାଣେ
ବିଛେଦ ର ଭାଗିଦାର ତୁମେ ଓ ମୁଁ ।

ଗୌଡ଼ପାଲି, ବୁର୍ଲା ୭୬୮୦୧୭
ସମ୍ବଲପୁର
ମୋ: ୯୪୩୭୨୫୪୯୭୩

## ଅନନ୍ତ ବାସୁଦେବ ସ୍ତୁତିକା
### ଶିବ ପ୍ରସାଦ ବାହିନୀପତି



ଅଜର ଅମର ତୁମେ ଅବ୍ୟକ୍ତ ଠାକୁର
ଅମାପ ଅଂଶଳ ଶ୍ରୀନାଥ ଜଗଦୀଶ୍ୱର।
ଅନନ୍ତ ନାଗ ପଲଙ୍କେ କ୍ଷୀର ସମୁଦ୍ରରେ
ଅକୃତର ଅକ ନାଶ ଶୋଇ
ନିଶ୍ଚିନ୍ତରେ।

ଅହରହ ଯୋଗେ ରତ ଅନନ୍ତ
ଗୋସାଇଁ
ଅଂହ୍ରି ସେବୁଛନ୍ତି ମହାଲକ୍ଷ୍ମୀ ମହାମାୟୀ।
ଅଗିର ଶଶାଙ୍କ ନିତ୍ୟ ପଦେ ପ୍ରଣମନ୍ତି
ଅନଳ ଅନିଳ ନତ ମସ୍ତକେ ନମନ୍ତି ।

ଅନୁଗ ଦେବର୍ଷି ନାରଦ କରନ୍ତି ସ୍ତବ
ଅପେକ୍ଷାରେ ଖଗ ଅଛି ଅନୁଜ୍ଞାକୁ ତବ।
ଅନାଥ ଜନର ନାଥ ତୁମେ ବାସୁଦେବ
ଅନ୍ତଃକରଣୁ ହକାରେ ରଖନ୍ତୁ କେଶବ।

ଅଜସ୍ର ଯନ୍ତ୍ରଣା ହରି ଆହେ ଦଇତାରୀ
ଅଙ୍କେ ତବ ସ୍ଥାନ ଦିଅ କରୁଛି
ଗୁହାରି।

ସମ୍ପାଦକ(ପ୍ରତିଷ୍ଠାତା) - ସୁଦେଷ୍ଣା
ପ୍ରମୋଦ ସାହିତ୍ୟ ସଂସଦ
ସମ୍ପାଦକ - ସୁଦେଷ୍ଣା ଖବରକାଗଜ
ଭାଟପଡ଼ା, ନିରାକାରପୁର, କଣାସ,
ପୁରୀ
ମୋ: ୮୨୪୯୭୭୨୩୬୧

## କ୍ୟାଲେଣ୍ଡର
### ବିବୁଲ ମହାକୁର



ଗତରାତି କାନ୍ଥଟଙ୍ଗା କ୍ୟାଲେଣ୍ଡର
କାହିଁ
ଅସହଜ ଭାବେ ଖଡ୍‌ଖଡ୍ ହେଉଥାଏ
ନା ନୀରବୁ ଥାଏ
ନା କିଛି କହୁଥାଏ
ବାସ୍ ! ଖଡ୍‌ଖଡ୍ କରି ଚାଲିଥାଏ।

ଘର ବାଲକୋନୀକୁ ଆସି ଦେଖେତ
ନା ବରଷା, ନା ପବନ
ଶୁନଶାନ୍ ଆକାଶରେ
କେବଳ ଜୁଳୁଜୁଳିଆ ସାମ୍ରାଜ୍ୟ
ସତେବା ସମରାଭ୍ୟାସରେ ଲାଗି
ପଡ଼ିଛନ୍ତି
ଶହେ ଆଠ ଗୋଳାବାରୁଦ ଧରି।

ଫେରି ଆସି ଶୋଇବାର କିଛି ସମୟ
ପରେ
ପୁଣି ସେହି ଖଡ୍‌ଖଡ୍ ଶବ୍ଦ,
ବିରକ୍ତିରେ କାନ୍ଥରୁ ଓହ୍ଲେଇ
ଟେବୁଲ୍ ଉପରେ ବହି ଚାପରେ ରଖି
ଆରାମ ରେ ଶୋଇଗଲି ।

କିଛି ସମୟପରେ ପୁଣି ଥରେ
ପୁନରାବୃତ୍ତି ଖଡ୍‌ଖଡ୍ ଶବ୍ଦ
କ୍ୟାଲେଣ୍ଡରର ସଂଖ୍ୟାମାନ କୁନି
ଶିଶୁପରି
ଘର ଭିତରେ ଦୌଡ଼ି ଯାଉଥାନ୍ତି
ହୋ ହାଲ୍ଲା କରି ଏ କୋଣରୁ ସେ
କୋଣ।

ଖଟରୁ ଉଠି, ଧାଇଁଗଲି ଟେବୁଲ୍
ପାଖକୁ
ଚମକି ପଡ଼ିଲେ ତାରିଖ ମାନ
ତରବରରେ ବସିଗଲେ ନିଜନିଜ
ସ୍ଥାନେ,
ଅନେଇ ଦେଖିଲି କ୍ୟାଲେଣ୍ଡରକୁ
ଆଶ୍ଚର୍ଯ୍ୟ !
ଗୋଟେ ତାରିଖ ନିଖୋଜ !

ଲାଗିପଡିଲି ଅନୁସନ୍ଧାନରେ
ଓଲଟାଇ ଦେଖିଲି ପୂର୍ବବର୍ଷର
ଡାଏରୀର ହାତଲେଖା ମାନକୁ
ତନ୍ନତନ୍ନ କରି ପଢି ଚାଲିଲି
ବିନା ବିରାମଚିହ୍ନରେ ଅଣନିଃଶ୍ୱାସୀ
ହୋଇ।

ହଠାତ୍ ଚହକି ପଡ଼ିଲି
ଭାଙ୍ଗିଗଲା ନିଦ, ଅଧୁରା ସ୍ୱପ୍ନ
ଧାଇଗଲି କାନ୍ଥ କ୍ୟାଲେଣ୍ଡର ଆଡ଼କୁ,
ଅନେଇଦେଲି ସେଇ ତାରିଖକୁ
ସିଏତ ସେଇଠି ନିଶ୍ଚଳ
ମତେ ଦେଖି ମୁରୁକି ହସିଦେଲା
ଆଉ କହିଗଲା
ଆଜି ତା ଜନ୍ମଦିନ ବୋଲି ।

ଗ୍ରାମ/ପୋଷ୍ଟ - ବୁର୍ଢ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ : ୮୨୪୯୭୦୨୨୫୨







ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୩୩



ଡ.ସିନ୍ଧୁ ସେନ୍

ସହଜରେ ମୁଁ ନିଜେ କିଛି ନୂତନ ସର୍ଜନାକୁ ଅଗ୍ରାଧିକାର ଦିଏ । ଆଉ ମୋ ପାଖରେ ଏବେ ସୁଯୋଗ ମିଳିଗଲା । ମୁଁ ବି ଲଙ୍କାରାଜ୍ୟରେ ଏମିତି ଏକ ଗବେଷଣାଗାରଟିଏ ନିଶ୍ଚିତ ଖୋଲିବି । ମୟ ମହାଶୟ କହୁଥିଲେ । ତୁମେ ଏତିକି ମାତ୍ର ଦେଖି ଚକିତ ହୋଇପଡ଼ିଲେ ରାବଣ । ଆହୁରି ଅନେକ କିଛି ଦେଖିବାର ଅଛି । ଏଇ ଦେଖ । ଏଇ କ୍ଷୁଦ୍ର କୃତ୍ରିମ ଜଳାଶୟଟିକୁ ଓ ତହିଁରେ ଏଇ ଯନ୍ତ୍ରଟି । ଏହା ନୌବାହିନୀ ପାଇଁ ଉଦ୍ଦିଷ୍ଟ । କେଉଁ ପୋତ କେତେ ବେଗରେ ଗତି କରୁଛି ତାହା ନିର୍ଣ୍ଣୟ କରିବା ପାଇଁ ଏ ଯନ୍ତ୍ର, ଯେତେଯେତେ ଆଗକୁ ବଢୁଥିଲି ସେତେସେତେ ବିଭିନ୍ନ କୌଶଳରେ ଯନ୍ତ୍ର ମୋ ଦୃଷ୍ଟିକୁ ଆସୁଥିଲା । ସବୁ ଯନ୍ତ୍ରର ନିର୍ମାତା ନିଜେ ମୟ । ବାସ୍ତବରେ ସେ ତ କେବଳ ଦ୍ୱିତୀୟ ବିଶ୍ୱକର୍ମା ନୁହଁନ୍ତି, ଦ୍ୱିତୀୟ ବ୍ରହ୍ମା ଯେମିତି । ଏତେ ଯନ୍ତ୍ରପାତିର ନିର୍ମାଣ ମୟଙ୍କ ଦରବାର ମୋତେ ଯେମିତି ଅଭିଭୂତ କରି ତୋଳୁଥିଲା । ମୋର ଯେମିତି ମନେ ହେଉଥବଲା, ମୁଁ ଏସବୁ ମୋ ଲଙ୍କାଗଡ଼ରେ ହିଁ ଖଞ୍ଜି ଦେଇଛି । ଏକାଥରେ ଏତେ ଯନ୍ତ୍ରାଂଶ ମୁଁ ପୂର୍ବରୁ କେବେ ଦେଖି ନଥିଲି । ମୟଙ୍କ କର୍ମକୁଶଳତା ବାସ୍ତବରେ ମହାନ୍ । ଜଣେ ଦାନବ ହୋଇ ତାଙ୍କର ପ୍ରଗାଢ଼ ଧୀଶକ୍ତି ପାଖରେ ମୋର ମୁଣ୍ଡ ସ୍ୱତଃ ନଇଁ ଯାଉଥିଲା । ଭାବୁଥିଲି ଏ ଭଳି ମହାନ୍ ପୁରୁଷ ବିଜ୍ଞଙ୍କୁ ଶଶୁର ଭାବେ ପାଇ ବାସ୍ତବରେ ମୁଁ ଭାଗ୍ୟବାନ୍ । ଲକ୍ଷ୍ୟ କରୁଥିଲି ମୟଙ୍କ ଆଖିରେ କୌଣସି ଅହଂଭାବ ନଥିଲା । ନଥିଲା ମଧ୍ୟ ଈର୍ଷା କି ଅସୂୟା । ବରଂ ତାଙ୍କର ନିର୍ମାଣ କୁଶଳୀ ସମୂହ ମୋ ଆଗରେ ବର୍ଣ୍ଣନା କରି ତାଙ୍କର ମୋ ପ୍ରତି ଗଭୀର ଭଲପାଇବା ପ୍ରକାଶ କରୁଥିଲେ । ମୟଦାନବଙ୍କ ଦ୍ୱାରା ସମସ୍ତ ଯନ୍ତ୍ରାଂଶର କୌଶଳ ଦେଖିବା ପରେ ମୋର ଯେମିତି ମନେ ହେଉଥିଲା, ମୁଁ କେବଳ ମର୍ତ୍ତ୍ୟଲୋକ କାହିଁକି, ସ୍ୱର୍ଗଲୋକର ସୂର୍ଯ୍ୟ, ବାୟୁ, ବରୁଣ, ଅଗ୍ନି ଆଦି ଦେବତା ମାନଙ୍କୁ ମୋର ପଦାନତ କରି ରଖିପାରିବି । ଆବେଗର ସହ ଶଶୁରଙ୍କୁ ମୁଁ କହୁଥିଲି ଆପଣଙ୍କ ଗବେଷଣାର ଫଳଶ୍ରୁତି ଆଗାମୀ ଦିନରେ ମୋର ଖ୍ୟାତି ବଢ଼ାଇଥିଲେ ସାହାଯ୍ୟ କରିବ । ଆପଣଙ୍କ ଗବେଷଣାଧର୍ମୀ ଜ୍ଞାନ ଲଙ୍କାର ଅଭିବୃଦ୍ଧିରେ ଖୋରାକ ଯୋଗାଇବ । ହେ ମୋର ପିତୃପ୍ରତିମ ପୂଜ୍ୟ ଶଶୁର ମହୋଦୟ । କୁହନ୍ତୁ, ଆପଣ ମୋ ନିକଟରୁ କ'ଣ ଋହାଁନ୍ତି । ମୋ ମୁହଁରୁ ଏମିତି ସବୁ ବାକ୍ୟ ଶୁଣି ଶଶୁର ମହୋଦୟ ମୋତେ ଅତି ଆଗେରେ ଆଲିଙ୍ଗନ କରି କହିଲେ, ହେ ରାଜନଃ ମୋର ନିଜର କିଛି ଅଭାବ ନାହିଁ । ଧନସମ୍ପତ୍ତି, ରାଜ୍ୟ, ପ୍ରତିପତ୍ତି, କିଛି ବି ମୋର ଲୋଡ଼ା ନାହିଁ । ମୁଁ କେବଳ ମୋର କନ୍ୟା ମନ୍ଦୋଦରୀ ଆଉ ଜାମାତା ରାବଣଙ୍କ ସୁଖ ସମୃଦ୍ଧି କାମନା କରେ । ତୁମ ଦୁହିଁଙ୍କ ସୁଖରେ ମୁଁ ସୁଖୀ, ବରଂ କେବେ ଯଦି ଆବଶ୍ୟକ ପଡ଼େ, ସମୃଦ୍ଧଶାଳୀ ସ୍ୱର୍ଣ୍ଣଲଙ୍କା ଗଠନ କରିବାରେ ମୋତେ ତୁମର ପ୍ରୟୋଜନ ପଡ଼େ । ତେବେ ନିର୍ଭୟରେ ମୋତେ ଡାକିପାର । ମୁଁ ମୋର କନ୍ୟା ଓ ଜାମାତାଙ୍କୁ ନିଶ୍ଚୟ ସହଯୋଗର ହାତ ବଢ଼ାଇବି । ବାସ୍ତବରେ କେତେ ଉଦାରମନା, ପବିତ୍ର ମୋ ଶଶୁରଙ୍କ ହୃଦୟ ।

ତଥାପି ତାଙ୍କର କଥା ସରି ନଥିଲା, କି ଗବେଷଣାଗାର ପ୍ରତିଟି ଯନ୍ତ୍ରାଂଶକୁ ଟିକିନିଖି ବୁଝାଇବା ଶୈଳୀ ଥମି ନଥିଲା । ଅସ୍ତ୍ରାଗାରରେ ରହିଥିବା ଅନେକ କୁଶଳୀ ଅସ୍ତ୍ର ମାନଙ୍କର ନିର୍ମାଣ ଶୈଳୀ ଓ କାର୍ଯ୍ୟଦକ୍ଷତା ବିଷୟରେ ସେ ବୁଝାଇ ଋଲିଥିଲେ । ବେଶି ଆଶ୍ଚର୍ଯ୍ୟ ହେଲି । ଯେବେ ଦେଖିଲି କିଛି କୃତ୍ରିମ ମସ୍ତିଷ୍କ ମଧ୍ୟରେ ଯନ୍ତ୍ରାଂଶ ଖଞ୍ଜାଯାଇ ସେଗୁଡ଼ିକୁ ପ୍ରାକୃତିକ ରୂପରେଖ ଦିଆଯାଇଚି । ମୋତେ ଯେମିତି ଲାଗୁଥିଲା ଏସବୁ ନିର୍ମାଣ କରିବା ପାଇଁ କୌଣସି ବୈଜ୍ଞାନିକ ଆଉ କେଉଁଠି ଥିବେ କି ନାହିଁ । ମୟଦାନବ କହୁଥିଲେ ହେ ଲଙ୍କେଶ୍ୱର, ଏମିତି କୃତ୍ରିମ ମୁଣ୍ଡ ଓ କୃତ୍ରିମ ବାହୁକୁ ଯୋଡ଼ିଯୋଡ଼ି କେହି ନା କେହି ଦଶଶିର ଓ ବିଂଶବାହୁ ମଧ୍ୟ ହୋଇପାରିବ । ଆଉ ସେମିତି ରୂପ କେହି ଯଦି ଶତ୍ରୁ ସାମ୍ନାରେ ଛିଡ଼ା ହୁଏ । ତେବେ ଶତ୍ରୁ ମାନଙ୍କ ମନରେ ଭୀତିସଞ୍ଚାର ମଧ୍ୟ କରିପାରିବ । ଦେଖ ରାବଣ, ଏଠାରେ କିଛି ବି ଅସମ୍ଭବ ନୁହେଁ । ତୁମେ ଯାହାକୁ ଅସମ୍ଭବ ବୋଲି ମନେକରୁଛ । ସେସବୁ ସମ୍ଭବ ହୋଇପାରିବ ଆଉ ଏ ଗବେଷଣା ପଦ୍ଧତି ମାଧ୍ୟମରେ । ଆହୁରି ଆଗକୁ ଆମେ ଏ ସବୁର ପରୀକ୍ଷା ନିରୀକ୍ଷା କରାଯାଉଛି । ପରବର୍ତ୍ତୀ ସମୟରେ ହୁଏତ ଆହୁରି ଅନେକ କିଛି ଅସମ୍ଭବକୁ ସମ୍ଭବ କରିପାରିବା ।

ମୁଁ କିଛି ଭାବି ପାରୁ ନଥିଲି । ଯନ୍ତ୍ରାଂଶ ବଳରେ ଦଶମୁଣ୍ଡ, କୋଡ଼ିଏ ହାତକୁ ନିଜ ଶରୀରରେ ସ୍ଥାପନ କରି କଳ୍ପନା ଚକ୍ଷୁରେ ନିଜ ଚେହେରାକୁ ଦେଖିବାକୁ ଲାଗିଲି । ଭାବୁଥିଲି ମୁଁ ଯଦି ଏମିତି ବୈଜ୍ଞାନିକ ପଦ୍ଧତିରେ ନିଜକୁ ଦଶଶିର, ବିଂଶବାହୁ କରି ଶତ୍ରୁକୁ ସାମ୍ନା କରିବି । ତେବେ ନିଶ୍ଚେ ସମସ୍ତେ ହିଁ ମୋ ସହ ଯୁଦ୍ଧ କରିବେ କ'ଣ, ମୋ ସାମ୍ନାକୁ ଆସିବାକୁ ସାହସ ମଧ୍ୟ କରିବେନି । ସେଦିନ କେମିତି ହେବ ମୋ ଅବସ୍ଥା । ସାଧାରଣ ଜନତା ମୋତେ ଦଶଶିର, ବିଂଶବାହୁ ରାବଣ କହି ଅଟ୍ଟହାସ୍ୟ କରି ପାରନ୍ତି, ମାତ୍ର ମୋର ଏ ଅପରୂପ ଚେହେରାକୁ ଦର୍ଶନ କରି ସମସ୍ତେ ହିଁ ମୋ ପାଇଁ କୌଣସି ରାସ୍ତା ଅବରୋଧ କରିବେନି । ମୁଁ ହୋଇଯିବି ତ୍ରିଭୁବନ ବିଜୟୀ ଲଙ୍କେଶ୍ୱର । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ମୁଁ ହିଁ ହେବି ଅଧୀଶ୍ୱର । ହାଃ ହାଃ

ସେଦିନ ଗବେଷଣାଗାର ବୁଲୁବୁଲୁ ଅନେକ ବିଳମ୍ବ ହୋଇଯାଇଥିଲା । ପଶ୍ଚିମ ଦିଗ୍‌ବଳୟରେ ସୂର୍ଯ୍ୟ ବୁଡ଼ି ରହିଥିଲେ । ମୟଦାନବଙ୍କ ସହ ମୁଁ ଫେରୁଥିଲି । ମୋ ମନରେ ତଥାପି ଦଶଶିର, ବିଂଶବାହୁ ହେବାର ପରିକଳ୍ପନା ଉଙ୍କି ମାରୁଥାଏ । ରାସ୍ତା ସାରା ମୁଁ କେବଳ ସେହି ଯନ୍ତ୍ରାଂଶ ଗୁଡ଼ିକ ଆହୁରି ଭଲଭାବେ ପରୀକ୍ଷା, ନିରୀକ୍ଷା କରିବାକୁ ଶଶୁରଙ୍କୁ ଉତ୍ସାହିତ କରୁଥିଲି । ଏ ପରିକଳ୍ପନା ତାଙ୍କର ନିଜସ୍ୱ ହେଲେ ମଧ୍ୟ ଗବେଷଣାର ଫଳଶ୍ରୁତି ମୁଁ ହିଁ ଭୋଗ କରିବାକୁ ଋହେଁ । ମୋ ମନରେ ଆଶାର ଆଲୋକ ପ୍ରଜ୍ୱଳି ଉଠୁଥିଲା ।

ଓଃ.... ମୁଁ ଦିନେ ଏମିତି ଦଶଶିରର, ବିଂଶବାହୁ ହୋଇପାରିବି । ଆଉ ଜଗତ ଦେଖିବ ରାବଣ କ'ଣ ନ କରିପାରେ ? ଆବଶ୍ୟକ ପଡ଼ିଲେ ନିଜର ଏକ ଶିର ପରିବର୍ତ୍ତେ, ଦଶଶିର ଆଉ ଦୁଇବାହୁକୁ ବିଂଶ ବାହୁରେ ମଧ୍ୟ ରୂପାନ୍ତରିତ କରି ଦେଇପାରେ । ଅତିଶୟ ଆନନ୍ଦରେ ମୋ ମନ କୁରୁଳି ଉଠୁଥିଲା । ମନେ ପଡ଼ି ଯାଉଥିଲା ସେଦିନ ବ୍ରହ୍ମାଙ୍କ ବରରେ ବଳୀୟାନ୍ ହୋଇ କେମିତି ଉତ୍‌ଫୁଲ୍ଲିତ ହୋଇ ଉଠିଥିଲି । ଆଉ ଆଜି ପୁଣି ଦାନବବୀର ମୟଙ୍କ ଗବେଷଣା ପଦ୍ଧତି ମୋତେ ଆହୁରି ଆନନ୍ଦିତ କରିଛି । ଏବେ ମୁଁ ତ ଦିଗ୍‌ବିଜୟୀ, ସାରା ବିଶ୍ୱର ଅଧିପତି । ଯିଏ ବି ମୋ ସହ ଯୁଦ୍ଧ କରିବାକୁ ଆସୁନା କାହିଁକି, ମୋତେ ପରାସ୍ତ କରିବା ତା ନିକଟରେ ଅସମ୍ଭବ ହୋଇପଡ଼ିବ । ପ୍ରଥମତଃ ବ୍ରହ୍ମଦେବଙ୍କ ବରରେ ମୋତେ ଦେବ, ଦାନବ, ମୁନି, ଋଷି କେହି ବି ମାରିପାରିବେ ନାହିଁ । ଆଉ ଛାର ମଣିଷ ଯିଏ ମୋର ଦଶଶିର, ବିଂଶବାହୁ ଦେଖି ହାତରେ ଅସ୍ତ୍ର ଧରିବା ତ ଦୂରର କଥା ଭୟରେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାୟନ କରିବ । ତେଣୁ ଅମରତ୍ୱ ଏବେ ମୋ ପାଖରେ ଅପହଞ୍ଚ ନାହିଁ ।

ବରଂ ଅମରତ୍ୱ ମୋ ହାତ ମୁଠାକୁ ଋଲିଆସିଛି । ମୁଁ ରାବଣ, ବିଶ୍ୱବିଜୟୀ ଅଧୀଶ୍ୱର । ସ୍ୱର୍ଣ୍ଣପୁରୀ ଲଙ୍କାର ଲଙ୍କେଶ୍ୱର । ହାଃ ହାଃ ବ୍ରହ୍ମଦେବଙ୍କ ପରେପରେ ଦାନବ ବୀରଙ୍କ ମୋ ପ୍ରତି ଆଶୀର୍ବାଦ ମୋର ଆଶାୟୀ ମନକୁ ଆହୁରି ଆଲୋକିତ କରିଛି । ମୁଁ ଏବେ ବହୁତ ଖୁସି । ମୋ ପାଖକୁ ମୋର ଇପ୍‌ସିତ ସବୁ ଆସିଯାଇଚି ।

ସେଦିନ ଶଶୁରଙ୍କ ସହ ଏମିତି ଆଲୋଚନା କରି ସମୟ ଗଡ଼ିଗଲା । ତାଙ୍କୁ ମୋର ଦଶଶିର, ବିଂଶବାହୁର କାମନାକୁ ଫଳବତୀ କରାଇବା ପାଇଁ ସେ ବିଷୟରେ ଅଧିକ ଗବେଷଣା ଜାରି ରଖିବାକୁ ଅନୁରୋଧ କରି ନିଜ କକ୍ଷକୁ ଫେରିଆସିଲି । ମୋ କର୍ଣ୍ଣରେ କେବଳ ଶୁଭୁଥିଲା ସଫଳତାର ଗୁଞ୍ଜରଣ.... ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୫୮(ଖ) ॥

କ୍ରମେ ସମୁଦ୍ର କୁଆରରେ ବାଲିଚର ମାଡ଼ି ରାଜସ୍ଥାନ, ପଞ୍ଜାବ, ସିନ୍ଧୁର କେତେକ ଅଂଶ କ୍ରମେ, କ୍ରମେ ଏକ ମରୁଭୂମିରେ ପରିଣତ ହେବାକୁ ଲାଗିଲା । ପ୍ରାୟ ଆଠ ହଜାରରୁ ଛଅହଜାର ବର୍ଷ ପୂର୍ବେ ସ୍ଥାନୀୟ ବାସିନ୍ଦାମାନେ ଖାଦ୍ୟ ଅଭାବରୁ ଏଣେ, ତେଣେ ପଳାୟନ କଲେ ବା ମୃତ୍ୟୁ ବରଣ କଲେ । କେହି ସମୁଦ୍ର କୁଆରରେ ଜନ୍ମସ୍ଥାନ, ବାସ ଗୃହ ସହ ସଲିଳ ସମାଧି ଲାଭ କଲେ । ଯେଉଁଠାରେ ଶସ୍ୟ ବା ଖାଦ୍ୟ ଥିଲା ଲୁଣ୍ଠନ ହେଲା । ପରସ୍ପର ମଧ୍ୟରେ ଲଢ଼େଇ ସହ ଦଳେ ଅନ୍ୟ ଦଳକୁ ନିଜ ପାଖରୁ ପଥର ମାରି ତଡ଼ି ଦେଇଥିଲେ ।

ଏହି ଦଳପତି ବଂଶ ମଧ୍ୟ କିଏ କୁଆଡେ ପଳାୟନ କଲେ ବା ଅନ୍ୟକୁ ଉଦ୍ଧାର କରିବାକୁ ଯାଇ ମୃତ୍ୟୁବରଣ କଲେ । ଏହି ଦଳ ଋଷି ମରିଚିଙ୍କର ପୂର୍ବଜ ଥିଲେ । ରାଜସ୍ଥାନ ଏବଂ ଶୀତ ପ୍ରଧାନଦେଶରେ ଏହି ମାନଙ୍କ ଉଚ୍ଚତା ସାଧାରଣ ଉଚ୍ଚତାରୁ ଅଧିକ ହୋଇ ଯାଇଥିଲା ଓ କେଶକ୍ରମେ ଶୁଭ୍ର, କହରା ବର୍ଣ୍ଣ ଧାରଣକରିଥିଲା । ସ୍ଥାନୀୟ ବାସିନ୍ଦାଙ୍କ ସହ ଏହି ଦଳର ଲୋକ ମାନେ ମଧ୍ୟ ମୃତ୍ୟୁ ବରଣ କଲେ ବା ନିକଟବର୍ତ୍ତୀ ଅଞ୍ଚଳକୁ ପଳାୟନ କରିଥିଲେ ।

ପିତାମହ ସ୍ୱୟଭୁବ ବ୍ରହ୍ମା ଏହି ବଂଶକୁ ବଞ୍ଚାଇ ରଖିବା ପାଇଁ ଯେପରି ବିଜ୍ଞାନ ବଳରେ ଅନ୍ୟ ପୁତ୍ର ମାନଙ୍କୁ ସୃଷ୍ଟି କରିଥିଲେ, ସେହିପରି ନିଜର ( ବ୍ରାହ୍ମଣ ଋଷି ବୈଜ୍ଞାନିକ) ନିଜର ଚକ୍ଷୁର ଚର୍ମ କୋଶିକା ସହ ଅନ୍ୟ ଏହି ବଂଶର ଅନ୍ୟ ପୁରୁଷ ବା ନାରୀଙ୍କ ଡିମ୍ବାଣୁ ସହିତ ମିଳିତ କରି ଅନ୍ୟ ଏକ ବ୍ରହ୍ମ କୁମାରୀ ଋଷି ନାରୀଙ୍କର ଗର୍ଭାଶୟର ଏକ ଝିଲ୍ଲି ଅଣୁକୁ ବୈଜ୍ଞାନିକ ପଦ୍ଧତିରେ ମିଳିତ କରାଇଲେ । ତାହାପରେ ସେହି ଭ୍ରୁଣକୁ ଅନ୍ୟ ଏକ ନାରୀର ଗର୍ଭାଶୟ ମଧ୍ୟରେ ରଖିଦେଲେ । ସେହି ଭ୍ରୁଣରୁ ଯେଉଁ ଶିଶୁଟି ଜନ୍ମ ନେଲା, ସେ ଥିଲେ ବ୍ରହ୍ମାଙ୍କ ଚକ୍ଷୁରୁ ସୃଷ୍ଟି ହୋଇଥିବା ଋଷି ମରିଚୀ ।

ଜଣଙ୍କର ଦର୍ଶନ ହିଁ ତାହାର ପ୍ରକୃତ ପରିଚୟ ହୋଇଥାଏ । ଅନ୍ତର୍ବିଜ୍ଞାନରେ କୌଣସି ବ୍ରହ୍ମ ଶକ୍ତି ବା ଏଲିଏନ ଚକ୍ଷୁରୁ ଜ୍ୟୋତି ନିର୍ଗତ କରି ଅନ୍ୟକୁ ଦେଖାଇ ଦିଆଯାଇପାରିବ । ଏହିପରି ବ୍ରହ୍ମା ହୁଏତ ନିଜ ଚକ୍ଷୁରୁ ରଶ୍ମି ନିର୍ଗତ କରି ମରିଚୀ ନାମକ ଏକ ଶିଶୁର ମସ୍ତକ ମଧ୍ୟରେ ଏହି ମନରୁ ନିର୍ଗତ ରଶ୍ମି ସାହାଯ୍ୟରେ ନିଜର ଦର୍ଶନ ତାଙ୍କୁ ପ୍ରଦାନ କରିଥିଲେ । ଏହି ଭଳି ଭାବେ ବ୍ରହ୍ମାଙ୍କ ଅଙ୍ଗରୁ ଜନ୍ମ ଦଶ ପୁତ୍ରଙ୍କ ମଧ୍ୟରେ ମରୁଭୂମିର ସୂର୍ଯ୍ୟ ରଶ୍ମି ସ୍ନାତ ଶ୍ୱେତ, ଶୁଭ୍ର ସିକତା ସମାନ ମରିଚୀ ମଧ୍ୟ ଅନ୍ୟ ଏକ ପୁତ୍ର ଭାବେ ଏହି ଦଳରେ ମିଶିଗଲେ । ତେବେ , ଏହା ଏକ ଅଜ୍ଞାତ ସମୟ ଥିଲା ଓ ବିଶେଷଜ୍ଞ ମାନେ ହିଁ ଏହାର ସଠିକ୍ ସତ୍ୟତା କହି ପାରିବେ । ମାନବର ଜୀବ କୋଷର ଗୁଣ ସୂତ୍ର ଗୁଡ଼ିକ ପରିବର୍ତ୍ତିତ ହୋଇଥାଏ । ପ୍ରାୟ ଦେଢ଼ ଶହ ବର୍ଷ ମଧ୍ୟରେ, ସାତ ପୁରୁଷ ପରେ ଏହାର ଅନେକ ପରିବର୍ତ୍ତନ ହୁଏ ଓ ଏକ କୋଟି ବର୍ଷ ମଧ୍ୟରେ ଏହା ସଂପୂର୍ଣ୍ଣ ଲୋପ ହୁଏ । ଏହି ସୃଷ୍ଟିରେ ଗ୍ରହ, ନକ୍ଷତ୍ର, ଜୀବ, ଜଡ ସମସ୍ତେ ରୂପାନ୍ତରିତ ଓ ପରିବର୍ତ୍ତିତ ହୋଇ ଥାନ୍ତି । ଏହାହିଁ ସନାତନ ଧର୍ମ । କିନ୍ତୁ ସୃଷ୍ଟିର ଏହି ପରିବର୍ତ୍ତନରେ ସନାତନ ଧର୍ମର କୌଣସି ପରିବର୍ତ୍ତନ ହୁଏ ନାହିଁ ।

ରାଜସ୍ଥାନ ମରୁଭୂମି ସେତେବେଳେ ବାସ କରିବା ପାଇଁ ଉପଯୋଗୀ ନଥିବାରୁ ବ୍ରହ୍ମା ମରିଚୀଙ୍କୁ ସିନ୍ଧୁ ନଦୀ ଅଞ୍ଚଳକୁ ତାଙ୍କ ଋଷି ମାତାଙ୍କ ସହିତ ପଠାଇ ଦେଇଥିଲେ । ପରେସେ ବେଦ ଜ୍ଞାନ ଅଧ୍ୟୟନ କରିଥିଲେ ଓ ବେଦାନ୍ତ ମାନ ରଚନା କରିଥିଲେ । ପର ଜନ୍ମରେ ସେ ଜୈନମାନଙ୍କର ଶେଷ ତୀର୍ଥଙ୍କର ଥିଲେ ।

ବର୍ତ୍ତମାନ ଚିନ୍ତା କରାଯାଉ ଯେ, ମରିଚୀ ପ୍ରଜାପତିଙ୍କ ଜନ୍ମ ଓ ଜୀବନୀ ଆଉ କିପରି ହୋଇଥାଇପାରେ ?

+ବାଲିଝରି, କାନପୁର, ବଡ଼ମ୍ବା, କଟକ

## ଯୁଦ୍ଧ ସରିଗଲା ପରେ

ସୁଚରିତା ମହାନ୍ତି



ଯୁଦ୍ଧ ସରିଗଲା ପରେ ଦେଖିଚକି
ଅର୍ଦ୍ଧ ଦଗ୍ଧ ଶରୀର
ସାଉଁଟିଚକି ଧର୍ମ ଗ୍ରନ୍ଥର ଚଳା ପାଉଁଶକୁ
ଚିହ୍ନି ପାରିଚ କି କିଏ ତମର ନିଜର ଥିଲେ
ଶୁଣି ପାରିଚ କି ଯୁଦ୍ଧ ଶେଷର ଯନ୍ତ୍ରଣାକୁ ।

ଇତିହାସ ପାଲଟୁଥିବା ଜୀବନ ଗୁଡ଼ିକ
କେତେ ଯେ ନିସ୍ତେଜ ତା'ର
ଆକଳନ କରିଚକି

ମାନଚିତ୍ର ବଦଳି ଯାଉଥିବା
ଭୂଗୋଳ ପୋଥିରେ
ଥରେ ଆଙ୍ଗୁଳି ମାରିଥିଲ କି
ରେଖା ଗୁଡ଼ିକ ବିଗିଡ଼ି ଯାଇନି ତ
ଦେଶ କାନ୍ଦୁଥିବାର ଦେଖିଥିଲ କି
ଛାତି ରେ ହାତ ମାରି ନିଜର
ସ୍ପନ୍ଦନକୁ ମାପିଥିଲ କି,

ଏବେ ଦେଖ, ଶୁଣ,
କୁହୁଳା ଧୂଆଁ ଭିତରୁ
କେମିତି ଚିତ୍କାର ଶୁଭୁଚି
ସେମାନେ କହୁଚନ୍ତି, ଦେଶ ଜଳୁଚି
ମୁଁ କହୁଚି ବିବେକ ଜଳୁଚି
ତମେ କ'ଣ କହିବ ମାନବିକତା ଜଳୁଚି କି !

ହଁ ବୋଧେ ! ହୋଇଥାଇପାରେ
ଯୁଦ୍ଧ ସରିଗଲା ପରେ
ଆପଣାଛାଏଁ ଦେଶ ମରେ
ବିବେକ ମରେ ମାନବିକତା ମରେ ।

କିଏ ଜୀବିତ ଅଛି ଦର୍ପଣ ଦେଖେଇବାକୁ
ସତ ମିଛର ହିସାବ କରିବାକୁ
ଯୁଦ୍ଧ ସରିଗଲା ପରେ !!

+ କାଏଣ୍ଡା, ବାଲେଶ୍ୱର
ମୋ:୮୯୧୭୫୭୧୨୦୨

## ବାକି ଥିବ

ସ୍ନିଗ୍ଧା ପଣ୍ଡା



ଏମିତି କଥା ସବୁ ସରିଯିବ
ଗୀତ ବି
ଏପ୍ରିଲ୍ ରେ ଆସୁଥିବା ବସନ୍ତ ଫେରିଯିବ
ମଳୟରୁ ମହକ ଉଡ଼ିଯିବ
ଚାଲିବା ସରି ଯାଇଥିବ
ଅଥଚ ପୁଣି କିଛି ରାସ୍ତା ବାକି ଥିବ ?

ଭାବିବା ସବୁ
ଭୁଲ୍ ବୋଲି କହି
ଧରିଥିବା ପ୍ରଜାପତି ଉଡି ଯାଇଥିବ
ବର୍ଷାରେ ଭିଜିଥିବା
ଗୋଲାପି ସମୟ ଶୁଖିଯାଇଥିବ
ନିଜ ଭାଗକର
ଭଲପାଇବାକୁ ଲେଖି ଦେଲା ପରେ
ପୁଣି କିଛି ବାକିଥିବ ?

ଉଚ୍ଛୁଳା ହୃଦୟ ଚିରି
ବହୁଥିବା ଧାରଟି
ପ୍ରଭାସରେ ଗୋପ୍ୟ ହୋଇ ସାରିଥିବ
ରାତି ସରିଥିବ ଆଖି ଥକିଥିବ
ନିଦ ବି ଫେରିଯାଇଥିବ
ସ୍ୱପ୍ନ ଯାହା ପୁଣି କିଛି ବାକି ଥିବ ?

+ମୋ-୯୮୬୧୩୨୩୬୫୦

## ଜାଗ ହେ ମଣିଷ

ପୂଜା ସା



ନିରୀହ ଜୀବର ଜୀବନକୁ ନାଶି
ଯେତେ କଲେ ଗଙ୍ଗାସ୍ନାନ,
ପାପୀଙ୍କ ମଧ୍ୟେ ହିଁ ରହିଯିବ ତୁମେ
ବୈକୁଣ୍ଠରେ ନାହିଁ ସ୍ଥାନ ।

ପୂଜି ଗଣପତି ଅରଜି ସୁଗତି
ପୁଣ୍ୟ କରିଲ ସଂଗ୍ରହ,
ବାସୀ ନାମେ ଲକ୍ଷେ ଜୀବ ହତ୍ୟାକରି
ପୁଣି ହେଲ ଦୋଷାବହ ।

ଜୀବ ପ୍ରତି ଯଦି ଦୟା ନାହିଁ ତୁମ
ଈଶ୍ୱର ପୂଜି କି ଲାଭ,
ଖାଇ ଜୀବ ମାଂସ ବସି କର ପୁଣି
ପାପ ପୁଣ୍ୟର ହିସାବ ।

ସ୍ୱର୍ଗେ ଥାଇ ଆଜି ଦେବେ କହୁଥିବେ
ଧନ୍ୟରେ ମାନବ ଜାତି,
ତୁମକୁ ସର୍ଜନା କରି ଆମେ ସତେ
କରିଦେଲୁ ବଡ଼ ତ୍ରୁଟି ।

ଏବେବି ସମୟ ହୋଇନାହିଁ କ୍ଷୟ
ବେଳହୁଁ ସୁଧୁରି ଯାଅ,
ନ ହେଲେ ଏ ସବୁ ଅବକ୍ତା ପ୍ରାଣୀଏ
ଆଣିବେ ମହା ପ୍ରଳୟ ।

+ଦେପୁର, ଭବାନିପାଟଣା (କଳାହାଣ୍ଡି)



## ଜୀବନ ପାଇଁ ବୃକ୍ଷର ଉପାଦେୟତା



ରାଜସ୍ମିତା ବାରିକ

ଭଗବାନ ସୃଷ୍ଟିକୁ ସୁନ୍ଦର କରି ଗଢିଛନ୍ତି । ତାଙ୍କ ସୃଷ୍ଟିରେ କ୍ଷୁଦ୍ର ଜୀବଠାରୁ ଆରମ୍ଭ କରି ବୃହତ୍ତ ଜୀବ ପର୍ଯ୍ୟନ୍ତ ସବୁ ରଖିଛନ୍ତି । ମଣିଷକୁ ଶ୍ରେଷ୍ଠ ଜୀବ ବୋଲି ଆଖ୍ୟା ଦେଇଛନ୍ତି । ମଣିଷ ଏକ ବିଚାର ବୁଦ୍ଧି ସମ୍ପନ୍ନ ପ୍ରାଣୀ ଅଟେ । ସେଥିପାଇଁ ସେ ସୃଷ୍ଟିରେ ଶ୍ରେଷ୍ଠ ଜୀବ । ଶ୍ରେଷ୍ଠତା ଭିତରେ କ୍ଷୁଦ୍ରତା କଣ ପାଇଁ ନିହିତ ରହିଛି । ସବୁ ଜାଣି ମଧ୍ୟ ମଣିଷ ପ୍ରକୃତିକୁ ନଷ୍ଟ କରିଚାଲିଛି । ବୃକ୍ଷଟିଏ ଜୀବନଟିଏ ଜାଣି ମଧ୍ୟ ପ୍ରବଳ ଗଛ କାଟି ଚାଲିଛି । ଈଶ୍ୱରଙ୍କ ସୃଷ୍ଟିରେ ପ୍ରତ୍ୟେକ ଜୀବନର ଆବଶ୍ୟକତା ରହିଛି । ଆମର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମେ ନିଜେ ଧ୍ୱଂସ ପଥରେ ଆଗେଇ ଚାଲିଛୁ । କରିଥିବା କର୍ମର ଫଳକୁ ଆମକୁ ଭୋଗିବାକୁ ପଡ଼ିବ । ସେ ଭଲ କର୍ମ ହେଉ କି ଖରାପ । କର୍ମର ଫଳ ଭୋଗିବାରୁ ଭାଗବାନ ମଧ୍ୟ ବାଦ ପଡ଼ିନାହାଁନ୍ତି । ଆମେ ତ ସାଧାରଣ ଜୀବ ଆମେ କିପରି ବାଦ ପଡ଼ିବୁ । ପ୍ରତ୍ୟେକ ପ୍ରାଣୀ ବଞ୍ଚିରହିବା ପାଇଁ ଯେ ପବନଟିକେର ଆବଶ୍ୟକତା ରହିଛି ସମୟ ଆସିବ ସେତିକି ମଧ୍ୟ ପାଇବା ନାହିଁ । ଆମର ମୌଳିକ ଆବଶ୍ୟକତା ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ଏହା ବୃକ୍ଷ ନିକଟରୁ ମିଳିଥାଏ । ଈଶ୍ୱରଙ୍କ ସୃଷ୍ଟିରେ ଏ ମାନବ ଜାତିଟା କେତେ ବିଚିତ୍ର । ଯେ ତାର ସାହାଯ୍ୟ କରେ ଜୀବନର ସବୁ ଆବଶ୍ୟକତାକୁ ପୂରଣ କରେ । ପରବର୍ତ୍ତୀ ସମୟରେ ସେ ନିଜର ସ୍ୱାର୍ଥ ପାଇଁ ତାକୁ ହିଁ ପ୍ରଥମେ ବିନାଶ କରେ ।

ବର୍ତ୍ତମାନ ସମୟରେ ବହୁଳ ପରିମାଣରେ ଜନ ସଂଖ୍ୟା ବୃଦ୍ଧି ଯୋଗୁଁ ଆମର ଆବଶ୍ୟକତା ମଧ୍ୟ ବଢ଼ି ଚାଲିଛି । ଆମର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମେ ବହୁଳ ପରିମାଣରେ ଜଙ୍ଗଲ ନଷ୍ଟ କରି ଚାଲିଛୁ । ଜଙ୍ଗଲ ଜୈବବିବିଧତାର ଏକ ପ୍ରମୁଖ ଉତ୍ସ । ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଜୈବବିବିଧତା ମଧ୍ୟ ନଷ୍ଟ ହେଉଛି ।



ଜୈବବିବିଧତା କହିଲେ ସାଧାରଣତଃ ଗୋଟିଏ ସ୍ଥାନରେ ବାସ କରୁଥିବା ସମସ୍ତ ପ୍ରକାରର ପ୍ରାଣୀ, ଉଦ୍ଭିଦ ଓ ଅଣୁଜୀବଙ୍କୁ ବୁଝାଇଥାଏ । ବୃକ୍ଷକୁ ବହୁଳ ପରିମାଣରେ କାଟିବା ଦ୍ୱାରା ଜଙ୍ଗଲରେ ବାସ କରୁଥିବା ଜୀବ ମାନେ ନିଜର ବାସ ସ୍ଥାନ ହରାଇ ବାହାରକୁ ଆସୁଛନ୍ତି । ସେମାନେ ଗାଁ ବା ସହରରେ ପ୍ରବେଶ କରି ଲୋକଙ୍କ ଧନ ଜୀବନ ନଷ୍ଟ କରୁଛନ୍ତି । ଜୀବଜନ୍ତୁଙ୍କର ସେଥିରେ ଭୁଲ ନାହିଁ ଆମେ ତାଙ୍କ ବାସସ୍ଥାନ ନଷ୍ଟ କରୁଛେ । ସେଥିପାଇଁ ସେମାନେ ଜଙ୍ଗଲ ଛାଡ଼ି ବାହାରକୁ ଆସୁଛନ୍ତି । ବର୍ଷାରେ ମଧ୍ୟ ଅନିୟମିତତା ଦେଖାଯାଉଛି । ଠିକ୍ ସମୟରେ ବର୍ଷା ହେଉ ନାହିଁ । କୃଷି କାର୍ଯ୍ୟରେ ମଧ୍ୟ ବାଧା ସୃଷ୍ଟି ହେଉଛି । କଳକାରଖାନା, ରାସ୍ତାଘାଟ, ରେଳ ଲାଇନ, ଜନବସତି ଏବଂ କୃଷି ପାଇଁ ଜଙ୍ଗଲ ସଫା ହେବା ଦ୍ୱାରା ବଡ ବଡ଼ ଘଞ୍ଚ ଜଙ୍ଗଲ ଖଣ୍ଡ ଖଣ୍ଡ ହେଉଛି । ସେହିପରି ଜଙ୍ଗଲରେ ଔଷଧୀୟ ବୃକ୍ଷ ମଧ୍ୟ ଲୋପ ପାଇଗଲାଣି । ପରିବେଶରେ ବହୁ ବିଚିତ୍ର ପରିବର୍ତ୍ତନ ଦେଖାଯାଉଛି । ପରିବେଶରେ ଅଙ୍ଗାରକାମ୍ଳ ପରିମାଣ ବୃଦ୍ଧି ହେବାର ଲାଗିଛି ଅମ୍ଳଜାନର ପରିମାଣ କମୁଛି । ଅଙ୍ଗାରକାମ୍ଳ ଭଳି ବିଷାକ୍ତ ଗ୍ୟାସ୍‌ର ବୃଦ୍ଧି ହେବା ଯୋଗୁଁ ଆଜି ଆମେ ମାରାତ୍ମକ ରୋଗରେ ଶିକାର ହେଉଛୁ । ବଜ୍ରପାତ ଭଳି ମହା ବିପଦରୁ ବୃକ୍ଷ ଆମକୁ ରକ୍ଷା କରେ । ସେଥିପାଇଁ ଜଗନ୍ନାଥ ଦାସ ଓଡିଆ ଭାଗବତରେ ବୃକ୍ଷର ମାହାତ୍ମ୍ୟ ବିଷୟରେ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । ବୃକ୍ଷକୁ କବି ସୁଜନ ସହିତ ତୁଳନା କରିଛନ୍ତି ଏବଂ ବୃକ୍ଷ କେବେ କାହାକୁ ନିରାଶ କରେ ନାହିଁ ବୋଲି କହିଛନ୍ତି । ସମସ୍ତଙ୍କର ମଙ୍ଗଳ ପାଇଁ ସେ ସର୍ବଦା ନିଜ ଜୀବନକୁ ଉତ୍ସର୍ଗ କରିଦେଇଥାଏ । ସେଥିପାଇଁ ସେ ଲେଖିଛନ୍ତି -

ସୁଜନଘରେ ଯେହ୍ନେ ଯାଇ
ଅତିଥି ନିରାଶ ନୁହଇ ।

ବର୍ତ୍ତମାନ ସମୟରେ ଜଙ୍ଗଲକୁ ସୁରକ୍ଷା ପ୍ରଦାନ କରିବାର ଆବଶ୍ୟକତା ରହିଛି । ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା । ସ୍କୁଲ କଲେଜସ୍ତରରେ ପିଲା ମାନଙ୍କୁ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରିବା ଉଚିତ୍ । ବର୍ତ୍ତମାନ ମଧ୍ୟ କିଛି ପ୍ରକୃତି ପ୍ରେମି ଏବଂ ସ୍ୱେଚ୍ଛାସେବି ଅନୁଷ୍ଠାନ ମଧ୍ୟ ବୃକ୍ଷ ରୋପଣ କରୁଛନ୍ତି । ସରକାର ମଧ୍ୟ ବୃକ୍ଷରୋପଣ ପାଇଁ ସାହାଯ୍ୟ କରୁଛନ୍ତି । ବୃକ୍ଷ ଏକ୍ତସ ମଣିଷ ପରସ୍ପର ନିର୍ଭରଶୀଳ । ତେଣୁ ବୃକ୍ଷରୋପଣ କରିବା ଏବଂ ନିଜେ ସୁରକ୍ଷିତ ରହିବା ସହିତ ପରିବେଶକୁ ସୁରକ୍ଷା ଦେବା ।

+ନୀଳଗିରି

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ: ପିଲାଙ୍କ ଭବିଷ୍ୟତକୁ ନେଇ ଖେଳ, କଲେଜ ପାଲଟିଲା ରଣକ୍ଷେତ୍ର

କେନ୍ଦ୍ରାପଡ଼ା, ୧୧/୦୯ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ରେ ସ୍ନାତକୋତର (ପିଜି କ୍ଲାସ)ରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନେ ଆଜି କଲେଜ ଅଧକ୍ଷଙ୍କ କାର୍ଯ୍ୟାଳୟ ରେ ତୁମୁଳ କାଣ୍ଡ ଘଟାଇଛନ୍ତି । କାର୍ଯ୍ୟାଳୟ ବାହାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ କୌଣସି କର୍ତୃପକ୍ଷ ନ ଆସିବାରୁ ଉତ୍ୟକ୍ତ ଛାତ୍ରଛାତ୍ରୀ ମାନେ ଅଧକ୍ଷଙ୍କ ଅଫିସକୁ ପ୍ରବେଶ କରି ଆସବାବ ପତ୍ର, ଟେବୁଲ, ଚେୟାର ଓ ଅନ୍ୟ ସାମଗ୍ରୀ ଗୁଡିକୁ ଭଙ୍ଗାରୁଜା କରିବା ସହ ସେଗୁଡିକୁ ବୋହି ଆଣି ବାହାରେ ଫୋପାଡି ଦେଇଥିଲେ । ଏହାସହ ନାରାବାଜି କରି ପ୍ରିନ୍ସିପାଲଙ୍କ ଅଫିସ ଆଗରେ ଧାରଣା ଦେବା ସହ କଲେଜ କର୍ତୃପକ୍ଷଙ୍କ ବିରୋଧ ରେ ନିଜର ପ୍ରତିକ୍ରିୟା ଦେଇଥିବା ଜଣାପଡିଛି । ତ୍ରୁଟିପୂର୍ଣ୍ଣ ପ୍ରମାଣପତ୍ର ପ୍ରଦାନକୁ ନେଇ କଲେଜ କର୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳିଥିବା ଅଭିଯୋଗ କରିଛନ୍ତି । ସକାଳ ୯ଟା ରୁ ଦିନ ୧। ପର୍ଯ୍ୟନ୍ତ ଏଭଳି ତୁମୁଳ କାଣ୍ଡ କଲେଜରେ ଘଟିଥିବା ଦେଖିବାକୁ ମିଳିଛି । ଅଭିଯୋଗ ମୁତାବକ ଏହି ମହା ବିଦ୍ୟାଳୟରେ ୨୦୧୭ ମସିହାରୁ ସମାଜ ଶାସ୍ତ୍ର ବିଭାଗ ଓ ୨୦୨୨ରେ ଅନ୍ୟ ୧୪ଟି ବିଭାଗର ପିଜି କ୍ଲାସ ଖୋଲିଛି । ସେଥିରେ ପ୍ରାୟ ୩୦୦ ଛାତ୍ରଛାତ୍ରୀ ନାମ ଲେଖାଇ ଅଧ୍ୟୟନ କରୁଥିବା ବେଳେ ପ୍ରତ୍ୟେକ ଛାତ୍ର ଓ ଛାତ୍ରୀ ଏଥିପାଇଁ କଲେଜ କର୍ତୃପକ୍ଷଙ୍କୁ ୫୦ ହଜାର କରି ଟଙ୍କା ଭରଣା କରି ପିଜି କ୍ଲାସରେ ଅଧ୍ୟୟନ କରୁଛନ୍ତି । ପ୍ରଥମ ବ୍ୟାଚ ଛାତ୍ରଛାତ୍ରୀଙ୍କ ପିଜି ସାର୍ଟିଫିକେଟରେ କୌଣସି ବିଶ୍ୱ ବିଦ୍ୟାଳୟ ର ନାମ ଲେଖାନଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା । ଛାତ୍ରଛାତ୍ରୀ ମାନେ ତତ୍‌କାଳୀନ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଓ କଲେଜ ପରିଚାଳନା କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ । ନିୟମିତ ଶିକ୍ଷାଦାନ ନହେବା, ପରିଚାଳଲନା ଗତ ତ୍ରୁଟି ସଂଶୋଧନ ନହେବା, ଆବଶ୍ୟକ ଅଧାପକ, ଅଧାପିକା ନିଯୁକ୍ତ ନହେବା ଆଦି ଘଟଣାକୁ ନେଇ ପୂର୍ବରୁ ଛାତ୍ର ଅଶାନ୍ତି ଦେଖା ଦେଇଥିଲା । ଛାତ୍ରଛାତ୍ରୀ ମାନେ ଅଭିଯୋଗ କଲେ ମଧ କୌଣସି ସମସ୍ୟାର ସମାଧାନ ହୋଇ ନଥିବା ବେଳେ ତେବେ ପ୍ରଥମ ବ୍ୟାଚ ଛାତ୍ରଛାତ୍ରୀଙ୍କୁ ମିଳିଥିବା ପିଜି ସାର୍ଟିଫିକେଟ ତ୍ରୁଟିପୂର୍ଣ୍ଣ ଥିବାରୁ ଏହାର ସଂଶୋଧନ ପାଇଁ ଆଜି ସକାଳ ୯ଟାରୁ ପିଲାମାନେ ଅଫିସ ଆଗରେ ରୁଣ୍ଡ ହୋଇଥିଲେ । ବେ ଅଧକ୍ଷଙ୍କୁ ଅପେକ୍ଷା କରି ଶେଷରେ ଧର୍ଯ୍ୟହରା ହୋଇ କାର୍ଯ୍ୟାଳୟ ରେ ଧସେଇ ପଶି ଆସବାବପତ୍ର ଭଙ୍ଗାରୁଜା କରିଛନ୍ତି । ଗଣ୍ଡଗୋଳ ର ଖବର ପାଇ ଟାଉନ ଥାନା ଅଧିକାରୀ ଦିଲିପ ସାହୁଙ୍କ ନିର୍ଦ୍ଦେଶରେ ଏକ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଁଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ । ତେବେ ୧୨ଟା ବେଳେ ଅଧକ୍ଷ ପ୍ରଫେସର ଅଭିଜିତ ବୋଷ କଲେଜ ରେ ପହଁଚି ଛାତ୍ରଛାତ୍ରୀଙ୍କ ସହ ପ୍ରାୟ ୧ ଘଂଟା ଧରି ଆଲୋଚନା କରିଥିଲେ । କେତେକ କର୍ମଚାରୀଙ୍କ ପାଇଁ ମିଳିଥିବା ପ୍ରମାଣପତ୍ରରେ ଏଭଳି ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଥିବା ସ୍ୱୀକାର କରିବା ସହ ଖୁବ ଶିଘ୍ର ଏଗୁଡିକୁ ସଂଶୋଧନ କରାଯିବ ବୋଲି ଛାତ୍ରଛାତ୍ରୀଙ୍କୁ ପ୍ରତିଶୃତି ଦେବାରୁ ଅବସ୍ଥା ଶାନ୍ତ ପଡିଥିଲା । ଏଭଳି ଘଟଣା ନେଇ ବୁଦ୍ଧିଜୀବି ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ।

# ବହୁ ଚର୍ଚ୍ଚିତ ସ୍ମିତାରାଣୀ ମୃତ୍ୟୁ ରହସ୍ୟ ମାମଲା : ପରିବାରକୁ ନ୍ୟାୟ ପ୍ରଦାନ ସହ ଘଟଣାର ସିବିଆଇ ତଦନ୍ତ ଦାବି କଲା ଧର୍ମଶାଳା ବିଜେପି

ଧର୍ମଶାଳା, ୧୧/୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଂଚାୟତ ପିଇଓ ସ୍ମିତାରାଣୀ ବିଶ୍ୱାଳ ମୃତ୍ୟୁ ମାମଲା ପୁଣି ଚର୍ଚ୍ଚାକୁ ଆସିଛି । ଇତି ମଧ୍ୟରେ ଘଟଣାକୁ ୫ ବର୍ଷ ବିତିବାକୁ ଯାଉଥିବା ବେଳେ ଏହି ଘଟଣାରୁ ଏଯାବତ୍ ପରଦା ଉଠିପାରି ନାହିଁ । ଏହା ହତ୍ୟା କି ଆତମହତ୍ୟା । ମୃତ୍ୟୁ ପୂର୍ବରୁ ତାଙ୍କ ସହ କଣ ଘଟିଥିଲା । ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ଥିଲା କି । ଏ ସମସ୍ତ ଘଟଣା ରହସ୍ୟ ହୋଇ ରହି ଯାଇଛି । ଏନେଇ ଧର୍ମଶାଳା ବିଜେପିର ଏକ ପ୍ରତିନିଧି ଦଳ ଉକ୍ତ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ ଲୋକାଲୋଚନକୁ ଆଣିବା ପାଇଁ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ଭୋଟି ଗତକାଲି ଏ ସମ୍ପର୍କରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଆଜି ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ମାମଲାର ସିବିଆଇ ତଦନ୍ତ ସହ ସ୍ମିତାରାଣୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି । ସୂଚନା ମୁତାବକ,୨୦୧୯ ମସିହା ସେପଟ୍ଟେମ୍ବର ୧୬ ତାରିଖ ହରିଦାସପୁର ପଂଚାୟତର ପିଇଓ ସ୍ମିତାରାଣୀଙ୍କର ମୃତ୍ୟୁ ଘଟିଥିଲା । ପଂଚାୟତ କାର୍ଯ୍ୟାଳୟରେ ଭର୍ତା ପ୍ରଦାନ କରି ତତ୍କାଳୀନ ସରପଂଚ ମଧୁସ୍ମିତା ଭଦ୍ରଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ମଧାହ୍ନ ଭୋଜନ ନିମନ୍ତ୍ରଣ ପାଇ ଅତିଥି ଭବନକୁ ଯାଇଥିଲେ । ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ତରବରିଆଭାବେ ଶବବ୍ୟବଚ୍ଛେଦ କରି ପୋଡି ଦିଆଯାଇଥିଲା । ଏହାକୁ ପ୍ରାଥମିକ ଭାବେ ଆତ୍ମହତ୍ୟାର ରୂପ ଦିଆଯାଇଥିଲା । ଘଟଣାକୁ ନେଇ ବିରୋଧୀ ବିଜେପି ଆନ୍ଦୋଳନ କରିବାରୁ ରୂପେଶ ଭଦ୍ରକୁ ଗିରଫ କରିଥିଲା । ପରେ ଅତିଥି ଭବନ(ରଙ୍ଗଶାଳା)କୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଥିଲା । ଏବଂ ଏହି ଭବନରେ ଥିବା ସିସି କ୍ୟାମେରାରୁ ସମସ୍ତ ରେକର୍ଡ ଗାଏବ କରି ଦିଆଯାଇଥିଲା । ରୂପେଶ ଏବଂ ତାଙ୍କ ସହଯୋଗୀ ସ୍ଥାନୀୟ ରାମେକା କମ୍ପାନୀରେ କଂଟ୍ରାକ୍ଟର ଓ ସହଯୋଗୀ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ । ତାଙ୍କ ସହଯୋଗୀଙ୍କୁ ଏହି କାର୍ଯ୍ୟରୁ ବାହାର କରି ଦିଆ ଯାଇଥିଲା । ଏବଂ ସମସ୍ତ ପ୍ରମାଣ ନଷ୍ଟ କରାଯାଇଥିବା ସହ ସ୍ମିତାରାଣୀଙ୍କ ପରିବାରକୁ ଏଯାବତ୍ ନ୍ୟାୟ ମିଳି ପାରି ନାହିଁ । ଯେଉଁଥି ପାଇଁ ମୃତ ସ୍ମିତାରାଣୀଙ୍କ ସ୍ୱାମୀ କୋର୍ଟର ଦ୍ୱାରସ୍ଥ ହୋଇଥିବା ବିଜେପି ନେତ୍ରୀ ଶ୍ରୀମତି ପହି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି । ତେବେ ଗତ କାଲି ଆଇନମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ଆକାଉଁଟରେ ଏହି ମାମଲାର ପୁନଃ ତଦନ୍ତ ସହ ନିରପେକ୍ଷ ତଦନ୍ତ ହେବ ବୋଲି ପ୍ରତିଶୃତି ଦେଇଥିବା ଉଲ୍ଲେଖ କରିଛନ୍ତି । ଯାହାକି ଏବେ ଧର୍ମଶାଳା ରାଜନୀତି ସରଗରମ ହେବାରେ ଲାଗିଛି ।

# ରାଜ୍ୟରେ ଲଗାଣ ବର୍ଷା ଓ ବନ୍ୟା ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୧/୦୯ (ନି.ପ୍ର): ରାଜ୍ୟରେ ଲଗାଣ ବର୍ଷା ଓ ବନ୍ୟାର ସମୀକ୍ଷା କରିଛନ୍ତି ରାଜସ୍ୱ ମନ୍ତ୍ରୀ । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜୀବ ଭବନ ସ୍ଥିତ ଏସଆରସି କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଏସଆରସି ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ଡିଜି ସଞ୍ଜୟ କୁମାର ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ସମୀକ୍ଷା ପରେ ମନ୍ତ୍ରୀ କହିଛନ୍ତି, ‘୩୦ ଜିଲ୍ଲାରେ ବର୍ଷା ହୋଇଛି । ମାଲକାନଗିରି ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି । କୋରାପୁଟ ଜିଲ୍ଲାରେ ମଧ ବର୍ଷାର ପ୍ରଭାବ ରହିଛି । ସମସ୍ତ ଜିଲାପାଳଙ୍କୁ ଆଗୁଆ ସତର୍କ କରାଯାଇଥିଲା । ୬ଟି ଓଡ୍ରାଫ ଓ ୫ ଅଗ୍ନିଶମ ଟିମ ମାଲକାନଗିରି ଜିଲ୍ଲାରେ ନିୟୋଜିତ ହୋଇଥିଲେ । ରାସ୍ତାରେ ଜଳ ଚାଲିଥିବାରୁ ପ୍ରଭାବିତ ହୋଇଥିଲା । ବର୍ଷା ସ୍ୱତେ କାହାର ମୃତ୍ୟୁ ହୋଇନାହିଁ । ୮୦ଟି ଉଦ୍ଧାର ବୋଟ୍ ନିୟୋଜିତ ହୋଇଥିଲା । କେନ୍ଦ୍ର ସରକାରଙ୍କ ଗୃହ ବିଭାଗର ସଚିବ ସହିତ ରାଜ୍ୟ ଅତିରିକ୍ତ ଶାସନ ସଚିବ କଥା ହୋଇଥିଲେ । ବିଏସଏଫ ଷ୍ଟାଣ୍ଡ ବାଇ ଥିଲା । ଚପର ମଧ ଦେବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ଥିଲେ । ମାଲକାନଗିରି ଜିଲ୍ଲାରେ ୧୭୦୦ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି । ସମସ୍ତ ରିଲିଫ ସେଂଟରେର ସେମାନେ ରହିବେ । ଜଳ ସମ୍ପୂର୍ଣ୍ଣ ଛାଡିବା ଯାଏଁ ସେମାନେ ରହିବେ । ତିନି ଜଣ ବରିଷ୍ଠ ଅଧିକାରୀ ଅଧିକାରୀ ସେଠାରେ ଅଛନ୍ତି । ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଜିଲ୍ଲା ଓ ବ୍ଲକ ପ୍ରଶାସନ ସହିତ ରାଜ୍ୟ ସରକାର ସମନ୍ୱୟ ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଘଟଣା ଉପରେ ନଜର ରଖିଛନ୍ତି । ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି । ଭୁସ୍ଖଳନ ଯୋଗୁଁ ଜଣେ ଆହତ ହୋଇଛନ୍ତି । ବନ୍ୟା ଓ ବର୍ଷା ଯୋଗୁଁ ଘର ଭାଙ୍ଗିଛି । ବର୍ଷା ଓ ପାଣି ଛାଡିବା ଲୋକଙ୍କ ପାଖରେ ସମସ୍ତ ସୁବିଧା ଯୋଗାଇ ଦିଆଯିବ । ବର୍ଷା ଓ ବନ୍ୟା ଯୋଗୁଁ ମାଲକାନଗିରି ଜିଲ୍ଲା ବିଚ୍ଛିନ୍ନ ହେଉଛି । ଏନେଇ ପଦକ୍ଷେ ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ସେମାନଙ୍କ ରହିବା ଖାଇବା ବ୍ୟବସ୍ଥା ହୋଇଛି । ପାଣି କମିବା ପର୍ଯ୍ୟନ୍ତ ଆବଶ୍ୟକ ଅନୁସାରେ ଜିଲ୍ଲାପାଳ ରିଲିଫ ଅବଧିକୁ ବଢାଇ ପାରିବେ । ରାଜ୍ୟ ସରକାର ଦୁଇଜଣ ପଦସ୍ଥ ଅଧିକାରୀଙ୍କୁ ସପୋର୍ଟ ଦେବା ପାଇଁ ପଠାଇଛନ୍ତି । ବନ୍ୟା ପରବର୍ତ୍ତୀ ସ୍ଥିତି ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି । ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ମଧ ସଜାଗ ଅଛନ୍ତି । ବର୍ଷାର ପରିସ୍ଥିତି ସୁଧୁରିଛି । ଦିନେ ଦୁଇ ଦିନରେ ସ୍ଥିତି ସ୍ୱାଭାବିକ ହୋଇଯିବ । ବିଭାଗର ସଫଳ କାର୍ଯ୍ୟ ପାଇଁ କୌଣସି କ୍ଷତି ବିଶେଷ ହୋଇନାହିଁ । ଜିରୋ କାଜୁଆଲ୍ଟି ରହିଛି ଏବଂ ଜଣେ ଭୂସ୍ଖଳନ ପାଇଁ ଆହତ ହୋଇଛନ୍ତି । ବନ୍ୟା ପରବର୍ତ୍ତୀ ସ୍ଥିତି ପାଇଁ ଆମେ ଗତିବିଧି ବଢ଼ାଯାଇଛି । ଫସଲ ନଷ୍ଟ ଏବଂ ଭଙ୍ଗା ଘରକୁ ନେଇ ସମୀକ୍ଷା ପରେ କ୍ଷତିପୂରଣ ଦିଆଯିବ । ପଶୁ ସମ୍ପଦ ବିଭାଗ ମଧ ସଜାଗ ଅଛନ୍ତି । ନୂଆଁଣିଆ ବ୍ରିଜ ଯାହା ରହିଛି ତାର ସ୍ଥାୟୀ ସମାଧାନ କିପରି ହେବ । ବନ୍ୟାରେ କିପରି ରାସ୍ତା ସୁବିଧା ହୋଇପାରିବ ସେନେଇ ମଧ ଆଲୋଚନା ହୋଇଛି । ବିଭାଗ ଏହାକୁ ଗୁରୁତର ସହ ନେଇଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି ।

# କେନ୍ଦ୍ରାପଡ଼ା ଶ୍ରମ କାର୍ଯ୍ୟାଳୟର ଦୁର୍ନୀତିଗ୍ରସ୍ତ ଡବ୍ଲୁ.ସି.ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ପୂର୍ବ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ

କେନ୍ଦ୍ରାପଡ଼ା, ୧୧/୦୯ (ନି.ପ୍ର): କେନ୍ଦ୍ରାପଡା ଶ୍ରମ କାର୍ଯ୍ୟାଳୟର ଦୁର୍ନୀତି ଅଧୁନା ଚରମ ସୀମାରେ ପହଂଚିଛି । ଅତୀତରେ ଉଦାହରଣ ଅଛି ଯେ ବଂଚିଥିବା ଲୋକଙ୍କୁ ମୃତ ଘୋଷଣା କରି ତା ନାଁରେ ଲକ୍ଷ ଲକ୍ଷ ଟଙ୍କା ହଡପ ହୋଇଥିଲା । ଜିଲ୍ଲା ଶ୍ରମିକ ସଂଗଠନ ଗୁଡିକର ମିଳିତ ଆନ୍ଦୋଳନରେ ଏହାର ଏକ ଆଶୁ ସମାଧାନ ହୋଉଥିବା ସ୍ଥଳେ ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହୋଇଥିବାର ନଜର ରହିଛି । ଅଧୁନା ୨୦୨୪ ସାଧାରଣ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ୨୦୦ ମୃତ୍ୟୁକାଳୀନ ଓ ଖୁବ୍‌କମ୍ ସଂଖ୍ୟକ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥିଲା । ବର୍ତମାନ ଶ୍ରମିକ ସଂଗଠନ ଦ୍ୱାରା ମଗାଯାଇଥିବା ଆରଟିଆଇରୁ ପ୍ରମାଣିତ ହେଉଛି ଯେ ଯେଉଁମାନଙ୍କର ଲେବର କାର୍ଡ କ୍ରମାଗତ ଭାବେ ୩ରୁ ୪ବର୍ଷ ହେଲା ନବୀକରଣ ହୋଇନାହିଁ ବା ଡେଡ୍ କାର୍ଡ ଉପରେ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଇଛି । କିନ୍ତୁ ପ୍ରକୃତ ହିତାଧିକାରୀ ବର୍ଷ ବର୍ଷ ଧରି ଶ୍ରମ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ ସରକାରୀ ସହୟତାରୁ ବଂଚିତ ହେବାର ପରିଲିଖିତ ହୋଇଛି । ଏଠାରେ ଶ୍ରମିକ ସଂଗଠନମାନଙ୍କ ଦ୍ୱାରା ଉଲ୍ଲେଖ ରହିଛି ଯେ କେନ୍ଦ୍ରାପଡା ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରତ ଡବ୍ଲୁ.ସି. ତାଙ୍କ ମନମୁଖି କାର୍ଯ୍ୟ ଚଳାଉଛନ୍ତି । ଅଧିକ ଉତ୍କୋଚ ରାଶି ଗ୍ରହଣ କରି ଧଳାକୁ କଳା କରି ଲୋକମାନଙ୍କୁ ଶୋଷଣ କରିବାରେ ବ୍ୟସ୍ତ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ମୃତ ଅଯୋଗ୍ୟ କାର୍ଡଧାରୀ ଶୈଳବାଳା ପାତ୍ର, ଅଭିରାମ ବେହେରା ଓ ଧିର ପରିଡା ଇତ୍ୟାଦି ଅନେକଙ୍କ ଠାରୁ ଉତ୍କୋଚ ନିଆଯାଇ ମୃତ୍ୟୁ କାଳିନ ସହାୟତା ରାଶି ପ୍ରଦାନ କରାଯାଇଛି । ଏ ନେଇ ଏକ ପ୍ରେସ ବିଜ୍ଞପ୍ତିରେ ପୂର୍ବ ଓଡିଶା ନିର୍ମାଣ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଇଂ. ସୌମ୍ୟ ରଞ୍ଜନ ଧଳ ପ୍ରକାଶ କରିଛନ୍ତି ଯେ ଯଦି ଦୁର୍ନିତୀ ଗ୍ରସ୍ତ ଡବ୍ଲୁ.ସି.ଙ୍କ ବରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଶ୍ରମ କାର୍ଯ୍ୟାଳୟ ଘେରାଉ କରିବା ନେଇ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଉକ୍ତ ବୈଠକରେ ଚିରଞ୍ଜନ ତରାଇ, ଝିଲି ଦାସ, ପ୍ରମିଳା ସାମଲ, ଦ୍ୱିଲିପ ମଲ୍ଲିକ ପ୍ରଭୃତି ଶ୍ରମିକ ନେତାମାନେ ଉପସ୍ଥିତ ଥିଲେ ।

# ଘରବାଡି ପଟ୍ଟା ପାଇଁ ବସୁନ୍ଧରା ଯୋଜନାରେ ସାମିଲ ଦାବି

କୋରେଇ, ୧୧/୦୯ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ତାଜପୁର ଗ୍ରାମର (ଆଦିବାସୀ ସାହି)ରେ ଦୀର୍ଘ ବର୍ଷ ଧରି ଅନେକ ଆଦିବାସୀ ପରିବାର ବସବାସ କରୁଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଘରବାଡି ପଟ୍ଟା ପାଇଥିଲେ ବି ଆହୁରି ଅନେକ ପଟ୍ଟା ପାଇନାହାନ୍ତି । ଫଳରେ ସେମାନେ ସମସ୍ତ ସରକାରୀ ଯୋଜନା ଓ ସୁବିଧାରୁ ବଂଚିତ ହେଉଛନ୍ତି । ଭୋଟର ହୋଇ ବାରମ୍ବାର ଭୋଟ ଦେଉଥିଲେ ବି ପଟ୍ଟା ମିଳିବା ପରିବର୍ତେ କେବଳ ପ୍ରତିଶୃତି ମିଳୁଛି । ସରକାର ଭୂମିହିନଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ଯୋଗାଇ ଦେବାକୁ ନିଷ୍ପତି କରିଥିଲେ ବି ଏମାନଙ୍କ ପାଇଁ ଯୋଜନା ସାତସପନ ହୋଇଛି । ଆଜି ଯୁବନେତା ବାପି ଜେନାଙ୍କ ନେତୃତ୍ୱରେ ଆଦିବାସୀ ମହିଳା ମାନେ ବ୍ୟାସନଗର ତହସିଲଦାରଙ୍କୁ ଭେଟି ବସୁନ୍ଧରା ଯୋଜନାରେ ସେମାନଙ୍କ ପରିବାରକୁ ସାମିଲ କରିବାକୁ ଦାବି କରିଛନ୍ତି ।

# ସାଉଦି ଆରବରେ ଫସିଛନ୍ତି ୬ ଓଡିଆଙ୍କ ସମେତ ୮ ଜଣ: ଉଦ୍ଧାର ପାଇଁ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମ

ଭୁବନେଶ୍ୱର, ୧୧/୦୯ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା ସାଉଦି ଆରବରେ ଫସିଥିବା ୬ ଜଣ ଓଡିଆଙ୍କ ସମେତ ୮ ଜଣ ଯୁବକଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ପାଇଁ ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଏକ ଚିଠି ଲେଖି ନିବେଦନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲାର ଭୁଇଁପୁରର ବଳରାମ ସାହୁ, ରାଜନଗରର କ୍ଷୀରୋଦ ନାରାୟଣ ପାତ୍ର, ଖୋର୍ଦ୍ଧା ଜିଲ୍ଲା ଦାମୋଦରପୁର ଗ୍ରାମର ବନମାଳୀ ଖୁଂଟିଆ, ପଂଚୁଗାଁର ରଞ୍ଜିତ ବାରିକ, ଅସୁରିପାଟଣା ଗ୍ରାମର ନବଘନ ମହାରଣା, ଗଞ୍ଜାମ ଜିଲ୍ଲା ମୋହନପୁର ଗ୍ରାମର ମନୋଜ କୁମାର ପଲେଇ, ବିହାରରୁ ମହମ୍ମଦ ନୱାବ ଓ ଉତ୍ତର ପ୍ରଦେଶରୁ ମହମ୍ମଦ ଇରଫାନ ଚଳିତ ବର୍ଷ ଏପ୍ରିଲ- ମଇ ମାସରେ ସାଉଦି ଆରବରେ ପାଇପମିସ୍ତ୍ରୀ, ରାଜମିସ୍ତ୍ରୀ ଭାବେ କାମ କରିବାକୁ ଏକ ଏଜେଂଟଙ୍କ ଜରିଆରେ ଯାଇଥିଲେ କିନ୍ତୁ ସେଠାରେ ପହଂଚିବା ପରେ କମ୍ପାନୀ କର୍ତୃପକ୍ଷ ସେମାନଙ୍କୁ ଅନ୍ୟ କାମରେ ନିୟୋଜିତ କରିଥିଲେ।

# ରାଷ୍ଟ୍ରପତିଙ୍କ ସହ ଯାଜପୁର ଜିଲ୍ଲାର ମହିଳା ଛତୁ ବିହନ ଉଦ୍ୟୋଗୀଙ୍କ ସାକ୍ଷାତକାର

କୋରେଇ, ୧୧/୯ (ନି.ପ୍ର): ଓଡିଶା ଛତୁ ଉତ୍ପାଦନକାରୀ ମହାସଂଘ ରାଜ୍ୟ ସଭାପତି ପ୍ରଫେସର ଅଦ୍ୱୈତ୍ୟ କୁମାର ପାତ୍ର ଓ ମହାସଂଘର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମହାସଂଘର ୧୯ ଜଣିଆ ପ୍ରତିନିଧି ମଣ୍ଡଳୀ ମହାମହିମ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କୁ ଭେଟି ସାକ୍ଷାତ କରିଛନ୍ତି । ଓଡିଶାରେ ଛତୁ ଚାଷକୁ ବ୍ୟାପକ କରିବା ସହିତ ପାଂଚ ଦଫା ଦାବି ସମ୍ବଳିତ ଏକ ଦାବି ପତ୍ର ମହାସଂଘ ପକ୍ଷରୁ ଉପସ୍ଥାପନା କରାଯାଇଛି । ଯାଜପୁର ଜିଲ୍ଲା (ପାଣିକୋଇଲି)ର ମହିଳା ଛତୁ ଉଦ୍ୟୋଗୀ ଅନିତା ରାଣୀ ନନ୍ଦୀ ଓ ତାଙ୍କ ସ୍ୱାମୀ ନିତ୍ୟାନନ୍ଦ ଦାସ (ଛତୁ ଉତ୍ପାଦନକାରୀ ମହାସଂଘ ଯାଜପୁର ଜିଲ୍ଲା ଶାଖାର କୋଷାଧ୍ୟକ୍ଷ) ତାଙ୍କୁ କିପରି ଭାବେ ଚୀନ ଓ ଥାଇଲାଣ୍ଡରେ ଉତମ ମାନର ଛତୁ ଚାଷ ଓ ବିହନ ଉତ୍ପାଦନର ତାଲିମ ମିଳିପାରିବ ସେ ବିଷୟରେ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି । ସୋଲାନ ବିଶ୍ୱବିଦ୍ୟାଳୟ (ଛତୁ ଗବେଷଣା କେନ୍ଦ୍ର) ଠାରେ ଜାତୀୟ ଛତୁ ମେଳାରେ ମଧ୍ୟ ଗୁରୁବାର ଯୋଗଦେଇ ନିଜର ମନ୍ତବ୍ୟ ଉପସ୍ଥାପନା କରିବେ ବୋଲି ମତ ପ୍ରକାଶ କରିଛନ୍ତି ।

# ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଜୟପୁର, ୧୧/୦୯ (ନି.ପ୍ର):ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆଜି ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ନ୍ୟାୟାଳୟ ପରିସରରେ ଆୟୋଜିତ ଏହି କାର ?ୟକ୍ରମରେ ଆଇନଜୀବୀ ବିଜୟ କୁମାର ରାୟ ଜେନାଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟ ଆଇନଜୀବୀ ପରିଷଦର ସହଯୋଗୀ ସଦସ୍ୟ ରୂପେ ସେ ମନୋନୀତ ହୋଇ ଶୃଙ୍ଖଳା କମିଟି ସଦସ୍ୟ ରୂପେ ସ୍ଥାନ ପାଇଥିବାରୁ ତାଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସଭାକୁ ସଭାପତି ତ୍ରିନାଥ ସିଂ ଲାଲ୍ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ରାଜ୍ୟ ପରିଷଦ ସଦସ୍ୟ ପି.ରମେଶ ପାତ୍ର, ସଂପାଦକ ମହେନ୍ଦ୍ର ଅଧିକାରୀ ମଂଚାସୀନ ରହିଥିଲେ । କାର୍ଯ୍ୟକ୍ରମକୁ ବିରେଶ ପଟ୍ଟନାୟକ, ତେଜେଶ୍ୱର ପଣ୍ଡା, ବାଲା ରାୟ, ତାରିଣୀ ପାଣିଗ୍ରାହୀ, ରବି ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ବିଶେଷକରି ଓକିଲଙ୍କ ପାଇଁ ଜୀବନବୀମା କିଭଳି ରାଜ୍ୟ ସରକାର କରିବେ ସେ ସଂପର୍କରେ ଦାବି ରଖିବାକୁ ମତ ପ୍ରକାଶ ପାଇଥିଲା । ତତ୍‌ସହ ତେଲେଙ୍ଗାନା ଭଳି ରାଜ୍ୟରେ ନୂଆଁ ଆଇନଜୀବୀ ମାନଙ୍କୁ ମାସିକ ପ୍ରୋତ୍ସାହନ ରାଶି ଦିଆଯାଉଥିବା ବେଳେ ଓଡ଼ିଶାରେ ସେଭଳି କରିବାକୁ ତେଜେଶ୍ୱର ପଣ୍ଡା ମତ ରଖିଥିଲେ । କାର୍ଯ୍ୟକ୍ରମରେ ଗିରିଧାର ଖରା, ପି.ସନ୍ୟାସୀ ରାଓ, ଦିନବନ୍ଧୁ ଅଗ୍ରୱାଲ, ସୁଧିର ଷଢ଼ଙ୍ଗୀ, ପ୍ରମୋଦ ଦାସ, କେଦାର ସାମନ୍ତରାୟ, ମଦନ ମୋହନ ନାୟକ, ଲାଲ୍ ମୋହନ ଷଡ଼ଙ୍ଗୀ, ନାଗରାଜ ଦୋରା, ରାଜେନ୍ଦ୍ର ଗୌଡ଼, ସଞ୍ଜୟ ଝା, ପ୍ରଦୀନ ସ୍ୱାଇଁ, ରବିନ୍ଦ୍ର ପଣ୍ଡା, ଗଙ୍ଗାଧର ନାୟକ, ସହଦେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଭିଏସଏସ ଇଣ୍ଡୋର ବ୍ୟାଡ଼ମିଂଟନ ହଲ ସମସ୍ୟା ଓ ଟେବୁଲ ଟେନିସ କୋର୍ଟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର

ସମ୍ବଲପୁର, ୧୧/୦୯ (ନି.ପ୍ର): ଦୀର୍ଘ ବର୍ଷ ଧରି ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ବ୍ୟାଡ଼ମୀଣ୍ଟନ ହଲର ସମସ୍ୟା ବଢ଼ି ଚାଲିଛି ହେଲେ କୌଣସି ସମାଧାନ ବ୍ୟବସ୍ଥା ହେଉନାହିଁ । ଆଗରୁ ଯାହା କିଛି ସ୍ଥାନୀୟ ସ୍ତରରେ କାର୍ଯ୍ୟ ହେଉଥିଲା ହେଲେ ଗତ ବିଜେଡି ସରକାର ଦ୍ୱାରା ‘ପେ ଏଣ୍ଡ ପ୍ଲେ‘ ଏପ ବ୍ୟବସ୍ଥା ପ୍ରଚଳନ ହେଲା ପରେ ସାରା ଓଡିଶା ରେ ସରକାରୀ ସ୍ତରରେ ପରିଚାଳିତ କ୍ରୀଡା ରେ ସବଡ଼ିଭିଜନ ଅଂଚଳର ୩ଶହ ଟଙ୍କା, ଜିଲ୍ଲା ମୁଖ୍ୟାଳୟ ରେ ୫ଶହ ଟଙ୍କା ଓ ମହାନଗର ଅଂଚଳରେ ୮ଶହ ଟଙ୍କା ଅଗ୍ରିମ ଭାବରେ ଖେଳାଳି ଙ୍କଠାରୁ ଅନଲାଇନ ମାଧ୍ୟମ ରେ ରାଜ୍ୟ ଟ୍ରେଜେରି ରେ ଜମା ହେଉଛି । ଏହି ପ୍ରସଙ୍ଗରେ ସମ୍ବଲପୁର ଆମର ବ୍ୟାଡ଼ମିଂଟନ କ୍ଲବ ପକ୍ଷରୁ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟକ୍ଷୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ । ବର୍ତମାନ ଖେଳ ପ୍ରତି ଶିଶୁ, ଯୁବକ ଠାରୁ ବୟସ୍କ ଯାଏ ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେଉଥିବା ବେଳେ, ସରକାର ମଧ ଖେଳ ଓ ଖେଳାଳି ଙ୍କର ପ୍ରୋତ୍ସାହନ ପ୍ରତି ଅଗ୍ରାଧିକାର ଦେବାକୁ ସଂଯୋଜକ ଶ୍ରୀ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ଙ୍କୁ ଏହି ସ୍ମାରକ ପତ୍ର ରେ ନିବେଦନ ଜଣାଇଛନ୍ତି । ବ୍ୟାଡ଼ମୀଣ୍ଟନ କ୍ଲବ ସଂଯୋଜକ ଶ୍ରୀ ପାଣିଗ୍ରାହୀ ଏହି ଦାବିପତ୍ରରେ ଜଣାଇଛନ୍ତି ଯେ ‘ପେ ଏଣ୍ଡ ପ୍ଲେ ‘ ଆପ ରେ ଖେଳାଳି ଙ୍କ ଦ୍ୱାରା ଜମା କରୁଥିବା ଅର୍ଥ ରାଜ୍ୟ ଟ୍ରେଜେରି କୁ ଚାଲିଯିବ ଦ୍ୱାରା ସ୍ଥାନୀୟ ସ୍ତର ରେ କୌଣସି ସମସ୍ୟା ର ବି ସମାଧାନ ହୋଇପାରୁନାହିଁ । ଏହି ଇଣ୍ଡୋର ହଲ ରେ ଥିବା ଜେନେରେଟର ମଧ ମରାମତି ମଧ୍ୟ ହୋଇପାରୁନାହିଁ । ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କର ନେତୃତ୍ୱାଧୀନ କେନ୍ଦ୍ର ସରକାର ‘ଖେଲୋ ଇଣ୍ଡିଆ‘ ମାଧମ ରେ କ୍ରୀଡା ର ବିକାଶ ଓ ପ୍ରୋତ୍ସାହନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ଆମ ରାଜ୍ୟରେ ‘ ପେ ଏଣ୍ଡ ପ୍ଲେ ‘ ଆପ ମାଧ୍ୟମ ରେ ଖେଳାଳି ଙ୍କ ଠାରୁ ଏତେ ମାତ୍ରା ରେ ଅର୍ଥ ଆଦାୟ କାହିଁକି ? ତେଣୁ ଯଥାଶୀଘ୍ର ଏହି ‘ପେ ଏଣ୍ଡ ପ୍ଲେ ‘ ଆପ କୁ ପ୍ରତ୍ୟାହାର କରିବାକୁ ଶ୍ରୀ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ଙ୍କୁ ଦାବି ଜଣାଇଛନ୍ତି କ୍ଷ ଏହି ଦାବିପତ୍ରରେ ଶ୍ରୀ ପାଣିଗ୍ରାହୀ ଖେଳାଳୀଙ୍କ ସୁବିଧା ପାଇଁ ଏହି ଇଣ୍ଡୋର ହଲ କୁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରିବା ସହ ଏହି ଇଣ୍ଡୋର ହଲ ପରିସର ରେ ଏକ ଟେବୁଲ ଟେନିସ କୋର୍ଟ ର ବ୍ୟବସ୍ଥା କରିବା ସହ ପୁରୁଷ ଓ ମହିଳା ଙ୍କ ସୁବିଧା ପାଇଁ ପୃଥକ ଭାବରେ ଚେଞ୍ଜିଙ୍ଗ ରୁମ ନିର୍ମାଣ କରିବାକୁ ଦାବି ଜଣାଇଛନ୍ତି ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ

କେନ୍ଦ୍ରାପଡ଼ା, ୧୧/୦୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପ ରାମମନ୍ଦିର ପରିସରରେ ସଂଗଠନର ସଭାପତି ଡକ୍ଟର ଉପେନ୍ଦ୍ର ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ କରୁଣାକର ଦାସ ପୂର୍ବ ଅଧିବେସନର ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ଅଧାପକ ଅଜୟ ସାମଲ ଚଳିତ ବର୍ଷ ବର୍ଷାଋତୁରେ ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାନଙ୍କରେ ସଂଗଠନ ତରଫରୁ କରାଯାଇ ଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ନୂତନ ଭାବେ ଲିଲା ଦୁଲାରୀ ପ୍ରଧାନ ଏବଂ କେଦାର କୁମାର ସ୍ୱାଇଁ ଯୋଗ ଦେଇଥିବାରୁ ସେମାନଙ୍କୁ ସ୍ୱାଗତ କରାଯାଇ ଥିଲା । ପ୍ରକୃତିମିତ୍ର ଡଃ. ଦିଲ୍ଲୀପ କୁମାର ମିଶ୍ର ଏବଂ ନୃସିଂହ କୁମାର ତ୍ରିପାଠୀ ସାମ୍ପ୍ରତିକ ପରିସ୍ଥିତିରେ ପ୍ରକୃତିର ସୁରକ୍ଷା ପାଇଁ ବୃକ୍ଷରୋପଣର ଉପଯୋଗୀତା ଏବଂ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ସମାଜକୁ ଦିଗଦର୍ଶନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବା ଉପରେ ମତାମତ ରଖିଥିଲେ । ସଂଗଠନ ସଂପାଦକ ବୈଷ୍ଣବ ଚରଣ ସ୍ୱାଇଁ, କୋଷାଧକ୍ଷ ସୁରେଶ ଚନ୍ଦ୍ର ପଟ୍ଟନାୟକ, ଶ୍ରୀକାନ୍ତ ସାହୁ, ଅଜିତ ରାଉତ, ନେତ୍ରାନନ୍ଦ କର, ମଧୁସୁଦନ ବାରିକ, ପ୍ରସନ୍ନ କୁମାର ସାହାଣୀ, ଗୌରାଙ୍ଗ ଚରଣ ସାହୁ, ଅମୀୟ ନାୟକ, ଅକ୍ଷୟ କୁମାର ନାୟକ, ରବିନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସୁଭଦ୍ରା ଫର୍ମ ଓ ପଞ୍ଜିକରଣ ପାଇଁ ଅର୍ଥ ଦାବି କଲେ ହେବ ଦୃଢ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୧/୯ (ନି.ପ୍ର): ମହିଳାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାର ସୁଭଦ୍ରା ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନା ପାଇଁ ଓଡ଼ିଶାର ଘରେ ଘରେ ଉତ୍ସାହ ଦେଖିବାକୁ ମିଳିଛି । ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗର ଡାଟାବେସରୁ ମିଳୁଥିବା ତଥ୍ୟ ଅନୁଯାୟୀ ସମଗ୍ର ଓଡ଼ିଶାରେ ଆଜିସୁଦ୍ଧା ପନ୍ଦର ଲକ୍ଷରୁ ଅଧିକ ଫର୍ମ ପଞ୍ଜିକରଣ ହୋଇଛି । ଏହି ଯୋଜନା ଅନ୍ତର୍ଗତ ଆବେଦନ ଫର୍ମ ବିତରଣ ଓ ଅନଲାଇନ ପଞ୍ଜୀକରଣ କରିବା ପାଇଁ କୌଣସି ଦେୟ ଦେବାକୁ ପଡିବ ନାହିଁ । କିନ୍ତୁ କେତେକ ସ୍ଥାନରେ ଅଙ୍ଗନବାଡି କର୍ମୀ, ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରରେ ଉଭୟ ଫର୍ମ ପାଇଁ ଓ ଅନଲାଇନରେ ଫର୍ମ ଅପଲୋଡ କରିବା ପାଇଁ ୫୦ ରୁ ୨୦୦ ଟଙ୍କା ଅର୍ଥ ଦାବି କରୁଥିବା ସୂଚନା ମିଳୁଛି । ଯେକୌଣସି ସ୍ଥାନରେ ସୁଭଦ୍ରା ଫର୍ମ ପାଇଁ ଅର୍ଥ ଦାବି କରାଯାଉଥିଲେ, ସେଥି ନିମନ୍ତେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୂଚନାଯୋଗ୍ୟ, ଆବେଦନ ଫର୍ମ ବଂଟନରେ ଅବହେଳା ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ଜଣେ ଅଙ୍ଗନବାଡି କର୍ମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଏକ ମାସର ଦରମା ବନ୍ଦ କରା ଯାଇଛି । ସେହିଭଳି ଫର୍ମ ପଞ୍ଜିକରଣ ପାଇଁ ଅର୍ଥ ଦାବି କରିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶସ୍ଥିତ ଜନସେବା କେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଉକ୍ତ ଜନସେବା କେନ୍ଦ୍ରକୁ ସାମୟିକ ବନ୍ଦ କରି ଦିଆଯାଇଛି । ଏତଦଭିନ୍ନ ହେଲ୍ପଲାଇନ ନମ୍ବରକୁ ଆସିଥିବା ଏକ କଲ୍ କୁ ଆଧାର କରି କଟକ ଜିଲ୍ଲା ଆଠଗଡ଼ରେ ଏକ ମୋ ସେବା କେନ୍ଦ୍ରରେ ଫର୍ମ ବିକ୍ରି ଓ ପୂରଣ ବାବଦରେ ୧୦୦ ଟଙ୍କା ଅର୍ଥ ଦାବି ଅଭିଯୋଗ ବିରୋଧରେ କଟକ ମହାନଗର ନିଗମ ପକ୍ଷରୁ ଏତଲା ଦାଖଲ ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ସୁଭଦ୍ରା ଫର୍ମର ସମସ୍ତ ପ୍ରକ୍ରିୟା, ସ୍କାନିଂ ଓ ଅପଲୋଡ କରିବା ନିମନ୍ତେ ଜିଏସଟି ସହ ପ୍ରତି ଫର୍ମ ପାଇଁ ୧୫ ଟଙ୍କା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଉଦ୍ଦିଷ୍ଟ କେନ୍ଦ୍ରକୁ ପ୍ରଦାନ କରାଯାଉଛି । ତେଣୁ ଜନସାଧାରଣଙ୍କ ଅବଗତି ନିମନ୍ତେ ବିଭାଗ ପକ୍ଷରୁ ଜଣାଇ ଦିଆଯାଉଛି କି ଯେକୌଣସି କେନ୍ଦ୍ରରେ କେହି କର୍ମଚାରୀ କୌଣସି କାରଣ ଦର୍ଶାଇ ଅର୍ଥ ଦାବି କରିବା ଦୃଷ୍ଟିକୁ ଆସିଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ । ଉକ୍ତ କର୍ମଚାରୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ



ବାଲେଶ୍ୱର, ୧୧/୯ (ନି.ପ୍ର): ରସାଲପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଜୟଦେବ କସବା ହାଇସ୍କୁଲ ର ବିଜ୍ଞାନ ଶିକ୍ଷକ ସଂଜୟ କୁମାର ନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଉଦଘାଟନ କରିଥିଲେ।ନିଜ ବକ୍ତବ୍ୟରେ କୁନି ବୈଜ୍ଞାନିକ ମାନଙ୍କର ଭୁୟିୟସି ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥିଭାବେ ରସାଲପୁର ହାଇସ୍କୁଲ ର ବିଜ୍ଞାନ ଶିକ୍ଷୟିତ୍ରୀ ଶକ୍ତି ସାଧନା ରାଉତ ବିଜ୍ଞାନ ମେଳା ର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ସମାରୋପ କାର୍ଯ୍ୟକ୍ରମ ରେ ଜୟଦେବ କସବା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ନବକିଶୋର ବାରିକ୍, ଅବସରପ୍ରାପ୍ତ ସେନା ଅଧିକାରୀ ଶିବାଜୀ ଓ ସଂପାଦକ ଶମ୍ଭୁନାଥ ଯାଦବ ଅତିଥି ଭାବେ ଯୋଗଦାନ କରି ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତ ଅଧ୍ୟକ୍ଷତା କରିଥିବାବେଳେ ପ୍ରତିମା ଗୁରୁମା' ପ୍ରାରମ୍ଭିକ କଥା ରଖିଥିଲେ। ଜୟସ୍ମିତା ଗୁରୁମା' ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିନୀତା ଗୁରୁମା' ଧନ୍ୟବାଦ ଅର୍ପଣ କରିଥିଲେ। ମିତା ଗୁରୁମା' ପଞ୍ଚାଙ୍ଗ ବୋଲିଥିଲେ, ଶୁଭସ୍ମିତା ଗୁରୁମା' ଅମୃତ ବଚନ ପାଠ କରିଥିବା ବେଳେ ପ୍ରଜ୍ଞା ଭାରତୀ ଗୁରୁମା', ଶ୍ରଦ୍ଧାଞ୍ଜଳି ଗୁରୁମା', ମନୀଷା ଗୁରୁମା', ମମତା ଗୁରୁମା', ଝୁନୀ ଗୁରୁମା' ଓ ସେବୀକା ରଞ୍ଜୁଲତା ଆଚାର୍ଯ୍ୟ ପ୍ରମୁଖ ଜ୍ଞାନ-ବିଜ୍ଞାନ ମେଳାକୁ ପରିଚାଳନା କରିଥିଲେ। ଶିଶୁ ଭାଇ-ଭଉଣୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ ପ୍ରତିମା ଗୁରୁମା' ବିଜ୍ଞାନ ଭିତ୍ତିକ ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ। ଉପ-ଶିଶୁ ବିଭାଗ, ଶିଶୁ ବିଭାଗ ଓ ବାଲ୍ ବିଭାଗ ରୁ ୪୦ରୁ ଉର୍ଦ୍ଧ ପ୍ରକଳ୍ପ ସ୍ଥାନ ପାଇଥିଲା। କୁନି ବୈଜ୍ଞାନିକ ମାନଙ୍କ ମଧ୍ୟରୁ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ନିମନ୍ତେ ୯ଟି ପ୍ରକଳ୍ପକୁ ଶ୍ରେଷ୍ଠ ବିବେଚିତ କରାଯାଇଥିଲା।

# ବେଗୁନିଆ ବ୍ଲକ୍‌ରେ ୩ଗୋଟି ସୌର ଚାଳିତ ଶୀତଳ ଭଣ୍ଡାରର ଉଦ୍ଘାଟନ

ଖୋର୍ଦ୍ଧା, ୧୧/୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ବ୍ଲକ୍ ଅନ୍ତର୍ଗତ ହଜ,ସିକୋ ଓ ଶଗଡ ଭଙ୍ଗା ଗ୍ରା.ପ. ଠାରେ ୧୦ ମେଟ୍ରିକ୍ ଟନ୍ ୩ ଗୋଟି ସୋର ଚାଳିତ ଶିତଳଭଣ୍ଡାର ପ୍ରତିଷ୍ଠା ହୋଇଛି। ବେଗୁନିଆ ବ୍ଲକ୍ ରେ ହଜ,ସିଡକା ଖଡିପଦର ଓ ଶଗଡଭଙ୍ଗା ଅଞ୍ଚଳ ରେ ଧାନ,ମୁଗ ଓ ବିରି ଚାଷ ସହ ବିଭିନ୍ନ ପ୍ରକାରର ପନିପରିବା ଚାଷ ହୋଇଥାଏ। ଏଠାରେ ମୁଖ୍ୟତଃ ବାଇଗଣ, ଟମାଟୋ ଫୁଲ କୋବି ଇତ୍ୟାଦି ଚାଷ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଉଦ୍ୟାନ, କୃଷି ବିଭାଗ, ଖୋର୍ଦ୍ଧାଙ୍କ ତରଫରୁ ସ୍ଥାନୀୟ ସରପଞ୍ଚ ଓ ବିଡ଼ିଓଙ୍କ ସଯୋଗରେ ୪୫ଲକ୍ଷ(୪୫୦୦୦୦୦)ବ୍ୟୟ ଅଟକଳ ରେ ଉକ୍ତ ୩ ଗୋଟି ସୋର ଚାଳିତ ଶିତଳ ଭଣ୍ଡାର ନିର୍ମିତ ହୋଇଅଛି। ଏଥିପାଇଁ ଭାରତ ସରକାରଙ୍କର ଏମ.ଆଇ.ଡି.ଏଚ ଯୋଜନାରୁ ଟ୧୦,୫୦,୦୦୦ଙ୍କା ଓ ସ୍ଥାନୀୟ ଗ୍ରାମ ପଞ୍ଚାୟତ ପାଣ୍ଠି ରୁ ୪,୫୦,୦୦୦/-ଅନୁମୋଦନ ହୋଇଅଛି । ପୁର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମାନ୍ୟବର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଉଦଘାଟନ କରିଥିବାବେଳେ ମାନ୍ୟବର ବିଧାୟକ ବେଗୁନିଆ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ , ମୁଖ୍ୟ ଅତିଥି / ଖୋର୍ଦ୍ଧା ବିଧାୟକ, ପ୍ରଶାନ୍ତ କୁମାର ଜଗଦ୍ଦେବ,/ମାନ୍ୟବର ସାଂସଦ ,ଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ରଣବିଜୁଳି ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ହଜ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ/ ସମିତି ସଭ୍ୟ ଦିଲିପ ବଡ଼ଜେନା/ ସିକୋ ସରପଞ୍ଚ ସନ୍ତୋଷି ରାୟ / ସମିତି ସଭ୍ୟ ଅଞ୍ଜଳି ସାହୁ / ଶଗଡଭଙ୍ଗା ସରପଞ୍ଚ ଲିଳା ସ୍ୱାଇଁ/ ସମିତି ସଭ୍ୟ ଦୁର୍ଗା ଚରଣ ମଙ୍ଗରାଜ / ୨୪ ନମ୍ବର ଜୋନ୍ ର ଜିଲ୍ଲା ପରିଷଦ ସଭ୍ୟା ତନୁଜା ?ପାଟଶାଣୀ/ ବେଗୁନିଆ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି/ ଉପଧ୍ୟକ୍ଷା ସାବିତ୍ରୀ ମହାପାତ୍ର / ବିଡିଓ, ବେଗୁନିଆ ଲକ୍ଷ୍ମୀଧର ସାହୁ/ ଖୋର୍ଦ୍ଧା ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ସ୍ମିତା ମହାନ୍ତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପ ଗୁଡ଼ିକ ସ୍ଥାନୀୟ ଚାଷୀ ମାନଙ୍କର ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକୁ ସଂରକ୍ଷିତ ନେଇ ଉଚିତ ବଜାର ଦରରେ ବିକ୍ରୀ ପାଇଁ ସହାୟକ ହ୍ୱେ ସହ ଆଗାମୀ ଦିନରେ ଏହି ଅଞ୍ଚଳରେ ଅଧିକ ପରିବା ଚାଷ କରାଯିବା ପାଇଁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ର ଲହରୀ ଖେଳିଯାଇଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଆସିଲା ସିଏଜି ...

ଏସ୍ ସି/ଏସ୍‌ଟି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତି ଟଙ୍କା ହଡ଼ପ୍ କରାଯାଇଛି। ଜିଲ୍ଲା କଲ୍ୟାଣ ଅଧିକାରୀ ଯାଞ୍ଚ ନକରିବାରୁ ୯୭.୩୨ ଲକ୍ଷ ଟଙ୍କା ହଡ଼ପ୍ ହୋଇଥିବା ଦର୍ଶାଯାଇଛି ସିଏଜି ରିପୋର୍ଟରେ। ନକଲି ଆୟ ପ୍ରମାଣପତ୍ର ଦେଖାଇ ବୃତ୍ତି ଟଙ୍କା ନେଇଗଲେ ୪୮ ପିଲା। ଅନୁବନ୍ଧିତ ହୋଇନଥିବା କିଛି ଶିକ୍ଷାନୁଷ୍ଠାନ ବି ନେଇଯାଇଥିଲେ ବୃତ୍ତି ଟଙ୍କା। ୩୮ଟି ଶିକ୍ଷାନୁଷ୍ଠାନର ୫୬୬୦ ପିଲାଙ୍କୁ ବେଆଇନ ଭାବେ ୧୮ କୋଟି ଦିଆଯାଇଥିବା ସିଏଜି ଦର୍ଶାଇଛନ୍ତି ରିପୋର୍ଟରେ। ଅପରପକ୍ଷେ ସମବାୟ ବିଭାଗର ଭ୍ରାମ୍ୟମାଣ ଏଟିଏମ୍‌ରେ ହୋଇଛି ବଡ଼ ଘୋଟାଲା । କାର୍ଯ୍ୟକ୍ଷମ ହୋଇନପାରିବାରୁ ଏଟିଏମ୍ ପାଇଁ ପାଣିରେ ପଡ଼ିଛି ୮ କୋଟି ଟଙ୍କା । ୨୦୧୬ରୁ ୨୦ ମଧ୍ୟରେ ସମବାୟ ବିଭାଗ କିଣିଥିଲା ୨୦ଟି ଏଟିଏମ୍ । ୨୦ଟି ଭ୍ରାମ୍ୟମାଣ ଏଟିଏମ୍ ପାଇଁ ଖର୍ଚ୍ଚ ହୋଇଥିଲା ୨୦ କୋଟି ୬୯ ଲକ୍ଷ । ଇଣ୍ଟରନେଟ୍ ସମସ୍ୟା ଓ କର୍ମଚାରୀ ନିୟୋଜନ ଅଭାବରୁ ଏଟିଏମ୍ ସବୁ ଠପ୍ ହୋଇଯାଇଛି । କିଣା ଯାଇଥିବା ଏଟିଏମ୍ କାମରେ ନଲାଗିବାରୁ ୮ କୋଟି ୬୯ ଲକ୍ଷ ଗୋଲ୍ ହୋଇଯାଇଛି ।

### ଭିଜିଲାନ୍ସ ଜାଲରେ...

ଏକ ଦୁଇ ମହଲା କୋଠା ରହିଛି, ଯାହା ତାଙ୍କର ପୈତୃକ ଘର। ଏହା ବ୍ୟତୀତ ବ୍ରହ୍ମପୁରରେ ତାଙ୍କର ଗୋଟିଏ ପ୍ଲଟ ଥିବା ବେଳେ ଭଞ୍ଜନଗର ଆଖପାଖରେ ୪ଟି ପ୍ଲଟ ଅଛି। ସହକାରୀ ଯନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କର ଏହି ସବୁ ଘର ଓ ପ୍ଲଟଗୁଡ଼ିକର ମାପଚୁପ ଏବଂ ମୂଲ୍ୟାୟନ କାର୍ଯ୍ୟ ଜାରି ରଖିଛି ଭିଜିଲାନ୍ସର ବୈଷୟିକ ଟିମ୍। ତେଣୁ ପରେ ଏଗୁଡ଼ିକର ପ୍ରକୃତ ମୂଲ୍ୟ ଜଣାପଡ଼ିବ। ତାଙ୍କର ବ୍ୟାଙ୍କ ଜମା ଓ ଅନ୍ୟାନ୍ୟ ନିବେଶ ନେଇ ଭିଜିଲାନ୍ସ ପକ୍ଷରୁ ଖୋଳତାଡ଼ ଚାଲିଛି। ତାଙ୍କର ୨ଟି ଦୁଇ ଚକିଆ ଯାନ ଅଛି। ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଥିବା ବେଳେ ଆଗକୁ ଇଞ୍ଜିନିୟର ଶ୍ରୀ ସ୍ୱାଇଁଙ୍କର ଆହୁରି ସଂପତ୍ତି ସାମ୍ନାକୁ ଆସିବ ବୋଲି କୁହାଯାଉଛି। ୭ ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୫ ଜଣ ଇନ୍ସପେକ୍ଟର/ଏଏସ୍‌ଆଇ ଓ ଅନ୍ୟ ସପୋର୍ଟ ଷ୍ଟାଫ୍ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି।

### 'ଶିଖ' ବୟାନ ପାଇଁ ରାହୁଲ...

ଏପରି ବୟାନକୁ ବିଜେପି ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ବିଦେଶରେ ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ମତ ରଖିବା ଅତ୍ୟନ୍ତ ବିପଦଜନକ ପ୍ରଚାର ବୋଲି ବିଜେପି କହିଥିଲା। ଏସବୁ ଭିତରେ ଆଜି ରାହୁଲ ଗାନ୍ଧିଙ୍କ ବାସଭବନ ଆଗରେ ବିଜେପି ସମର୍ଥିତ ଶିଖ ସଂଗଠନ ବିକ୍ଷୋଭ କରିଛି। ରାହୁଲ ଗାନ୍ଧି ବିଦେଶରେ କାହିଁକି ଶିଖମାନଙ୍କୁ ଅପମାନିତ କଲେ ରାହୁଲ ଗାନ୍ଧି ମୁର୍ଦ୍ଦାବାଦ ନାରା ଦେଇ ସେମାନେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଆୟୁଷ୍ମାନ ଭାରତକୁ ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟରେ ଏପରି ନିଷ୍ପତ୍ତି ହୋଇଛି। କେନ୍ଦ୍ର ସରକାର ଗୋଟିଏ ବିବୃତିରେ କହିଛନ୍ତି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏବିପିଏମ-ଜେଏୱାଇ) ୪.୫ କୋଟି ପରିବାରକୁ ଫାଇଦା ଦେବେ। ଏହି ପରିବାରରେ ଥିବା ୬ କୋଟି ବରିଷ୍ଠ ନାଗରିକ ଲାଭବାନ ହେବେ। ୫ ଲକ୍ଷ ଟଙ୍କା ଲେଖାଏ ଯାଏ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ। ଯେଉଁମାନଙ୍କ ବୟସ ୭୦ କିମ୍ବା ତା' ଠାରୁ ଅଧିକ ଓ ସେମାନଙ୍କ ପରିବାର ଆୟୁଷ୍ମାନ ଭାରତ ଯୋଜନାରେ ପୂର୍ବରୁ ହିଁ ସାମିଲ ଅଛନ୍ତି, ସେମାନଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ମାଗଣା ଚିକିତ୍ସା ପାଇଁ ଟପ ଅପ ମିଳିବ। ଏହି ଟପ ଅପ ଅର୍ଥ କେବଳ ୭୦ ବର୍ଷ କିମ୍ବା ତା' ଠାରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ ଖର୍ଚ୍ଚ କରାଯାଇପାରିବ। ଏହି ଅର୍ଥ ପରିବାରର ଅନ୍ୟ ୭୦ ବର୍ଷରୁ କମ ବୟସ୍କଙ୍କ ପାଇଁ ଖର୍ଚ୍ଚ କରାଯାଇ ପାରିବ ନାହିଁ। କେନ୍ଦ୍ର ସରକାର ଆହୁରି କହିଛନ୍ତି ଯେ ୭୦ ବର୍ଷ କିମ୍ବା ତା' ଠାରୁ ଅଧିକ ବୟସ୍କ ବ୍ୟକ୍ତି ଯେଉଁମାନେ ଘରୋଇ ସ୍ୱାସ୍ଥ୍ୟ ବୀମା କିମ୍ବା ରାଜ୍ୟ ବୀମା ସ୍କିମ ଅଧୀନରେ ରହିଛନ୍ତି, ସେମାନେ ମଧ୍ୟ ଆୟୁଷ୍ମାନ ଭାରତ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଦେଶର ୨୮, ୩୫୧ ହସ୍‌ପିଟାଲ ପଞ୍ଜୀକୃତ ହୋଇଛି। ସେଥିରେ ୧୨,୮୨୪ ଘରୋଇ ହସ୍‌ପିଟାଲ ରହିଛନ୍ତି। ୨୦୨୨-୨୩ ବର୍ଷରେ ପ୍ରାୟ ୫୬% ରୋଗୀଙ୍କ ଆଡମିଶନ ଘରୋଇ ହସ୍‌ପିଟାଲ ହୋଇଥିବାବେଳେ ୪୪%ଙ୍କ ଚିକିତ୍ସା ସରକାରୀ ହସ୍‌ପିଟାଲରେ ହୋଇଛି। ଆୟୁଷ୍ମାନ ଭାରତ ହିତାଧିକାରୀଙ୍କୁ ୨୭ପ୍ରକାର ରୋଗରେ ମୋଟ ୧୯୪୯ ପଦ୍ଧତିରେ ଚିକିତ୍ସା ସୁବିଧା ମିଳୁଛି। ହିତାଧିକାରୀ କ୍ୟାନସର, ଜରୁରୀ ଚିକିତ୍ସା ଓ ଯତ୍ନ, ଅସ୍ଥିଶଲ୍ୟ, ମୂତ୍ରରୋଗ ଓ ବୃକକ୍ ସଂକ୍ରାନ୍ତ ବ୍ୟାଧିର ଚିକିତ୍ସା ସେବା ମାଗଣାରେ କରିପାରୁଛନ୍ତି। ଏହି ଯୋଜନାରେ ଲିଙ୍ଗଗତ ସମାନତା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଏବେ ଆୟୁଷ୍ମାନ କାର୍ଡଧାରୀଙ୍କ ମଧ୍ୟରେ ୪୯ ପ୍ରତିଶତ ମହିଳା। ସେହିଭଳି ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହେବାରେ ମହିଳାଙ୍କ ସଂଖ୍ୟା ୪୮%। ମହିଳାଙ୍କ ପାଇଁ ଏହି ଯୋଜନାରେ ୧୪୧ପ୍ରକାର ଚିକିତ୍ସା ସୁବିଧା ଉପଲବ୍ଧ ହେଉଛି।

### ଜେଲରୁ ବାହାରିଲେ...

ମୋଦିଙ୍କ 'ନୂଆ କଶ୍ମୀର' ପ୍ରଚାର ବିରୋଧରେ ସେ ଲଢ଼େଇ କରିବେ ବୋଲି କହିଛନ୍ତି। ସେପ୍ଟେମ୍ବର ୧୮ରୁ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଆରମ୍ଭ ହେବା ପୂର୍ବରୁ ରଶିଦ ମୁକୁଳିଛନ୍ତି। ସେ ନିର୍ବାଚନ ପାଇଁ ପ୍ରଚାର ମଧ କରିବେ। ସେ କହିଛନ୍ତି, "ଜେଲରେ ୫.୫ ବର୍ଷ ରହିବା ପରେ ମୁଁ ନିଜକୁ ଅଧିକ ସଶକ୍ତିଶାଳୀ କରିଛି ଓ ମୋ ଲୋକଙ୍କ ପାଇଁ ମୁଁ ଗର୍ବିତ। ମୁଁ ପ୍ରତିଜ୍ଞା କରୁଛି ଯେ ମୋ ଲୋକଙ୍କ ମୁଣ୍ଡ କେବେ ହେଲେ ତଳକୁ ହେବନି। ମୁଁ ପ୍ରତିଜ୍ଞା କରୁଛି ଯେ ମୋଦି ପ୍ରଚାର କରୁଥିବା ନୂଆ କଶ୍ମୀର ବିରୋଧରେ ଲଢ଼େଇ କରିବି। ୨୦୧୯ ଅଗଷ୍ଟ ୫ରେ ସେ ଯାହା ବି କରିଥିଲେ, ତା'କୁ ଲୋକମାନେ ଅଗ୍ରାହ୍ୟ କରି ଦେଇଛନ୍ତି।" ୨୦୧୯ରୁ ଜେଲରେ ଥିବା ରଶିଦଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା ଗିରଫ କରିଥିଲା। ୨୦୧୭ ମସିହା ଟେରର ଫଣ୍ଡିଂ ମାମଲାରେ ସେ ଗିରଫ ହୋଇଥିଲେ। ତାଙ୍କ ବିରୋଧରେ ୟୁଏପିଏ ବଳରେ ମାମଲା ହୋଇଥିଲା। ୨୦୨୪ ଲୋକସଭା ନିର୍ବାଚନ ସେ ଜେଲରେ ଥାଇ ବାରମୁଲ୍ଲାରୁ ଲଢ଼େଇ କରିଥିଲେ।

### ସାବଧାନ: ଠକୁଛନ୍ତି ସୁନା ...

ଟଙ୍କାର ଫାଇନ୍। ସର୍ବାଧିକ ଠକେଇ ହୋଇଛି ଖୋର୍ଦ୍ଧା, କଟକ ଓ ଗଞ୍ଜାମ ଜିଲ୍ଲାରେ। ବିଧାନସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତରରେ ଏଭଳି ତଥ୍ୟ ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସୁନା ଦୋକାନରେ ଅନିୟମିତତା ଅଭିଯୋଗରେ ଗତବର୍ଷ ମଧ୍ୟ ୮ ହଜାର ୪୬୯ଟି ଚଢାଉ ହୋଇଥିଲା। ସେଥିରୁ ୪୯୫ଟି ଅନିୟମିତତା ମାମଲା ସାମ୍ନାକୁ ଆସିଥିଲା। ସେମାନଙ୍କଠୁ ୧୫ ଲକ୍ଷ ୩୦ ହଜାର ଟଙ୍କା ଫାଇନ୍ ଆଦାୟ ହୋଇଛି। ସୁନା ଦୋକାନରେ କେମିତି ହେଉଛି ଠକେଇ ? ଏ ସଂପର୍କରେ କେମିତି ସଚେତନ ହେବେ ଗ୍ରାହକ ? ପୂର୍ବରୁ ଛୋଟ ନିକିତିରେ ଓଜନ ହେଉଥିଲା, ଏବେ ଡିଜିଟାଲ ମେସିନ୍। ସବୁ ସୁନାରେ ପ୍ରାୟତଃ ଇଓଝ ହଲମାର୍କର ଚିହ୍ନ। ତଥାପି ଠକେଇର ଶିକାର ହେଉଛନ୍ତି ଗ୍ରାହକ। ଆଇନଜୀବୀ କହିଛନ୍ତି, ବିନା ହଲମାର୍କରେ ସୁନା ବିକ୍ରି କରିବା ଦଣ୍ଡନୀୟ ଅପରାଧ। ସରକାରଙ୍କ ପକ୍ଷରୁ ଏନେଇ ରୀତିମତ ଯାଂଚ୍ ର ଆବଶ୍ୟକତା ରହିଛି। ଯଦି କୌଣସି ଗ୍ରାହକ ଠକେଇର ଶୀକାର ହେଉଛନ୍ତି ତେବେ ସେ ଖାଉଟି ଅଦାଲତର ଆଶ୍ରୟ ନେଇପାରିବେ। ଯଦ୍ୱାରା ଗ୍ରାହକ ଶହେ ପ୍ରତିଶତ କ୍ଷତିପୂରଣ ପାଇପାରିବେ।

# ବଣିଆପୋଷି ନାଳରେ ଭାସିଯାଇ ବୃଦ୍ଧ ମୃତ



କପ୍ତିପଦା, ୧୧/୯ (ନି.ପ୍ର): କପ୍ତିପଦା ଥାନା ଅନ୍ତର୍ଗତ ଗେଣ୍ଡାଗଡିଆ ଗ୍ରାମର ଜୈନିକ ବୃଦ୍ଧ ନାଳରେ ଭାସିଯାଇ ମୃତ୍ୟୁବରଣ କରିଥିବାର ଜଣାପଡିଛି । ଖବରରୁ ପ୍ରକାଶ ଗ୍ରାମର ସୁରେନ୍ଦ୍ର ଖିଲାର(୮୦) ନିଜର ଛେଳିମାନଙ୍କୁ ଚରାଇବାକୁ ସକାଳ ଆଠ ଘଟିକା ସମୟରେ ଗ୍ରାମର ଅପରପାର୍ଶ୍ୱକୁ ଯାଇଥିଲେ । ତେବେ ସଂନ୍ଧ୍ୟା ସୁଦ୍ଧା ସେ ଘରକୁ ନଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ଖୋଜାଖୋଜି କରିଥିଲେ ।ତେବେ ବଣିଆପୋଷୀ ନାଳରେ ଭାସିଯାଇଥିବାର ସନ୍ଦେହ କରି କପ୍ତିପଦା ଦମକଳବାହିନୀକୁ ପରିବାର ଲୋକେ ଖବର ଦେଇଥିଲେ । ଦମକଳ ବାହିନୀ ଆସି ଖୋଜାଖୋଜି କରି ନାଳରୁ ବୃଦ୍ଧ ସୁରେନ୍ଦ୍ରଙ୍କ ଶବକୁ ଉଦ୍ଧାର କରିଥିଲା । ଖବର ପାଇ କପ୍ତିପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ୍ କରି ବ୍ୟବଚ୍ଛେଦ ପାଇଂ ଉଦଲା ପଠାଇଛି ।

# କବୀ ଯଶୋଧାରାଙ୍କ ଇଂରାଜୀ କବିତାଗ୍ରନ୍ଥ କ୍ରାଉନ୍ ଅଫ୍ ମେମୋରିଜ୍‌ର ଭବ୍ୟ ଲୋକାର୍ପଣ




ବାଲେଶ୍ୱର, ୧୧/୯ (ନି.ପ୍ର): ପବିତ୍ର ଶ୍ରୀଗଣେଶଙ୍କ ପୂଜାବସରରେ ସ୍ଥାନୀୟ ଷ୍ଟେସନକ୍ଲବ୍ ସଭାଗୃହରେ କବୟିତ୍ରୀ ଯଶୋଧାରାଙ୍କ କବିତାଗ୍ରନ୍ଥ 'କ୍ରାଉନ୍ ଅଫ୍ ମେମୋରିଜ୍' - ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । 'ଚନ୍ଦ୍ରଭାଗା' ପ୍ରକାଶନୀ ଆନୁକୂଲ୍ୟରେ ବିଶିଷ୍ଟ କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ଏହି 'ଅଭିନବ କବିତା ଅନ୍ତଃସ୍ୱର' ଇଣ୍ଟରଫେସ୍ ଅବକାଶରେ ସୃଜନାଂଜଳିର ନବପ୍ରତିଭା ଅର୍ଚ୍ଚିଶା ପାଣିଗ୍ରାହୀଙ୍କ ଆବାହନୀ-ପରିଚିତିରେ କବି-କଥାକାର କୃଷ୍ଣକୁମାର ମହାନ୍ତି, ଇଂରାଜୀ ସାହିତ୍ୟର ଗବେଷକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପାତ୍ର, ସ୍କଲାର-ଗବେଷକ ଡ. ଶ୍ରୀମୟ ଦାସଅଧିକାରୀ, ଓଡ଼ିଶାର ଅନାମ କବିତା ଆନ୍ଦୋଳନର ଅନ୍ୟତମ ସୂତ୍ରଧର କବି ମନୁ ଦାଶ ଏହି ଅପୂର୍ବ ସନ୍ଧ୍ୟାକୁ କବିତାର କାବ୍ୟିକ ଉଚ୍ଛ୍ୱାସ ସମ୍ବନ୍ଧିତ ଏକ ଗମ୍ଭୀର ଭାବାବେଗ ସୃଷ୍ଟି କରି ଶତାଧିକ ଶ୍ରୋତା-ସାରସ୍ୱତ ଅନୁଗ୍ରାହୀମାନଙ୍କୁ ବିମୋହିତ କରିଥିଲେ।

ଶ୍ରୀମତୀ ଯଶୋଧାରା ସଂପୂର୍ଣ୍ଣ ନିଟୋଳ କାବ୍ୟପଣରେ 'କ୍ରାଉନ୍ ଅଫ୍ ମେମୋରିସ୍' ସମସ୍ତ ପୃଷ୍ଠାକୁ ଆନ୍ତରିକପଣରେ କିପରି ମନ୍ତ୍ରମୁଗ୍ଧ କରିପାରିଛନ୍ତି ବୋଲି ପ୍ରାୟ ଅତିଥିବୃନ୍ଦ କାବ୍ୟସ୍ରଷ୍ଟାଙ୍କ ଭୂୟସୀ ପ୍ରଶଂସା କରିଥିଲେ।

ଏହି ବିରଳ ସନ୍ଧ୍ୟାରେ 'ଚନ୍ଦ୍ରଭାଗା' ସହ ସହଭାଗୀ ଚିତ୍ରଶିଳ୍ପୀ ଡକ୍ଟର ଦୀନାନାଥ ପାଠୀଙ୍କ ସୁପୁତ୍ର ଚିତ୍ରଶିଳ୍ପୀ/ଗବେଷକ ଡ. ସୌଭାଗ୍ୟ ପାଠୀଙ୍କ ଅକାଳ ବିୟୋଗ କାରଣରେ ତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଏକ ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

ପ୍ରଖ୍ୟାତ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କୁ 'କ୍ରାଉନ୍ ଅଫ୍ ମେମୋରିଜକ୍ର କାବ୍ୟଗ୍ରନ୍ଥର ରୋଚକ ପ୍ରଚ୍ଛଦପଟ ରେଖାଚିତ୍ରର ପରାକାଷ୍ଠା ପାଇଁ ଆନୁଷ୍ଠାନିକ ସମ୍ବର୍ଦ୍ଧନାରେ ଭୂଷିତ କରାଯାଇଥିଲା। ସର୍ବଶେଷରେ କବୀ ଯଶୋଧାରାଙ୍କୁ ଶୁଭେଚ୍ଛା ପ୍ରଦାନପୂର୍ବକ ଉପସ୍ଥିତ ଅତିଥିଶ୍ରୋତାଙ୍କୁ ଧନ୍ୟବାଦ ଜଣାଇବା ସଂଗେସଂଗେ ନୈଶଭୋଜୀର ଆୟୋଜନ କରାଯାଇଥିଲା।

# ହାତିଆଡ଼ିହା ଶିବମୁନି ଯୋଗାଶ୍ରମରେ ବ୍ରହ୍ମଯଜ୍ଞ



ରୂପସା , ୧୧/୯ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମା ନନ୍ଦ ମୁନିଙ୍କ ୭୬ତମ ଶୁଭ ଜନ୍ମ ଦିନ ଓ ବ୍ରହ୍ମଯଜ୍ଞ, ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଙ୍କ ସଭାପତି ତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। କଣ୍ଠଶିଳ୍ପୀ ଯୋଗ ଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ଜନ୍ମ ଦିନ ସଙ୍ଗୀତ ଗାନ କରିଥିଲେ। ମଞ୍ଚାସୀନ ଥିଲେ, କନକଲତା ମହାପାତ୍ର, ବିମଳାଲେଙ୍କା, ବାସନ୍ତୀ ମହାଲିକ୍, ସୁମତୀ ଦଳାଇ ପ୍ରମୁଖ। ପ୍ରଥମେ ସମୂହ ପ୍ରଣବ, ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ଆଶିର୍ବଚନ ପ୍ରଦାନ କରାଯାଇଥିଲା। ଉପସ୍ଥିତଥିଲେ, ମେଘମାଳା ଜେନା।, ଜାହ୍ନବୀ ଗିରି, ମୁନି ଧୀରୋଜ ବିଶ୍ୱାଳ, ଚିତ୍ତରଞ୍ଜନ ବର, ମୁନି କୁମାର ପାପସ, ମୁନି କୁମାରୀ ମିନତୀ ଦଳାଇ ପ୍ରମୁଖ । ଉପସ୍ଥିତ ସମସ୍ତେ ବରିଷ୍ଠ ଯୋଗୀ ପରମାନନ୍ଦ ମୁନିଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ଶୁଭକାମନା କରିଥିଲେ। ସୁସ୍ଥ ମାନବ ଜୀବନ ପାଇଁ ଯୋଗର ଭୂମିକା ଉପରେ ଆଲୋକପାତ କରାଯାଇଥିଲା । ଶେଷରେ ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଅନ୍ୟବାଦ ପ୍ରଦାନ କରିଥିଲେ।

# ବିଶ୍ୱ ବନ ସହିଦ ଦିବସ ପାଳିତ

ପଟ୍ଟାମୁଣ୍ଡାଇ , ୧୧/୯ (ନି.ପ୍ର): ବିଶ୍ୱ ବନ ସହିଦ ଦିବସ ପାଳନ ଅବସରରେ ଆଜି ଲୁଣା ଜଙ୍ଗଲ ବନଖଣ୍ଡ , ରାଜନଗର ତରଫରୁ କନିକା ରେଞ୍ଜ କାର୍ଯ୍ୟାଳୟ ଠାରେ ଜଙ୍ଗଲ ସୁରକ୍ଷାରେ ନିୟୋଜିତ ହୋଇଥିବା ବନ କର୍ମଚାରୀ ଙ୍କ ବଳିଦାନ ତଥା ନିଜ ଜୀବନକୁ ଉତ୍ସର୍ଗ କରି ଅମର ହୋଇ ଚିର ସ୍ମରଣୀୟ ଆତ୍ମାକୁ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ରାଜନଗର ସହକାରୀ ବନ ସଂରକ୍ଷକ ପୁନମ ହୀରା ହାଁସଦା ମାଲ୍ୟାର୍ପଣ କରି ଅମର ଆତ୍ମାର ସଦଗତି କାମନା କରିବା ସହିତ ଉପସ୍ଥିତ ପରିବାର ଲୋକଙ୍କୁ ସାଲ୍ ଦେଇ ସମ୍ବର୍ଦ୍ଧନା ଓ ସମବେଦନା ଜଣାଇଥିଲେ।

# ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ

ଜୟପୁର , ୧୧/୯ (ନି.ପ୍ର): ସୁଭଦ୍ରା ସଚେତନତା ରଥ ଆଜି ଦିନ ୧୧ ଟାରେ ଶୁଭାରମ୍ଭ ହୋଇଛି । ଜୟପୁର ଓଏସଆରଟିସି ବସଷ୍ଟାଣ୍ଡ ନିକଟ ଗୋବର୍ଦ୍ଧନ ପାର୍କିଂ ସ୍ଥାନ ରେ ଶୁଭାରମ୍ଭ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ପୌର ପାଳିକା ଦ୍ୱାରା ଆୟୋଜିତ କାଯ୍ୟକ୍ରମରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ବି. ସୁନିତା, ସିଡିପିଓ କାଂଚନ ପଣ୍ଡା ,ଏସଡିପିଆରଓ ଯୋଶଦା ଗାଦବା, କାଉନିସିଲର ଙ୍କ ସହ ଅଙ୍ଗନବାଡୀ କର୍ମି, ପୌର କର୍ମଚାରି ପ୍ରମୁଖ ଉପସ୍ଥିତ ଥିଲେ । ଏହି ରଥ ଜୟପୁର ପୌରାଂଚଳରେ ଆଜି ଠାରୁ ଦୁଇ ଦିନ ୧୧ ଓ ୧୨ ତାରିଖ ପ୍ରତ୍ୟେକ ସାହିରେ ବୁଲି ସଚେତନ କରିବ । ଏହି ରଥ ମାଧ୍ୟମରେ ସୁଭଦ୍ରା ଯୋଜନା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଯିବ । ମହିଳା ମାନଙ୍କୁ ସବାଙ୍ଗିନ ଉନ୍ନତି କରିବା ଲାଗି ରାଜ୍ୟ ସରକାର ଏହି ନୂଆ ଯୋଜନା ପ୍ରଣୟ କରିଛନ୍ତି ।

# ବାଲ ଗଣେଶଙ୍କ ପୂଜା ଧୁମ୍‌ଧାମରେ ପାଳିତ




ବାସୁଦେବପୁର, ୧୧/୯ (ନି.ପ୍ର): ସ୍ଥାନୀୟ ମୁଖ୍ୟ ବଜାର ପଛ ଏଗାର ନମ୍ବର୍ ୱାର୍ଡ ରେ ବାଲ ଗଣେଶ ପୂଜା କମିଟି ପକ୍ଷରୁ ପ୍ରଭୁ ଗଣେଶ ଙ୍କ ପୂଜା ଧୁମ୍ ଧାମରେ ପାଳନ ହୋଇ ଯାଇଛି। ପୂଜା କମିଟି ପକ୍ଷରୁ ପ୍ରଭୁ ଗଣେଶ ଙ୍କ ଏକ ବିଶାଳ ମୂର୍ତ୍ତି ରେ ପୂଜା କରା ଯାଇଛି। ଏହି ଅବସର ରେ ଚାରି ଦିନ ଧରି ସାଂସ୍କୃତିକ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଯାଇଛି। ଏକ ନିଆରା କାର୍ଯ୍ୟ କର୍ମ ରେ ବାସୁଦେବପୁର ବ୍ଲକ ରୁ ସଙ୍ଗୀତ ନୃତ୍ୟ ପ୍ରତିଯୋଗିତା ପାଇଁ ସିନିୟର୍ ଓ ଜୁନିୟର ପିଲା ମାନଙ୍କୁ ନେଇ ପ୍ରତିଯୋଗିତା କରାଯାଇ ସମସ୍ତ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହ ଉପହାର ପ୍ରଦାନ କରାଯିବ ସହ ପ୍ରଥମ ଦ୍ୱିତୀୟ ତୃତୀୟ ହୋଇ ଥିବା ପ୍ରତିଯୋଗୀ ଙ୍କୁ ମାନ ପତ୍ର ସହ ଆର୍ଥିକ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସର ରେ ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ମୁକ୍ତି କାନ୍ତ ମଣ୍ଡଳ, ସମାଜସେବୀ ସୁରେଶ ଚନ୍ଦ୍ର ମହାନ୍ତି,ସରପଂଚ ସୁବାସ ସନ୍ଧି ବିଗ୍ରହ, ଯୁବ ସମାଜସେବୀ ସିଦ୍ଧାନ୍ତ ଦାସ, ଯୋଗ ଦେଇଥିଲେ। ଅଧ୍ୟାପକ ରାଜ କିଶୋର ରାୟ ମଞ୍ଚ ସଂଯୋଜନା କରିଥିବା ବେଳେ ଆଲେଖ ପରିଡ଼ା ସାଂସ୍କୃତିକ କାର୍ଯ୍ୟ କର୍ମ ରେ ଅନୁଷ୍ଠିତ ପ୍ରତିଯୋଗିତା କୁ ପରିଚାଳନା କରିଥିଲେ। ବାଲ ଗଣେଶ ପୂଜା କମିଟି ପକ୍ଷରୁ କୃଷ୍ଣ ଚନ୍ଦ୍ର ମହାକୁଡ, ରାଜେଶ୍ ମହାନ୍ତି, ରାଜା ରାମ ମଣ୍ଡଳ, ସନ୍ଦୀପ, ବାପୁନୁ ଖଟୁଆ, ରତନ ସାହୁ, ପ୍ରଶାନ୍ତ ସାହୁ, ଗୋବିନ୍ଦ ପାଢ଼ୀ, ପିଣ୍ଟୁ ଦାସ, ଅବନୀ ମଣ୍ଡଳ,ବଳରାମ ନାୟକ ଙ୍କ ସହ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ସଫଳ କରାଇ ଥିଲେ।

# ଇସ୍ପାତ କାରଖାନାର ଆଗାମୀ ସମ୍ପ୍ରସାରଣ ପାଇଁ ସମସ୍ତ ସହଯୋଗର ପ୍ରତିଶ୍ରୁତି ପ୍ରଦାନ ପାଇଁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠାରେ ଆମେ ଅଶେଷ କୃତଜ୍ଞ: ଅତନୁ ଭୌମିକ

ରାଉରକେଲା, ୧୧/୯ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଆଗାମୀ ସମ୍ପ୍ରସାରଣ ପାଇଁ ସମସ୍ତ ସହଯୋଗର ପ୍ରତିଶ୍ରୁତି ପ୍ରଦାନ ପାଇଁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଠାରେ ଆମେ ଅଶେଷ କୃତଜ୍ଞ," ବୋଲି ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ସେପ୍ଟେମ୍ବର ୧୧ ତାରିଖରେ ଇଣ୍ଡୋ ଜର୍ମାନ କ୍ଲବରେ ଆରଏସପି ଦ୍ୱାରା ଆୟୋଜିତ ଗଣମାଧ୍ୟମ କର୍ମଶାଳାରେ ଉଲ୍ଲେଖ କରିଛନ୍ତି। କର୍ମଶାଳାର ବିଷୟବସ୍ତୁ ଥିଲା "ଆରଏସପି: ଆଜି ଏବଂ ଆସନ୍ତାକାଲି – ପ୍ରଗତିର ସହଯାତ୍ରୀ ଗଣମାଧ୍ୟମ" । ବିଭିନ୍ନ ମିଡିଆ ହାଉସର ପ୍ରାୟ ୧୦୦ଜଣ ପ୍ରତିନିଧି ଏହି କାର ?ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ସିଜିଏମ ଇନ ଚାର୍ଜ ଆଇରନ ତଥା ଆକ୍ଟିଂ ଇଡ଼ି ୱାର୍କ୍ସ ଶ୍ରୀ ବି ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଡକ୍ଟର ପି କେ ମହାପାତ୍ର ମଞ୍ଚାସୀନ ଥିଲେ। ଶ୍ରୀ ଭୌମିକ ଏହା ଉପରେ ଅଧିକ ବିସ୍ତୃତ ଭାବରେ ଉଲ୍ଲେଖ କରି କାର୍ଯ୍ୟାନ୍ୱୟନର ବିଭିନ୍ନ ପରର୍ଯ୍ୟାୟରେ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ବିବରଣୀ ଦେଇଥିଲେ। ମତବିନିମୟ ଅଧିବେଶନରେ ଶ୍ରୀ ଭୌମିକ ସ୍ୱାସ୍ଥ୍ୟ ସେବା, ପରିବେଶ, ଶିକ୍ଷା, କ୍ରୀଡା, ସିଏସ୍‌ଆର୍ ଇତ୍ୟାଦି ବିଭିନ୍ନ ପ୍ରସଙ୍ଗରେ ଇସ୍ପାତ କାରଖାନାର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ପ୍ରତିଦ୍ୱନ୍ଦିତାମୂଳକ ବଜାରରେ ତିଷ୍ଠି ରହିବା ପାଇଁ ପ୍ରଦର୍ଶନରେ ଉନ୍ନତି ଆଣିବା ନିମନ୍ତେ ଆରଏସପିର ବିବିଧ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ବନ ପଦଚିହ୍ନ ହ୍ରାସ ପାଇଁ ଆରଏସପି ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ ସେ କହିଥିଲେ। ମିଡିଆ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉଠାଯାଇଥିବା କିଛି ପ୍ରସଙ୍ଗ ଉପରେ ଶ୍ରୀ ତରୁଣ ମିଶ୍ର ଏବଂ ଡାକ୍ତର ପି କେ ମହାପାତ୍ର ଉତ୍ତର ଦେଇଥିଲେ। ଆରମ୍ଭରେ ଲୋକ ସମ୍ପର୍କ ବିଭାଗର ମହାପ୍ରବନ୍ଧକ ତଥା ସଞ୍ଚାରମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥୀ ସମାବେଶକୁ ସ୍ୱାଗତ କରିଥିବା ବେଳେ ଉପପ୍ରବନ୍ଧକ ଶ୍ରୀ ଶଶାଙ୍କ ଶେଖର ପଟ୍ଟନାୟକ 'ରାଉରକେଲା ଇସ୍ପାତ କାରଖାନା-ଆଜି ଏବଂ ଆସନ୍ତାକାଲି' ପ୍ରସଙ୍ଗରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ ଯେଉଁଥିରେ ଆରଏସପିର ବିଭିନ୍ନ ପ୍ରୟାସ, ସଫଳତା, ଲକ୍ଷ୍ୟ ଏବଂ ଆହ୍ୱାନ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ଆରଏସପିର ସିଏସଆର କାର୍ଯ୍ୟଧାରା ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସହକାରୀ ପ୍ରବନ୍ଧକ ଶ୍ରୀ ଜୟଦେବ ମଜୁମଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବାଲେଶ୍ୱର ଜିଲ୍ଲା ସ୍କୁଲ୍ ଭୂସଂପତ୍ତି ସୁରକ୍ଷା ଦାବିରେ ଆସନ୍ତା ୧୪ରେ ପରିବର୍ଦ୍ଧିତ ବୈଠକ

ବାଲେଶ୍ୱର, ୧୧/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାସ୍କୁଲ୍ ଭୂସଂପତ୍ତିର ସୁରକ୍ଷା ପାଇଁ ସିଭିଲ୍ ସୋସାଇଟିର ଏକ ପ୍ରତିନିଧି ଦଳ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ସଂପାଦକ ମନୋଜ ନାୟକଙ୍କ ନେତୃତ୍ୱରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁରପ୍ରକାଶଙ୍କୁ ସାକ୍ଷାତ କରି ରାଜସ୍ୱ ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ସହ ଆବଶ୍ୟକୀୟ ଦସ୍ତାବିଜ୍, ରାଜସ୍ୱ ବିଭାଗ ଚିଠି, ଗତ ୨୦୦୨ ମସିହାରେ ତତ୍କାଳୀନ ଜିଲ୍ଲାପାଳଙ୍କ ଅଧକ୍ଷତାରେ ହୋଇଥିବା ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖଙ୍କ ସ୍ୱାକ୍ଷର ସଂବଳିତ ସମସ୍ତ ରାଜିନାମାର ନକଲ ସଂଯୋଗ କରାଯାଇଛି। ବ୍ରିଟିଶ ଶାସନ କାଳରେ ଗତ ୧୮୫୩ ମସିହାରେ ପ୍ରତିଷ୍ଠିତ ବାଲେଶ୍ୱର ଜିଲ୍ଲାସ୍କୁଲ୍ ବର୍ତ୍ତମାନ ଅବସ୍ଥିତ ଥିବା ଜମି ଓ ଛାତ୍ରଛାତ୍ରୀ ବ୍ୟବହାର କରୁଥିବା ଖେଳ ପଡ଼ିଆର ସଂପତ୍ତି ଅଦ୍ୟାବଧି ସ୍କୁଲ୍ ନାମରେ ନଥିବାରୁ ଏହି ସଂପତ୍ତିକୁ ବେଆଇନ ଭାବେ କେତେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଦଖଲ କରିନେଇଥିବାର ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ତୁରନ୍ତ ସ୍କୁଲର ୧୨ ଏକର ୬୧ ଡେସିମିଲ ଓ ଖେଳପଡ଼ିଆର ୪ ଏକର ୭୨ ଡେସିମିଲ୍ ଜମିକୁ ଚିହ୍ନଟ କରି ସ୍କୁଲ୍ ନାମରେ ଆବଶ୍ୟକୀୟ ପଟ୍ଟା ପ୍ରଦାନ ପାଇଁ ପ୍ରତିନିଧିମାନେ ଦାବି କରିଥିଲେ। ଗତ ଅଗଷ୍ଟ ୨୧ ତାରିଖରେ ସିଭିଲ୍ ସୋସାଇଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ର ଉପରେ ଅଗଷ୍ଟ ୨୯ ତାରିଖରେ ପ୍ରଶାସନ ପକ୍ଷରୁ ସ୍କୁଲର ଖେଳ ପଡ଼ିଆ ମାପ କରାଯାଇଥିଲେ ମଧ ଅଦ୍ୟାବଧି ସ୍କୁଲ୍ କର୍ତ୍ତୃପକ୍ଷ କିମ୍ବା ସିଭିଲ୍ ସୋସାଇଟିକୁ ଫଳାଫଳ ଜଣାଇଯାଇନଥିବାର ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଯଦି ଏହି ଐତିହ୍ୟସଂପନ୍ନ ଶିକ୍ଷାନୁଷ୍ଠାନ ଭୂସଂପତ୍ତିର ସୁରକ୍ଷାପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ସିଭିଲ୍ ସୋସାଇଟି, ସ୍କୁଲ୍ ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ ଓ ଅଭିଭାବକମାନେ ମିଳିତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୋସାଇଟି ପକ୍ଷରୁ କୁହାଯାଇଛି। ଏଥିପାଇଁ ଆସନ୍ତା ୧୪ ତାରିଖ ଶନିବାର ସନ୍ଧ୍ୟାରେ ଏକ ପରିବର୍ଦ୍ଧିତ ବୈଠକ ପାଇଁ ସିଭିଲ୍ ସୋସାଇଟି ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ଚାନ୍ଦିପୁରଠାରେ କ୍ଷେପଣାସ୍ତ୍ର ପରୀକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ଚୂଡାନ୍ତ ପ୍ରସ୍ତୁତି

## ୩ ଗୋଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ୬ ଗାଁର ମୋଟ ୩୧୦୦ ଜଣଙ୍କୁ ସ୍ଥାନାନ୍ତର ପାଇଁ ସୁବନ୍ଦୋବସ୍ତ

ବାଲେଶ୍ୱର, ୧୧/୯ (ନି.ପ୍ର): ଆସନ୍ତା ତା ୧୨ ତାରିଖ ଗୁରୁବାର ଦିନ ଚାନ୍ଦିପୁର ଆଇଟିଆର ଖଉ-ଓଓଓ କ୍ଷେପଣାସ୍ତ୍ର ଘାଟିରୁ ହେବାକୁ ଥିବା କ୍ଷେପଣାସ୍ତ୍ର ପରୀକ୍ଷାର ସୂଚାରୁ ପରିଚାଳନା ଦିଗରେ ଜିଲ୍ଲା ପ୍ରଶାସନର ପକ୍ଷରୁ ସମସ୍ତ ପ୍ରସ୍ତୁତି ଜାରି ରହିଛି ଓ ଚାନ୍ଦିପୁର ଆଇଟିଆର LC-III କ୍ଷେପଣାସ୍ତ୍ର ଘାଟିରୁ କ୍ଷେପଣାସ୍ତ୍ର ପରୀକ୍ଷା କରାଯିବା ପାଇଁ ନିର୍ଦ୍ଧାରିତ ହୋଇଥିବା ସାଢ଼େ ଦୁଇ କିଲୋମିଟର ପରିଧି ଅଞ୍ଚଳର ଜନସାଧାରଣଙ୍କ ସ୍ଥାନାନ୍ତର ଓ ସୁରକ୍ଷା ନିମନ୍ତେ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ଜୟଦେବକସବା ପାହି ଓ ସାହାଜାନଗର ପାହି (୧୦୯୩), ଭୀମପୁର ପାହି ଓ ତୁଣ୍ଡରା ପାହି (୮୯୫) ଓ ଖଡୁପାହି ଓ କୁସୁମୁଳୀ (୧୧୧୨) ଅଞ୍ଚଳର ମୋଟ ୩୧୦୦ ଲୋକଙ୍କ ପୁନର୍ବାସ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସୁବନ୍ଦୋବସ୍ତ କରାଯାଇଅଛି ଓ ଜୟଦେବକସବା ପାହି ଓ ସାହାଜାନନଗର ପାହି ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ଜୟଦେବକସବା ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀଠାରେ ନିର୍ମାଣ କରାଯାଇଛି । ଖଡୁପାହି ଓ ତୁଣ୍ଡରା ପାହିର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ଖଡୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ନିର୍ମାଣ କରାଯାଇଛି । କୁସୁମୁଳୀ ଓ ଭୀମପୁର ପାହିର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ଭୀମପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ନିର୍ମାଣ କରାଯାଇଛି । ଏହି ସମସ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡିକରେ ସ୍ଥାନାନ୍ତରିତ ଲୋକଙ୍କ ସହଜତା ପାଇଁ ୧୦୦ ରୁ ଉର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ସେହିଭଳି ପୋଲିସ ପ୍ରଶାସନ ପକ୍ଷରୁ ୧୫ ଗୋଟି ପୋଲିସ ଫୋର୍ସ ସେକ୍ସନ ମୁତୟନ କରାଯାଇଛି । ଉକ୍ତ ଅଞ୍ଚଳଗୁଡିକରେ ଆଜି ଡ଼ାକବାଜି ଯନ୍ତ୍ରଦ୍ୱାରା ଜନସାଧାରଣଙ୍କୁ ଆସନ୍ତା କାଲି ସକାଳ ଘ. ୦୬ ଠାରୁ ସ୍ଥାନାନ୍ତର ଓ କ୍ଷେପଣାସ୍ତ୍ର ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଶିବିରରେ ରହିବାକୁ ସୂଚନା ଦିଆଯାଇଛି ଓ ଏହି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଜନସାଧାରଣଙ୍କ ନିମନ୍ତେ ଜଳଖିଆ ଏବଂ ମଧ୍ୟାହ୍ନ ଭୋଜନ ଆଇଟିଆର ପକ୍ଷରୁ ପ୍ରଦାନ କରାଯିବ ଓ ଯୋଗ୍ୟ ହିତାଧିକାରୀଙ୍କ ପ୍ରାପ୍ୟ ଟଙ୍କା ସେହିଦିନ ପୂର୍ବାହ୍ନ ଘ. ୧୧ ସୁଦ୍ଧା ତାଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ। ଉକ୍ତ କାର୍ଯକ୍ରମରେ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂପୃକ୍ତ ଅଞ୍ଚଳର ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

# ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ପୁସ୍ତକ ଉନ୍ମୋଚନ

ଭୁବନେଶ୍ୱର , ୧୧/୯ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ-ମୁଖ୍ୟ ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ ଦୁଇଟି ପୁସ୍ତକ ଶାନ୍ତିନିକେତନସ୍ଥିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଉନ୍ମୋଚିତ ହୋଇଯାଇଛି। ଗୋଟିଏ ପୁସ୍ତକ ହେଉଛି ବିଶ୍ୱଜୀବନ ଶାନ୍ତିନିକେତନ ଓ ଆଉ ଏକ ପୁସ୍ତକ ଗଙ୍ଗାଧରଙ୍କ ସମ୍ପର୍କରେ ଲିଖିତ ପ୍ରଫେସର ମେହେରଙ୍କ ଓଡ଼ିଆ ପ୍ରବନ୍ଧଗୁଡିକର ହିନ୍ଦୀ ଅନୁବାଦ, ସ୍ୱଭାବ-କବି ଗଙ୍ଗାଧର ମେହେର। ଏହାକୁ ଅନୁବାଦ କରିଛନ୍ତି ବିଶିଷ୍ଟ ଅନୁବାଦକ ଶ୍ରୀଯୁକ୍ତ ଉଦୟନ ସୂପକାର। ଓଡ଼ିଆ ବିଭାଗ-ମୁଖ୍ୟ ପ୍ରଫେସର ମନୋରଞ୍ଜନ ପ୍ରଧାନ




ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରିଥିଲେ। ସଭାରେ ଉପସ୍ଥିତ ଥିଲେ ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଶରତ କୁମାର ଜେନା, ଡକ୍ଟର ରବୀନ୍ଦ୍ର କୁମାର ଦାସ, ଡକ୍ଟର ଇନ୍ଦ୍ରମଣି ସାହୁ, ଡକ୍ଟର ପ୍ରମିଳା ପାଟୁଳିଆ, ବିଭାଗର ଗବେଷକ ଗବେଷିକା ଓ ଛାତ୍ରଛାତ୍ରୀବୃନ୍ଦ। ବିଶ୍ୱଜୀବନ ଶାନ୍ତିନିକେତନ ପୁସ୍ତକ ବିଶ୍ୱକବି ରବୀନ୍ଦ୍ରନାଥ ଓ ତାଙ୍କ ପ୍ରତିଷ୍ଠିତ ଶାନ୍ତିନିକେତନ ପ୍ରତି ଏକ ଶ୍ରେଷ୍ଠ ଅର୍ଘ୍ୟ ହୋଇଥିବାବେଳେ, ସ୍ୱଭାବ-କବି ଗଙ୍ଗାଧରଙ୍କ ସମ୍ପର୍କରେ ପ୍ରକାଶିତ ହିନ୍ଦୀ ପୁସ୍ତକ ଓଡିଶା ବାହାରେ ନିଶ୍ଚୟ ଆଦୃତ ହେବ ବୋଲି ପ୍ରଫେସର ମନୋରଞ୍ଜନ ପ୍ରଧାନଙ୍କ ସହ ଅଧାପକବୃନ୍ଦ ମତବ୍ୟକ୍ତ କରିଥିଲେ। ଉଭୟ ପୁସ୍ତକ ଶାନ୍ତିନିକେତନରେ ଲୋକାର୍ପଣ ପାଇଁ ସଦିଚ୍ଛା ପ୍ରକଟ କରିଥିବା ଯୋଗୁଁ ବିଭାଗ ତରଫରୁ ଲେଖକ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ ବିଭାଗ ତରଫରୁ ଅଭିନନ୍ଦନ ଜ୍ଞାପନ ସଂଗେ ସଂଗେ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏଠାରେ ଉଲ୍ଲେଖନୀୟ ଯେ, ପ୍ରଫେସର ମେହେର ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପରିଦର୍ଶକ ପ୍ରଫେସର ଭାବରେ ନିଯୁକ୍ତ ହୋଇ ସେଠାରେ କର୍ମରତ ଅଛନ୍ତି।

# ସନ୍ଥ ବିନୋବା ଭାବେଙ୍କ ୧୩୦ ତମ ଜନ୍ମ ଜୟନ୍ତୀ ପାଳିତ



ବାରିପଦା , ୧୧/୯ (ନି.ପ୍ର): ଭୂଦାନ ଆନ୍ଦୋଳନର ପୁରୋଧା ସନ୍ଥ ବିନୋବା ଭବେଙ୍କ ୧୩୦ ତମ ଜନ୍ମ ଜୟନ୍ତୀ ଉତ୍କଳ ସର୍ବୋଦୟ ମଣ୍ଡଳ ମୟୁରଭଞ୍ଜ ଜିଲ୍ଲା ଶାଖା ତରଫରୁ ଭଂଜପୁର ସ୍ଥିତସର୍ବୋଦୟ ଆଶ୍ରମ ଠାରେ ପାଳିତ ହୋଇଯାଇଛି। ଏହି ଅବସର ରେ ଗାନ୍ଧିବାଦୀ ଶରତ ଚନ୍ଦ୍ର ନାୟକ, ବିରଜା ଦେବି, ସାମ୍ବାଦିକ ସୟେଦ ସିରାଜୁଦ୍ଦିନ, ଦୀପକ କୁମାର ନାୟକ, ଦିଲ୍ଲୀପ କୁମାର ପାତ୍ର, ଲଳିତ କୁମାର ବାରିକ, ଆଇନଜୀବୀ ପ୍ରଦୀପ କୁମାର ପଲେଇ, ସୁସ୍ମିତା ପ୍ରିୟଦର୍ଶନୀ ମହାନ୍ତି, ଶୌର୍ଯ୍ୟ ସୋମଦର୍ଶି ମହାନ୍ତି, ଦେବ ରଂଜନ ପରିଡା, ଇଛାମତି ପାତ୍ର, ଅଙ୍କିତା ଦାସ, ରାକ୍ଷୀ ପ୍ରିୟା ମାରାଣ୍ଡି, ଦିବ୍ୟଶ୍ରୀ ସିଂ, ରୀତିଶା ନାୟକ, ଶୈଳଜା ପଣ୍ଡା, ଦିବ୍ୟାନସି, ଅବିନାଶ ମହାକୁଡ଼, ବୈଭବ ଲେଙ୍କା ପ୍ରମୁଖ ଯୋଗଦେଇ ସନ୍ଥ ବିନୋବା ଗାନ୍ଧିଜୀଙ୍କର ବାସ୍ତବ ଉତ୍ତରଧିକାରୀ ଥିଲେ। ଭୂଦାନ ଗ୍ରାମଦାନ ଆନ୍ଦୋଳନ ମାଧ୍ୟମରେ ଗ୍ରାମ ସ୍ୱରାଜ୍ୟ ପ୍ରତିଷ୍ଠା କରିବା, ନିଶା ମୁକ୍ତ ସମାଜ ଗଠନ କରିବା ତାଙ୍କର ମୂଳ ଲକ୍ଷ ଥିଲା। ଆଜିର କଳୁଷିତ ସମୟରେ ଯୁବ ପିଢ଼ି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇ ପାରିବ ବୋଲି କହିଥିଲେ. ଅତିଥି ମାନେ ସନ୍ଥ ବିନୋବାଙ୍କ ଫୋଟ ଚିତ୍ରରେ ସୁତାମାଳା ଅର୍ପଣ କଲା ପରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା ।

# ଜାମଶୂଳୀ କଲେଜରେ କାଦମ୍ବରୀ ବ୍ରଜମୋହନ ମେଧା ସମ୍ମାନ ସମାରୋହ

ବାଲିଆପାଳ ୧୧/୯( ନି ପ୍ର ) ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ କଲେଜ ସମ୍ମିଳନୀ କକ୍ଷରେ ବୁଧବାର ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭିନ୍ନ ବିଭାଗର ଶେଷ କୃତୀ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ କାଦମ୍ବରୀ ବ୍ରଜମୋହନ ମେଧା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧକ୍ଷା ଲିପିକା ଜାନା ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଜି ବି ସଭାପତି ସୃଷ୍ଟିଧର ପାତ୍ର ମୁଖ୍ୟ ଅତିଥି, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଅର୍ଥନୀତି ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ନାୟକ, ଗଣିତ ବିଭାଗ ମୁଖ୍ୟ ଡ଼ଃ ସୁକାନ୍ତ କୁମାର ଗିରି ପ୍ରମୁଖ ଯୋଗ ଦେଇ ମେଧାବୀ ଛାତ୍ର ଛାତ୍ରୀଙ୍କୁ ଆଗକୁ ଯିବା ପାଇଁ ସମ୍ବର୍ଦ୍ଧନା ଅତି ଜରୁରୀ ବୋଲି କହିଥିଲେ। ଏହା ସେମାନଙ୍କୁ ପ୍ରେରଣା ଦେଇଥାଏ ବୋଲି ସେମାନେ ମଧ କହିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଦେବବ୍ରତ ଦାସ ମଞ୍ଚ ଆହ୍ୱାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ଇତିହାସ ବିଭାଗ ମୁଖ୍ୟ ବରିଷ୍ଠ ଅଧ୍ୟାପକ ପରମାନନ୍ଦ ମହାନ୍ତି, ନଗେନ୍ଦ୍ର ନାଥ ପାତ୍ର, ତାପସ ତନୟ ନନ୍ଦୀ, ସୁରେଶ ଚନ୍ଦ୍ର ନାୟକ, ପର୍ଶୁରାମ ଗିରି, ଅଲେଖ ଚନ୍ଦ୍ର ସୁର, ଶିବ ପ୍ରସାଦ ଦାସ, ପ୍ରଭାତ ରଞ୍ଜନ ଦାସ, ଅଧ୍ୟାପିକା ମିତା ରାଣୀ ଜେନା,ମୟୁଖ ମଣ୍ଡଳ, ମାସଙ୍ଗ ଟୁଡୁ, ଅଧ୍ୟାପିକା ତନୁଶ୍ରୀ ନାୟକ,ସ୍ୱାଗତିକା ଜେନା, ସୁଦେସ୍ନା ଦେ,ଏସ କେ ସାବିର ହାସନ, ଦିଲ୍ଲୀପ କୁମାର ହାଜିରା ପ୍ରମୁଖ ଏହାକୁ ପରିଚାଳନା କରିଥିବାବେଳେ ଅଧାପକ ଅଜିତ କୁମାର ଭୂୟାଁ, ବଂକିମ ଚନ୍ଦ୍ର ମୈକାପ, ଆଶୁତୋଷ ଯତି,ସବନମ ଖାତୁନ, ସମ୍ପିତ କୁମାର ଦଳାଇ, ଶ୍ରୀକାନ୍ତ ମହାପାତ୍ର, ଶଶିକାନ୍ତ ଜେନା, ପ୍ରଶାନ୍ତ କୁମାର ଗିରି, ଦେବେନ୍ଦ୍ର କୁମାର ଘୋଷ, ପ୍ରମଥ ମାନ୍ନା,ଗଣେଶ ଚନ୍ଦ୍ର ଜେନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ମେଧା ସମ୍ମାନର ପୃଷ୍ଠ ପୋଷାକ ସଞ୍ଜୟ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ।

# ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ଦାବି ଜଣାଇଲା ହୋ ସମାଜ

ନୀଳଗିରି , ୧୧/୯ (ନି.ପ୍ର): ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସଭାପତି ବସନ୍ତ କୁମାର ସିଂ ବୁଲିଭଲି ଙ୍କ ନେତୃତ୍ୱରେ ନୀଳଗିରି ଉପଜିଲ୍ଲାପାଳଙ୍କୁ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବୀ ମଧରେ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା, ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ, ସଠିକ୍ ଭାବେ ହୋ ଭାଷାରେ ଅଙ୍ଗନଓ୍ୱାଡ଼ି ମାନଙ୍କରେ



'ନୂଆ ଅରୁଣିମା 'ମାର୍ଗଦର୍ଶିକା ପୁସ୍ତକ ପ୍ରଚଳନ କରିବା, ପ୍ରାଥମିକ ବିଦ୍ୟାଳୟ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ହୋ ଭାଷାରେ ପାଠ୍ୟ ପୁସ୍ତକ ପ୍ରଚଳନ କରିବା, ୭୦ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ଥିବା ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ହୋ ଶିକ୍ଷକ ନିଯୁକ୍ତି କରାଯିବା ନେଇ ଦାବୀପତ୍ର ପ୍ରଦାନ କରାଯାଇଛି। ଏହି ଦାବୀପତ୍ର ପ୍ରଦାନରେ ଗରଡିହି ଗ୍ରାମପଞ୍ଚାୟତର ସରପଞ୍ଚ ଶିବାଜୀ ସିଂ, ପୂର୍ବତନ ସରପଞ୍ଚ ଭାଗିରଥି ସିଂ, ଚନ୍ଦନ ସିଂ, ରବୀନ୍ଦ୍ର କୁମାର ସିଂ, କାର୍ତ୍ତିକ ସିଂ, ବିଜୟ କୁମାର ସିଂ, ମାନଗୋବିନ୍ଦ ସିଂ ପ୍ରମୁଖ ଉପସ୍ଥିତ ରହି ଦାବୀପତ୍ର ପ୍ରଦାନ କରିଥିଲେ।

# ଅଖନୁର ସୀମାରେ ପାକିସ୍ତାନର ଅସ୍ତ୍ରବିରତି ଉଲଂଘନ: ଯବାନ ଆହତ

ଜମ୍ମୁ, ୧୧ ସେପଟ୍ମେର , ୧୧/୯ : ପାକିସ୍ତାନର ବାନମାନେ ବୁଧବାର ଜମ୍ମୁ ଜିଲ୍ଲାର ଉପଜିଲ୍ଲା ଅଖନୁର ସୀମାରେ ଅସ୍ତ୍ରବିରତି ଉଲଂଘନ କରି ଭାରତୀୟ ଚେକପୋଷ୍ଟ ଉପରେ ଗୁଳି ଚଳାଇଥିଲେ । ବିଏସଏଫ ଯବାନ ମଧ ଏହାର କଡା ଜବାବ ଦେଇଛନ୍ତି। ଗୁଳି ବିନିମୟରେ ସୀମା ସୁରକ୍ଷାବଳ (ବିଏସଏଫ)ର ଜଣେ ଯବାନ ଆହତ ହୋଇଛନ୍ତି। ଆହତ ହୋଇଥିବା ଯବାନଙ୍କ ଚିକିର୍ସା ପାଇଁ ହସ୍ପିଟାଲରେ ଭର୍ତ୍ତିକରାଯାଇଛି । ସୀମା ସୁରକ୍ଷା ବାହିନୀର ମୁଖପାତ୍ର କହିଛନ୍ତି ଅଖନୁର ଅଂଚଳରେ ସୀମା ପାର ଗୁଳିବିନିମୟ ହୋଇଥିଲା । ବିଏସଏଫ ଏହାର ଉକ୍ତ ଜବାବ ଦେଇଛି।




# ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୧/୯ : ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି (୧୧ ସେପଟ୍ମେର ୨୦୨୪) ରାଷ୍ଟ୍ରୀୟ ଭବନରେ ନର୍ସିଂ ପ୍ରଫେସନାଲ୍ସାନଙ୍କୁ ୨୦୨୪ ବର୍ଷ ପାଇଁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ପୁରସ୍କାର ପ୍ରଦାନ କରିଥିଲେ । ଉଲ୍ଲେଖନୀୟ ନର୍ସିଂ କର୍ମଚାରୀଙ୍କ ଦ୍ୱାରା ପ୍ରଦତ୍ତ ଗୁଣାତ୍ମକ ସେବାକୁ ସ୍ୱୀକୃତି ଏବଂ ସମ୍ମାନ ଦେବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ପୁରସ୍କାର ସ୍ଥାପନା କରାଯାଇଥିଲା ।

# ପାରାଦୀପ ନଗର ବିଜେଡିର ସାଙ୍ଗଠନିକ ବୈଠକ: ବିଜୁ ଜନତା ଦଳ ସଙ୍ଗଠିତ ରହିବାକୁ ପରାମର୍ଶ

ପାରାଦୀପ, ୧୧/୯ (ନି.ପ୍ର): ପାରାଦୀପ ନଗର ବିଜୁ ଜନତା ଦଳର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ଆଜି ସନ୍ଧ୍ୟାରେ ମଧୁବନସ୍ଥିତ ଶ୍ରମିକ ଭବନ ଠାରେ ଏକ ସାଙ୍ଗଠନିକ ବୈଠକ ଆୟୋଜନ କରାଯାଇଥିଲା। ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ପୂର୍ବତନ ସାଂସଦ ଡା.କୁଳମଣି ସାମଲ, ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଇଂ ପ୍ରମୋଦ କିଶୋର ଜେନା, ନଗର ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ପାରାଦୀପ ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ନାରୀ ନେତ୍ରୀ ଚପଳା ସ୍ୱାଇଁ, ନଳିନୀ ସାହୁ, ଉପସଭାପତି




ଉଲ୍ଲାସ ବିଶ୍ୱାଳ, ଅଟଳ ପରିଡା, ନଗେନ୍ଦ୍ର ରାଉତ ପ୍ରମୁଖଙ୍କ ସମେତ ବହୁ ପାରିଷଦ ଓ ୧୯ ଟି ୱାର୍ଡ ର ମୁଖିଆ ଯୋଗ ଦେଇଥିଲେ। ପୂର୍ବତନ ସାଂସଦ ଡଃ ସାମଲ ଓ ଇଂ ଶ୍ରୀ ଜେନା ଦଳର ସଙ୍ଗଠନକୁ ମଜଭୁତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।ବିଜେଡି ରାଜ୍ୟରେ ସରକାର ନ କରି ପାରିଥିଲେ ମଧ ଆମେ ନବୀନ ବାବୁଙ୍କ ନେତୃତ୍ୱ କୁ ଏବେବି ସମ୍ମାନ ଦେଉଛେ, ତାଙ୍କ ଭଳି ନେତା ଭାରତ ବର୍ଷରେ ବିରଳ।ଆଗକୁ ବସନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ପାରାଦୀପ ରେ ବିଜୁ ଜନତା ଦଳ ସଙ୍ଗଠିତ ରହିବ।ଏହି ବୈଠକରେ ଦଳର ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo